ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

ଶୁକ୍ରବାର, ଡିସେମ୍ବର ୦୨, ୨୦୨୨

website : www.dhwanipratidhwani.net
email: pratidhwani.dhwani@gmail.com





ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ODISHA
NEW OPPORTUNITIES



*Odisha's 3rd flagship Investors' Summit*

MAKE IN
**ODISHA**
CONCLAVE'22
**BHUBANESWAR | 30 NOV-04 DEC | 2022**

*Come & explore the vast investment opportunities in Odisha.*

**Shri Naveen Patnaik**
Hon'ble Chief Minister, Odisha

**10:30 AM | 03rd DEC. 2022 | JANATA MAIDAN | BHUBANESWAR**

# VALEDICTORY CEREMONY

**Felicitation of 60 Top Entrepreneurs**

**Laser Show**

**Award Ceremony**

**Cultural Program and Fashion Show**

**Fireworks**

## COME, JOIN THE JUGGERNAUT

**Gate 1** Entry for Invitee & General Public | **Gate 2** Entry for Special Invitee | **Gate 3** Entry for Media

**Registered Visitors Timing** 10:00 AM Onwards | **Public Timing** 1st-3rd Dec. 2022, 4PM-8PM | 4th Dec. 2022, 11AM-8PM

Industry Partner FICCI | Investment Promotion Advisor pwc

Country Partners: Germany, Japan, Norway




**Live Streaming on Youtube**
**https://youtu.be/sYAsXeNuLMs**

SCAN ME

Scan to See Live

OIPR : 14005/13/0040/2223

## କୋଟପାଡ଼ରେ ବଢୁଛି ଚୋରି

ଜୟପୁର, ୦୧/୧୨ (ନି.ପ୍ର): କୋଟପାଡ଼ ସହରରେ ପୁଣି ସକ୍ରିୟ ହେଉଛନ୍ତି ଚୋର। ପଞ୍ଜାବ ନେସନାଲ ବ୍ୟାଙ୍କ ଶାଖାର ରହିଥିବା ଏଟିଏମରୁ ଟଙ୍କା ଲୁଟ ଉଦ୍ୟମ ହୋଇଛି। ରାତି ୨ଟା ସମୟରେ ଏହି ଘଟଣା ଘଟିଥିବା ବ୍ୟାଙ୍କ ଶାଖା ସିସିଟିଭି ଫୁଟେଜରୁ ଜଣାପଡିଛି। ଏଥିରେ ଗୋଟିଏ ଡକାୟତ ମୁହଁରେ କପଡା ବାନ୍ଧି ସିସିଟିଭି କ୍ୟାମେରାରେ ଜରି ଘୋଡାଇ ଏଟିଏମ ଭାଙ୍ଗିବାକୁ ଉଦ୍ୟମ ଚଲାଇଥିଲା, କିନ୍ତୁ ଟଙ୍କା ଲୁଟି ନେବାରେ ବିଫଳ ହୋଇଥିଲା। କୋଟପାଡ଼ ପୋଲିସ ଘଟଣାସ୍ଥଳରେ ପହଂଚି ଖୋଳତାଡ଼ ଆରମ୍ଭ କରିଛି। ବ୍ୟାଙ୍କ ସିସିଟିଭି ଫୁଟେଜରେ କୟଦ ଦୃଶ୍ୟକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଏଟିଏମ ଭାଙ୍ଗିବାରେ ବ୍ୟବହାର ହୋଇଥିବା ଉପକରଣକୁ ଜବତ କରିଛି। ସେହି ରାତ୍ରିରେ କୋଟପାଡ଼ ରେଞ୍ଜର ଅଫିସ ପଛ କୋଟପାଡ଼ ମହାବିଦ୍ୟାଳୟ ପ୍ରିନସିପାଲ ରେଣୁକା ଦାଶଙ୍କ ଭଡାଘରୁ ମଧ ଚୋରି ହୋଇଛି। ରହୁଥିବା ତାଙ୍କ ଘରେ ପଶି ଲକର ଭାଙ୍ଗି ଦୁଇ ଲକ୍ଷରୁ ଉର୍ଦ୍ଧ ଟଙ୍କା ଏବଂ ସୁନା ଗହଣା ଲୁଟି ନେଇଛନ୍ତି ଲୁଟେରା। ଦୁଇ ଚୋରି ଘଟଣାର ଛାନଭିନ ପାଇଁ ବୋରିଗୁମ୍ମା ଏସଡିପିଓ ମଧୁସିକ୍ତା ମିଶ୍ର, କୋଟପାଡ଼ ଥାନା ଅଧିକାରୀ ଶେଷଦେବ ବେହେରା ଘଟଣାସ୍ଥଳରେ ପହଂଚି ଏହାର ତଦନ୍ତ କରୁଛନ୍ତି। ସହରର ବିଭିନ୍ନ ସିସିଟିଭି ଫୁଟେଜରେ ଅନୁସନ୍ଧାନ କରିବା ସହ ଡଗ ସ୍କ୍ୱାଡ଼କୁ ଧରି ଘଟଣାର ତଦନ୍ତ ଜାରି ରଖିଥିବା ନଜରକୁ ଆସିଛି।

# ଜାତୀୟ ଶିକ୍ଷା ନୀତି ୨୦୨୦ ସେମିନାର ଅନୁଷ୍ଠିତ

ମାଲକାନଗିରି, ୦୧/୧୨ (ନି.ପ୍ର): ସ୍ଥାନୀୟ ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ମୁଖ୍ୟ ତଥା ଆବାହକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁଙ୍କ ଦିଗଦର୍ଶନରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ରଛାତ୍ରୀ ମାନଙ୍କୁ ନେଇ ଜାତୀୟ ଶିକ୍ଷା ନୀତି-୨୦୨୦ କୁ ସଂକ୍ରାନ୍ତୀୟ ଏକ ସେମିନାର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ସେମିନାରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଷଡଙ୍ଗୀ ଅଧ୍ୟକ୍ଷତା କରିଥିବା ବେଳେ ଉକ୍ତ କର୍ମଶାଳାକୁ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ବାଣିଜ୍ୟବିଭାଗର ଛାତ୍ରୀ ଗଣ ପ୍ରାରମ୍ଭିକ ସଙ୍ଗୀତ ଗାନ କରିବା ପରେ ଅଧାପିକା ସୁଶ୍ରୀ ଆରତୀ ଲୁଗୁନ ସ୍ୱାଗତ ଅଭିଭାଷଣ ପ୍ରଦାନକରିଥିଲେ । ସେମିନାରର ଆବାହକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା କରି ଜାତୀୟ ଶିକ୍ଷା ନୀତି କିପରି ଛାତ୍ରଛାତ୍ରୀ ମାନଙ୍କୁ ସହାୟକ ହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ନୂତନ ଜାତୀୟ ଶିକ୍ଷାନୀତିର ମୁଖ୍ୟ ବୈଶିଷ୍ଟ୍ୟ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଷଡ଼ଙ୍ଗୀ ନୂତନ ଶିକ୍ଷାନୀତିରେ ଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଛାତ୍ରଛାତ୍ରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେମିନାରର ମୁଖ୍ୟ ବକ୍ତା ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିକ୍ଷାବିତ ରବୀନ୍ଦ୍ର କୁମାର ମହାରଣା ଜାତୀୟ ଶିକ୍ଷା ନୀତି-୨୦୨୦ ର ପୃଷ୍ଠଭୂମି,ଏହାର ଲକ୍ଷ୍ୟ, ଉଦ୍ଦେଶ୍ୟ, ନୀତି, ସଂସ୍କାର, ବିଦ୍ୟାଳୟ ଶିକ୍ଷା, ଉଚ୍ଚଶିକ୍ଷାରେ ଅଣାଯାଇ ଥିବା ନୂତନ ପରିବର୍ତନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ସହକାରୀ ଜିଲ୍ଲାପାଳ ଅଜୟ କୁମାର ମାଣ୍ଡାଙ୍ଗୀ ଓ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟର ଅକ୍ଷୟ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିକ୍ରମ ଦେବ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧାପିକା ମେଘା ଅଗ୍ରୱାଲ ସେମିନାରକୁ ସୁନ୍ଦରଭାବେ ସଂଯୋଜନା କରିଥିଲେ। ଅଧାପିକ ଦୀପ୍ତି ରେଖା ମିଶ୍ର, ଆରତୀ ଲୁଗୁନ ସେମିନାରରେ ଅଂଶ ଗ୍ରହଣ କରିବା ସହ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ। ଯୁକ୍ତ ତିନି ବାଣିଜ୍ୟ ବିଭାଗ, ସମ୍ମାନର ୧୧ ଜଣ ଛାତ୍ରଛାତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ପ୍ରସ୍ତୁତ ସାରଗର୍ଭକ ସନ୍ଦର୍ଭ ପାଠ କରିଥିଲେ । ବାଣିଜ୍ୟ ବିଭାଗର ୬ ଜଣ ଅଧାପିକାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ନୂତନଭାବେ ନାମ ଲେଖାଇ ଥିବା ଯୁକ୍ତ ଦୁଇ ଓ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରଛାତ୍ରୀ ମାନଙ୍କୁ ପୁରାତନ ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟ ତରଫରୁ କଲମ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିଶେଷରେ ବାଣିଜ୍ୟ ଅଧାପକ ବି.ଜି.ରାଓ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ପ୍ରଥମ କରି ଅନୁଷ୍ଠିତ ହୋଇଥିବା ଯୋଗୁଁ ଅତିରିକ୍ତ ଜିଲ୍ଲାପାଳ ଏହାର ଉଚ୍ଚ ପ୍ରସଂଶା କରିଥିଲେ।

## ବିବାହର ପ୍ରଲୋଭନ ଦେଖାଇ ଦୁଷ୍କର୍ମ

ଜୟପୁର, ୦୧/୧୨ (ନି.ପ୍ର): ବିବାହର ପ୍ରଲୋଭନ ଦେଖାଇ ଯୁବତୀକୁ ଦୁଷ୍କର୍ମ କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା କୋରାପୁଟ ଜିଲା ବିସିଂପୁର ଥାନା ଲାଠିଗୁଡାର ପର୍ଶୁ ରାମ ପେଣ୍ଟିଆ (୨୫) । ପୋଲିସ ସୁଚନା ଅନୁଯାଇ ବୋରିଗୁମ୍ମା ବ୍ଲକ ଅଂଚଳରେ ରହୁଥିବା ଜଣେ ଯୁବତିକୁ ବିବାହର ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଛି । ଦୁଷ୍କର୍ମ କରିବା ପରେ ଅଭିଯୁକ୍ତ ପର୍ଶୁ ପେଣ୍ଟିଆ ଯୁବତି କୁ ବିବାହ କରିବାକୁ ମନା କରିଥିଲେ । ଏନେଇ ଗ୍ରାମରେ ବୈଠକ ମଧ ବସିଥିଲା କିଛି ସମାଧାନ ହୋଇପାରି ନଥିଲା । ଶେଷରେ ଯୁବତି ଜଣକ ମହିଳା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ମହିଳା ପୋଲିସ ମାମଲା ୧୩୨/୨୨ ରୁଜୁ କରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ମହିଳା ଥାନା ଅଧିକାରି ମମତା ପାଣିଗ୍ରାହୀ ସୁଚନା ଦେଇଛନ୍ତି ।

## ଫୁଲବାଣୀ ଉପକଣ୍ଠ ରୁଜାଙ୍ଗି ଅଂଚଳରେ ଶୀତ ଋତୁରେ ପାନୀୟ ଜଳ ସମସ୍ୟା: ପ୍ରତିବାଦରେ ରାସ୍ତାରୋକ

କନ୍ଧମାଳ, ୦୧/୧୨ (ନି.ପ୍ର): ପ୍ରଚଣ୍ଡ ଶୀତରେ ଦେଖାଦେଲାଣି ପାନୀୟ ଜଳ ସମସ୍ୟା। ପାଣି ପାଇଁ ଉତ୍ୟକ୍ତ ଲୋକେ ବୁଧବାର ବ୍ରହ୍ମପୁର – ଫୁଲବାଣୀ ଜାତୀୟ ରାଜପଥ ରୁଜାଙ୍ଗିଠାରେ ଗରା, ମାଠିଆ ବାଲଟି ରଖି ରାସ୍ତା ଅବରୋଧ କରିବା ଫଳରେ ବ୍ରହ୍ମପୁର, ବାଲିଗୁଡା, ରାୟଗଡା, ଆଦି ଯିବାକୁ ଥିବା ଗାଡି ମୋଟର ଆଦି ଅଟକି ରହିଛି ସକାଳୁ। ରୁଜାଙ୍ଗିରେ ୩ଟି ନଳକୂପ ଥିଲେ ବି ସବୁ ଗୁଡିକ ଅଚଳ ହୋଇପଡିଛି। ସେହିପରି ପାନୀୟ ଜଳ ପ୍ରକଳ୍ପ ମଧ ଅଚଳ। ମରାମତି କରିବା ପାଇଁ ବାରମ୍ବାର ଜଣାଇଥିଲେ ବି ସୁଫଳ ମିଳିଲାନି ଫଳରେ ଗତ ଚାରି ମାସ ହେଲା ପାନୀୟ ଜଳ ସୁବିଧା ନପାଇ ହନ୍ତସନ୍ତ ହେଉଥିଲେ ରୁଜାଙ୍ଗି ଗ୍ରାମବାବାସୀ। ଫଳରେ ବାଧ ହୋଇ ରାସ୍ତା ଅବରୋଧ କରିବାକୁ ପଡିଲା ବୋଲି ଗ୍ରାମର ଶିବାଶିନୀ ବେହେରା, ସୁକୁମାରୀ ବେହେରା କହିଛନ୍ତି । ଖବର ପାଇ ପୋଲିସ, ତହସିଲଦାର, ବିଡ଼ିଓ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ, ସରପଂଚ ପ୍ରମୁଖ ପହଂଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ଓ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରେ ଗ୍ରାମବାସୀ ମାନେ ପୂର୍ବରୁ ଜଣାଇଥିଲେ ପାନୀୟଜଳ ସମସ୍ୟା ସମାଧାନ ହୋଇପାରିଥାନ୍ତା । ବର୍ତମାନ ଅତି ଶୀଘ୍ର ସେମାନଙ୍କ ସମସ୍ୟା ଦୂର କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ଇଂ. ବି.କେ. ଦାଶ କହିଛନ୍ତି । ତେବେ ରୁଜାଙ୍ଗି ଗ୍ରାମର ପାନୀୟ ଜଳ ସମସ୍ୟା କେବେ ଦୂର ହେଉଛି ଆଗକୁ ଜଣାପଡିବ ।

## ଆମ ପୋଲିସ ସମିତି ବୈଠକ

ଜୟପୁର , ୦୧/୧୨ (ନି.ପ୍ର): କୋରାପୁଟ ଜିଲା ଜୟପୁର ସଦର ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ଉପସ୍ଥିତ ଥିଲେ । ସାଇବର ଠକାମି ପ୍ରତି ଦୂରେଇ ରହିବା, ସଂନ୍ଦିଗ୍ଧ ଲୋକଙ୍କ ଦେଖିଲେ ପୋଲିସ କୁ ସୁଚନା ଦେବା ଆଦି ସଚେତନ କରାଯାଇଥିଲା । ଏହା ସହ ସ୍ଥାନୀୟ ବୁଦ୍ଧିଜୀବି ଉପସ୍ଥିତ ରହି ସଂନ୍ଧ୍ୟା ସମୟରେ ପେଟ୍ରୋଲିଂକୁ କଡା କଡି କରିବାକୁ ଦାବୀ କରାଯାଇଥିଲା । ବାରମ୍ବାର ଅଂଚଳରେ ଦୁର୍ଘଟଣା ଘଟୁଥିବାରୁ ହେଲ ମେଟ ପିନ୍ଧାବାକୁ ପରାମର୍ଶ ଦିଆଯାଇଥିଲା । ମଦ କାରବାରକୁ ରୋକିବା, ଅଜଣା ଲୋକର କଲ ଆସିଲେ କୌଣସି ଗୁରୁତ୍ୱ ପୁଣ୍ଡ ନମ୍ବର ନଦେବା, ଓଟିପି ନମ୍ବର କାହାକୁ ନଦେବା, ଅପରଚିତ ଲୋକଙ୍କ ଫୋନ ରିସିଭ ନକରିବାକୁ ପୋଲିସ ତରଫରୁ ସଚେତନତା କରାଯାଇଥିଲା । ବାଲ୍ୟ ବିବାହ ଉପରେ ରୋକ ଲଗାଇବା ନେଇ ସଚେତନ କରାଯାଇଥିଲା । ଏହା ସହ ବାଇକ ଚଲାଇବା ସମୟରେ ହେଲମେଟ ବ୍ୟବହାର କରିବା ସହ ଘର ଭଡା ରହିବା ଲୋକ କାଗଜ ପତ୍ର ରଖିବା ସହ ପୋଲିସ କୁ ମଧ ସୁଚନା ଦେବାକୁ ସଚେତନ କରାଯାଇଥିଲା । ଏହି ବୈଠକରେ ସଦର ଅଂଚଳର ବୁଦ୍ଧୀଜୀବି ମାନେ ଉପସ୍ଥିତ ଥିଲେ। ନବିନ ଟପୋ,ରାଜ କିଶୋର ବାରିକ,ବାସନ୍ତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲିଘାଟ ସୀମା ନିର୍ଦ୍ଧାରଣ

ଧର୍ମଶାଳା, ୦୧/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଓ ରସୁଲପୁର ତହସିଲ ଅଧିନସ୍ଥ କୋଠଡିହ ଓ ଲଙ୍କା ବାଲିସାହିଠାରେ ବାହ୍ମଣୀ ନଦୀରୁ ବାଲି ଉତୋଳନ ନେଇ ସୀମା ବିବାଦ ଲାଗି ରହିଥିଲା। ଲିଜଧାରୀ ଧର୍ମଶାଳା ତହସିଲରୁ ବାଲି ଉଠାଇବା ଫଳରେ ଏହି ଅଂଚଳରେ ବାଲି ଉଠାଣକୁ ନେଇ ବିବାଦ ଲାଗି ରହିଥିଲା । ତେବେ ଏହି ବିବାଦକୁ ନେଇ ଧର୍ମଶାଳା ତହସିଲ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତବାସୀ ଏହାକୁ ନେଇ ଜିଲା ପ୍ରଶାସନର ଦ୍ୱାରସ୍ତ ହୋଇଥିଲେ । ଗତ କାଲି ଜିଲା ଆରକ୍ଷୀ ଅଧିକ୍ଷକ ରାହୁଲ ପିଆର ଏହି ସ୍ଥାନରେ ସୀମା ନିର୍ଦ୍ଧାରଣ ପାଇଁ ତହସିଲ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଆଜି ସକାଳେ ଏହି ସ୍ଥାନରେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସରକାରୀ ଅମିନ ମାପଚୁପ କରିଥିଲେ । ରସୁଲପୁର ତହସିଲ ସାମନ୍ତରାପୁର ସର୍କଲ ଅଧିନସ୍ଥ ଲଙ୍କାବାଲିସାହି ଓ ଧର୍ମଶାଳା ତହସିଲ ବାଙ୍କସାହି ସର୍କଲ ଅଧିନସ୍ଥ କୋଠଡିହ ଆଦି ଅଂଚଳକୁ ମାପଚୁପ କରାଯାଇଥିଲା । ମାପଚୁପ ସରିବା ପରେ ପ୍ରଶାସନ ପକ୍ଷରୁ ଏହି ସବୁ ସ୍ଥାନରେ ଖୁଂଟି ପୋତି ଦିଆଯାଇଥିଲା । ରସୁଲପୁର ତହସିଲ ଅଂଚଳରେ ବାଲି ଲିଜଧାରୀ ଧର୍ମଶାଳା ତହସିଲ ଅଧିନରେ ପ୍ରବେଶ ନ କରିବା ସହ ବାଲି ନ ଉଠାଇବାକୁ ଚେତାବନୀ ଦେଇଥିଲେ । ଲଙ୍କାବାଲିସାହିଠାରେ ଉଠୁଥିବା ବାଲି ଗାଡି ଗୁଡିକ ଲଙ୍କାବାଲିସାହି ରାସ୍ତା ଦେଇ ଯିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି । ଯଦି ଧର୍ମଶାଳା ଅଂଚଳରୁ ବାଲି ଉଠା ଯାଏ ତେବେ ଲିଜଧାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲ ପ୍ରଶାସନ ପକ୍ଷରୁ ଚେତବାନି ଦିଆଯାଇଛି । ରସୁଲପୁର ତହସିଲଦାର ଡ. ନିରଞ୍ଜନ ସାହୁ,ଅତିରିକ୍ତ ତହସିଲଦାର ଶୁଭସ୍ମିତା ନାୟକ,ଧର୍ମଶାଳା ଅତିରିକ୍ତ ତହସିଲଦାର ,ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ,ଯାଜପୁର ସଦର ଥାନା ଅଧିକାରୀ ମାନସ ରଂଜନ ଚକ୍ର,ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଏସ୍ ଦାଶରଥୀ ପାତ୍ର, ସାମନ୍ତରାପୁର ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ବେହେରା, ବାଙ୍କସାହି ରାଜସ୍ୱ ନିରୀକ୍ଷିକା ରାମେଶ୍ୱରୀ ଜେନା ଓ ସରକାରୀ ଅମୀନ ହିତେଶ ସାମଲ ପ୍ରମୁଖ ବାଲି ଘାଟରେ ଉପସ୍ଥିତ ରହି ସୀମା ନିର୍ଦ୍ଧାରଣ କରିଥିଲେ । ମଙ୍ଗଳପୁର ସରପଂଚ ପ୍ରମୋଦ କୁମାର ଜେନାଙ୍କ ସମେତ ମଙ୍ଗଳପୁର ପଂଚାୟତର ମୁରବୀ ଓ ଲଙ୍କାବାଲିସାହି ଅଂଚଳର ମୁରବୀ ଓ ଲିଜଧାରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ତେବେ ଏହି ଅଂଚଳରେ ଯେଉଁ ସୀମା ବିବାଦ ଲାଗି ରହିଥିଲା ତାହା ଏବେ ସମାଧାନ ହୋଇଛି ।

## ଦୁଷ୍କର୍ମକାରୀଙ୍କୁ ୧୦ବର୍ଷ ଜେଲ ଓ ୨୫ ହଜାର ଜରିମାନା

କେନ୍ଦ୍ରାପଡ଼ା, ୦୧/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅଧିନ ଜମ୍ବୁ ଗ୍ରାମର ଜଣେ ଦୁଷ୍କର୍ମକାରୀଙ୍କୁ କେନ୍ଦ୍ରାପଡା ଫାଷ୍ଟଟ୍ରାକ କୋର୍ଟର ବିଚାରପତି ତ୍ରିବିକ୍ରମ କେଶରୀ ଚିନାରା ୧୦ବର୍ଷ ଜେଲ ଓ ୨୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ୨୦୦୯ ମସିହା ମାର୍ଚ୍ଚ ୨ ତାରିଖ ରାତି ୧୨ଟା ସମୟରେ ସେହି ଗ୍ରମାର ଜଣେ ମହିଳା ଘରେ ଏକୁଟିଆ ଥିବାବେଳେ ତାଙ୍କ ସ୍ୱାମୀ ମାଛ ମାରିବାକୁ ଯାଇଥିଲେ । ଏହାରି ସୁଯୋଗରେ ସେହି ଗ୍ରାମର ବାସୁ ଦାସ ବୟସ ୪୪ ମିଛ ବାହାନା କରି କଣ ଗୋଟିଏ କାମୁଡି ଦେଲା କହି ସଂପୃକ୍ତ ମହିଳାଙ୍କ ଘର କବାଟ ବାଡେଇ ଖୋଲିବା ପାଇଁ କହିଥିଲା । ମହିଳା ଜଣକ କବାଟ ଖୋଲିବା ପରେ ବାସୁ ହଠାତ୍ ଗାମୁଛାରେ ସଂପୃକ୍ତ ମହିଳାଙ୍କ ପାଟିକୁ ମାଡି ଧରି ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା । ଏନେଇ ମହାକାଳପଡା ଥାନାରେ ଅଭିଯୋଗ ହେବାପରେ ସେସନ୍ସ ଟ୍ରାଏଲ କେସ ନଂ-୯୪/୨୦୧୩ ରେ ମାମଲା ବିଚାର କରାଯାଇ ୭ ଜଣଙ୍କର ସାକ୍ଷ୍ୟ ପ୍ରମାଣ ଆଧାରରେ ଦପା ୩୪୧/୫୦୬/ ୩୭୬ ଆଇପିସି ରେ ଆସାମୀକୁ ମାନ୍ୟବର ଜଜ ୧୦ ବର୍ଷ ଜେଲ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦାୟ ଅଧିକ ୯ ମାସ ଜେଲ ଦଣ୍ଡ ଦିଆଯାଇଛି । ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ସଂଜୟ କୁମାର ଜେନା ମାମଲା ପରିଚାଳନା କରିଥିଲେ ।

## ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆଙ୍କ ନାମରେ ଆର୍ଟ ଗ୍ୟାଲେରୀ ଉନ୍ମୋଚିତ

ଖୋର୍ଦ୍ଧା, ୦୧/୧୨ (ନି.ପ୍ର): ଚିଲିକା ବଡ଼କୁଳ ସ୍ଥିତ ଓଡ଼ି ଆର୍ଟ କେନ୍ଦ୍ରରେ ପୂର୍ବତନ ରାଷ୍ଟ୍ରଦୂତ ସ୍ୱର୍ଗତ ଅବସର ବେଉରିଆଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୁଧବାର ସ୍ୱର୍ଗତ ବେଉରିଆଙ୍କ ପତ୍ନୀ ତୃପ୍ତି ବେଉରିଆ ଆର୍ଟ ଗ୍ୟାଲେରୀ ଉନ୍ମୋଚନ କରିଥିଲେ। ଉନ୍ମୋଚନ ସମୟରେ ସ୍ୱର୍ଗତ ବେଉରିଆଙ୍କ ଦୁଇ ଝିଅ ପ୍ରାର୍ଥନା ବେଉରିଆ ଓ ଭର୍ଣ୍ଣବା ବେଉରିଆ ଉପସ୍ଥିତ ଥିଲେ। ତେବେ ପ୍ରାଚୀନ କଳା, ସଂସ୍କୃତିର ବିକାଶ ଏବଂ ସଂରକ୍ଷଣ ଦିଗରେ ସ୍ୱର୍ଗତ ବେଉରିଆଙ୍କ ଅବଦାନ ଯଥେଷ୍ଟ ରହିଥିଲା ।ସେ ବଡ଼କୁଳ ଓଡ଼ି ଆର୍ଟ ଠାରେ ୨୦୧୭ ମସିହାରୁ ୧୬ ଟି କକ୍ଷ ସହିତ ୮ ଟି ଲନରେ ଅନେକ ପେଂଟିଙ୍ଗ, ପୁସ୍ତକ, ଲିପି, ପୋଥି, ଟେରା କୋଟା, ସେରାମିକ, କାଠ ଖୋଦେଇ, ସିଙ୍ଗ କାରୁକାର୍ଯ୍ୟ, ଧାନ ନିର୍ମିତ ମୂର୍ତି, ତନ୍ତ, ହସ୍ତଶିଳ୍ପୀ, ରୁପା, ତାରକସି, ଢୋକରା, ଜଉ କଣ୍ଢେଇ ଆଦି ସ୍ଥାନିତ ରହିଛି। ହେଲେ ଏହି ଓଡ଼ି ଆର୍ଟ ପାଇଁ ଅନେକ ସମୟରେ ସ୍ୱର୍ଗତ ଅବସର ବେଉରିଆଙ୍କ ବହୁ ଅବଦାନ ରହିଛି। ସୁଦୂର ମାଡ଼ଗସ, ଆଫ୍ରିକା, ଜାପାନ, ଚାଇନା, ସ୍ପେନ, ଇଣ୍ଡୋନେସିଆ, ଆଫଗାନିସ୍ତାନ, ପାକିସ୍ତାନ ଓ ମିଆଁମାରରୁ ଅନେକ କଳାକୃତି, କାରୁକାର୍ଯ୍ୟ ସମ୍ପନ୍ନ ସାମଗ୍ରୀ ସଂଗ୍ରହ କରି ଉକ୍ତ ଓଡ଼ିଆର୍ଟକୁ ହସ୍ତାନ୍ତର କରିଥଲେ। ଏପରିକି ଏସବୁ ଆଜି ପର୍ଯ୍ୟନ୍ତ ସୁରକ୍ଷିତ ଭାବେ ସ୍ଥାନିତ କରାଯାଇଛି ।ଏଭଳି ମହନୀୟତା କାର୍ଯ୍ୟ ପାଇଁ ଆଜି ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉକ୍ତ ୧୬ ଟି କକ୍ଷ ମଧରୁ ଗୋଟିଏ କକ୍ଷକୁ ସ୍ୱର୍ଗତ ଅବସର ବେଉରିଆଙ୍କ ନାମରେ ନାମିତ କରାଯାଇଛି। ଆର୍ଟ ଗ୍ୟାଲେରୀ ଉନ୍ମୋଚନ ସମୟରେ ସାମାଜିକ କର୍ମୀ ଜୟ ଗୋବିନ୍ଦ ଇନ୍ଦରିଆ,ସୋସାଇଟି ଫର ଡେଭେଲପମେଂଟ ସଭାପତି ବଂଶୀଧର ଆଚାର୍ଯ୍ୟ, ସମ୍ପାଦକ ବିଜୟ କୁମାର ପତି, ଓଡ଼ିଆର୍ଟ ମୁଖ୍ୟ ସଂଯୋଜକ ପ୍ରଶାନ୍ତ କୁମାର ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଆଚାର୍ଯ୍ୟ, କ୍ୟୁରେଟର ସଞ୍ଜୀବ ଶାହା,ଶୁଭମ ରାୟ, ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବେଉରିଆଙ୍କ କଳା, ସଂସ୍କୃତି ଆଦି ସମ୍ପର୍କରେ ଆଲୋଚନା କରିବା ସହ ସ୍ମୃତି ଚାରଣ କରିଥିଲେ।

## କୁଡୁମୁଲୁଗୁମ୍ମା ବିଏସଏଫ ତରଫରୁ ଜନ ସମ୍ପର୍କ ଅଭିଯାନ

ମାଲକାନଗିରି, ୦୧/୧୨ (ନି.ପ୍ର): କୁଡୁମୁଲୁଗୁମ୍ମା ସ୍ଥିତ ୧୫୧ ବିଏସଏଫ ବାଟାଲିୟନ ତରଫରୁ ଚିଲିପଦର ଗ୍ରାମରେ ଜନ ସମ୍ପର୍କ ଅଭିଯାନ ଅନ୍ତର୍ଗତ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଆଜିର ସ୍ୱତନ୍ତ୍ର ଜନ ସମ୍ପର୍କ ଅଭିଯାନରେ ୧୫୧ ବିଏସଏଫ ବାଟାଲିୟନର କମାଣ୍ଡାଂଟ ରବିନ୍ଦ୍ର ଠକ୍କର, କମ୍ପାନୀ କମାଣ୍ଡର ନୀରଜ ଶର୍ମା, ଇନ୍ସପେକ୍ଟର ଜଶୋବନ୍ତ ସାମଲ, କୁଡୁମୁଲୁଗୁମ୍ମା ସରପଂଚ ମଙ୍ଗଳା ମାଢୀ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ସ୍ଥାନୀୟ ଶିକ୍ଷକ କାଳନ୍ଦୀ ଚରଣ ରାଉତ, ସମାଜସେବୀ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

ଆଜିର ଏହି କାର୍ଯ୍ୟକ୍ରମରେ ଚିଲିପଦର ଓ ଏହାର ଆଖପାଖ ଅଂଚଳର ପାଖାପାଖି ୧୫୦ ରୁ ଉର୍ଦ୍ଧ୍ୱ ସ୍ଥାନୀୟ ପୁରୁଷ, ମହିଳା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏଥିରେ ପ୍ରାୟ ୭୧୦୦୦/- ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକାରର ଚାଷୀ ଉପକରଣ ଯଥା- କୋଡ଼ି, ଦାଆ, ଖୁରପା ପ୍ରଭୃତି ୧୦୧ ଜଣ ଚାଷୀଙ୍କୁ ପ୍ରଦାନ କରାଯାଇଥିଲା ବେଳେ କ୍ରିଡାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କ୍ରିଡ଼ା ସାମଗ୍ରୀ ଯଥା- ଭଲିବଲ, ଫୁଟବଲ, ରିଙ୍ଗବଲ, କ୍ରିକେଟ ଉପକରଣ ଓ କ୍ରିଡାପଯୋଗୀ ଟି-ସାର୍ଟ ପ୍ରଭୃତି ପ୍ରଦାନ କରାଯାଇଛି । ଏହି ଗ୍ରାମରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ଖେଳିବା ପାଇଁ ମଧ କ୍ରିଡ଼ା ଉପକରଣ ମାନ ଦିଆଯାଇଥିଲା ।

ଏହି ଅବସରରେ ବିଏସଏଫ କମାଣ୍ଡାଂଟ ଶ୍ରୀ ଠକ୍କର କହିଛନ୍ତି ଯେ, ସେ ଏହି ଅଂଚଳର ସୁରକ୍ଷା ସହିତ ଗ୍ରାମାଂଚଳରେ ବସବାସ କରୁଥିବା ଆଦିବାସୀ ସମୂହଙ୍କ ଅଭିବୃଦ୍ଧି ପାଇଁ ବିଭିନ୍ନ ସାମାଜିକ ଜନକଲ୍ୟାଣ କାର୍ଯ୍ୟକ୍ରମ ମାନ ଗ୍ରହଣ କରିଛନ୍ତି, ଯାହା ଫଳରେ ବିଏସଏଫ ବର୍ତମାନ ଲୋକଙ୍କ ସେବା କାର୍ଯ୍ୟରେ ଯୋଡ଼ି ହେବାରଏକ ନୂତନ ସମ୍ଭାବନା ସୃଷ୍ଟି କରିପାରିଛି ।

# ନିରନ୍ତର ବିକାଶ ଲକ୍ଷ ହାସଲ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଖୋର୍ଦ୍ଧା, ୦୧/୧୨ (ନି.ପ୍ର): ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ର ସଫଳ ରୂପାୟନ ନିମିତ୍ତ ଜିଲ୍ଲାର କ୍ଷେତ୍ର ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଦୁଇ ଦିନିଆ କର୍ମଶାଳା ଆଜି ଉଦଯାପିତ ହୋଇଛି । ବୁଧବାର ଅଧିକାରୀମାନଙ୍କୁ ନେଇ ଦୁଇଟି ଟିମ ଗଠନ କରାଯାଇଛି। ତେବେ ଗୋଟିଏ ଟିମ ଖୋର ବ୍ଲକର ଟାଙ୍ଗିଆପଡା ଓ ବେଗୁନିଆର ବୋତଳମା ପଞ୍ଚାୟତ ଗସ୍ତ କରିଥିଲେ । ସେଠାରେ ଅଧିକାରୀ ମାନେ ସଂପୃକ୍ତ ଗ୍ରାମ ପଂଚାୟତର ବିଭିନ୍ନ ଗାଁ ବୁଲି ଉପଲବ୍ଧ ସମ୍ବଳର ବିନିଯୋଗ ଓ ଆବଶ୍ୟକତା ଉପରେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ସ୍ଥାନୀୟ ବ୍ୟକ୍ତି ବିଶେଷ ମାନଙ୍କ ସହ ଆଲୋଚନା କରିଥିଲେ। ସଂପୃକ୍ତ ଅଂଚଳରେ ପରିମଳ, ପାନୀୟ ଜଳ, ପରିବେଶ, ଗମନାଗମନ ବ୍ୟବସ୍ଥା, ଫସଲ ଅମଳ, ରୋଷେଇ ନିମନ୍ତେ ଜାଳେଣି ଉତ୍ସ, ଶୈକ୍ଷିକ ପରିବେଶ ସଂପର୍କରେ ପଚାରି ବୁଝିଥିଲେ । ପରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅଧିକାରୀ ମାନେ କ୍ଷେତ୍ରରୁ ଲବ୍ଧ ବିଭିନ୍ନ ତଥ୍ୟକୁ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧିକାରୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ମିଳିତ ଜାତିସଂଘ ୧୭ଟି ପ୍ରମୁଖ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଭାବେ ଚିହ୍ନଟ କରାଯାଇଛି । ମିଳିତ ଜାତିସଂଘ ପକ୍ଷରୁ ୨୦୧୬ ରୁ ୨୦୩୦ ମସିହା ପର୍ଯ୍ୟନ୍ତ ନିଜସ୍ୱ ସମ୍ବଳକୁ ଉପଯୋଗ କରି ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ନେଇ ଭାରତ ସମେତ ୧୯୩ଟି ରାଷ୍ଟ୍ର ୨୦୧୫ ମସିହାରେ ନୀତିଗତ ଭାବେ ନିଷ୍ପତି ନେଇଥିଲେ। ଏହି ଲକ୍ଷ୍ୟ ମଧରେ ସମ୍ପୂର୍ଣ୍ଣ ଭାବେ କ୍ଷୁଧାମୁକ୍ତ ରାଜ୍ୟ ସୁନିର୍ଶ୍ଚିତ କରିବା, ଦାରିଦ୍ର୍ୟ ଦୂରୀକରଣ, ଗୁଣାତ୍ମକ ଶିକ୍ଷାଦାନ, ମହିଳା ସଶକ୍ତିକରଣ, ଶିଶୁ ମାନଙ୍କୁ ଉପଯୁକ୍ତ ପୋଷଣ ପ୍ରଦାନ, ସ୍ୱାସ୍ଥ୍ୟ ଭିତିଭୂମିକୁ ସୁଦୃଢ ଓ ପାନୀୟ ଜଳ ଯୋଗାଣ ତ୍ୱରାନ୍ୱିତ କରିବା, ଶିଳ୍ପାୟନକୁ ପ୍ରୋତ୍ସାହିତ କରିବା ନିମନ୍ତେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏପର୍ଯ୍ୟନ୍ତ ଖୋର୍ଦ୍ଧା ସମେତ ୧୪ଟି ଜିଲ୍ଲାରେ ଏହି ପ୍ରଶିକ୍ଷଣ ଶିବିର ଶେଷ ହୋଇଛି । ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀଙ୍କ ପରାମର୍ଶ, ଯୋଜନା ଓ ସଂଯୋଜନା ବିଭାଗର ସାମର୍ଥ୍ୟ ବୃଦ୍ଧି ବିଶେଷଜ୍ଞ ସରୋଜ କୁମାର ଦାଶଙ୍କ ଅଧକ୍ଷତାରେ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଖୋର୍ଦ୍ଧା ଜିଲ୍ଲା ଯୋଜନା ଓ ସଂଯୋଜନା କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଶଙ୍କର ବେହେରାଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ଚକ୍ଷୁ ଚିକିତ୍ସା ପାଇଁ ଭୁବନେଶ୍ୱର ଗଲେ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀ

କେନ୍ଦ୍ରାପଡ଼ା, ୦୧/୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ଅଯୋଧାନଗର ସ୍ଥିତ ପୌରସଂସ୍ଥା ପରିଚାଳିତ ଦୃଷ୍ଟିହୀନ ବିଦ୍ୟାଳୟର ୪ଜଣ ଛାତ୍ରଛାତ୍ରୀ ଚକ୍ଷୁ ଚିକିତ୍ସା ସହ ପାଠପଢାରେ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ଉପକରଣ ପାଇବା ପାଇଁ ଭୁବନେଶ୍ୱର ଯାତ୍ରା କରିଥିବା ଜଣାପଡିଛି। ଏନେଇ ବୁଧବାର ସକାଳୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ରିଙ୍କି ମଲିକ, ଲିସାରାଣୀ ପଲେଇ, ମହମ୍ମଦ ତଫିକ, ଆନନ୍ଦ କୁମାର ନାଥ ପ୍ରମୁଖ ଛାତ୍ରଛାତ୍ରୀମାନେ ଯାଇଥିବାବେଳେ ସେମାନଙ୍କ ସହ ବିଦ୍ୟାଳୟ ଅଧକ୍ଷ ସ୍ୱପ୍ନାଂଶୁ କୁମାର ଦାସ , କିରଣବାଳା ଚୌଧୁରୀ ପ୍ରମୁଖ ଯାତ୍ରା କରିଛନ୍ତି। ଭୁବନେଶ୍ୱରର ଏଲଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ପୂର୍ବରୁ ସେମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇ ଥିଲା। ପାଠପଢାରେ ଆବଶ୍ୟକ ହେଉଥିବା ଚଷମା ଓ ଦୃଷ୍ଟିହୀନଙ୍କ ପାଇଁ ଉଦ୍ଦିଷ୍ଟ ପାଠପଢା ସାମଗ୍ରୀ ଆଦି ଚିକିତ୍ସାଳୟ ପକ୍ଷରୁ ସେମାନଙ୍କୁ ପ୍ରଦାନ କରାଯାଇଛି ।

## ବାବା ବିଶ୍ୱନାଥ ମନ୍ଦିରରେ ଭିତିପ୍ରସ୍ତର ଶିଳା ସ୍ଥାପନ

ଘଟଗାଁ , ୦୧/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା, ଘଟଗାଁ ବ୍ଲକ ଅନ୍ତର୍ଗତ ଢ଼େଙ୍କିକୋଟ ଠାରେ ଥିବା ବାବା ବିଶ୍ୱନାଥ ଶିବମନ୍ଦିର ପରିସରରେ ଆଜି ନୂତନ ମୂର୍ତିସ୍ଥାପନ ଭିତିପ୍ରସ୍ଥର ଶିଳା ସ୍ଥାପନ ପୂଜା ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲାର ଦୁଇଜଣ ପୂଜକ ଅରୁଣ କୁମାର ପଣ୍ଡା ଓ ଦେବୀପ୍ରସାଦ ଦୀକ୍ଷିତ ଆଜି ଏକ ମାହେନ୍ଦ୍ର ବେଳାରେ ପୂଜାକାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ଭିତିପ୍ରସ୍ଥର ସ୍ଥାପନ, ଭୂମି ପୁଜା, ଜଳଯାତ୍ରା କର୍ମ କରାଯାଇଥିଲା । ପରେ ପରେ ସୁର୍ଯ୍ୟ ପୁଜା, ସର୍ବ ଦେବା ଦେବୀ ପୁଜା, ଘଟ ମଣ୍ଡଳ, ବାସ୍ତୁ ପୁଜା, ଗ୍ରହ ପୁଜା, ଯଜ୍ଞ, ଆଳତି ଓ ପୁଷ୍ପାଂଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବାରହକ୍ଷଟିପୁରା ର ରମାକାନ୍ତ ପ୍ରଧାନ, ଶିବାନୀ ବେହେରା, ଓ ସାନ୍ଧ୍ୟରାଣୀ ବେହେରା ସହଯୋଗ କରିଥିଲେ । ବାବା ବିଶ୍ୱନାଥ ଶିବମନ୍ଦିର ପୂଜକ ଅଦ୍ୱୈତ ଶତପଥୀ ସର୍ବଦାଇତ୍ୱରେ ଥିଲେ । ତେବେ ମନ୍ଦିର ପରିସରରେ ବାବା ବିଶ୍ୱନାଥ ଙ୍କ ନୂତନ ମୁର୍ତିସ୍ଥାପନ ପାଇଁ ଭିତିପ୍ରସ୍ଥର ଶିଳା ସ୍ଥାପନ କାର୍ଯ୍ୟକ୍ରମରେ ଆଜି ବହୁ ମାନ୍ୟଗଣବ୍ୟକ୍ତି ସମେତ ସାମ୍ବାଦିକ ମାନେ ଯୋଗଦେଇଥିଲେ ।

## ମାଲକାନଗିରି ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କାର୍ଯ୍ୟକ୍ରମର ସମୀକ୍ଷା କଲେ ବିଭାଗୀୟ ସଚିବ

ମାଲକାନଗିରି, ୦୧/୧୨ (ନି.ପ୍ର): କୃଷି ସହିତ ପ୍ରାଣୀ ପାଳନ ଅଙ୍ଗାଙ୍ଗୀ ଭାବେ ଜଡିତ। ପ୍ରାଣୀପାଳନ ଚାଷୀ ମାନଙ୍କର ଆୟ ବୃଦ୍ଧି ଓ ଗ୍ରାମାଂଚଳର ଆର୍ଥିକ ବିକାଶ ସହାୟକ ହୋଇଥିବାରୁ ରାଜ୍ୟ ସରକାର ବିଭିନ୍ନ ରିହାତି ପ୍ରଦାନ ମାଧମରେ ପ୍ରାଣୀ ପାଳନକୁ ପ୍ରୋତ୍ସାହିତ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର କମିଶନର ତଥା ସଚିବ ସୁରେଶ କୁମାର ବଶିଷ୍ଠ ଆଜି ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜିତ ବୈଠକରେ ସଚିବ ଶ୍ରୀ ବଶିଷ୍ଠ ଜିଲ୍ଲାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶର ବିଭିନ୍ନ ଯୋଜନାର ସମୀକ୍ଷା କରି କହିଥିଲେ ଯେ, ରାଜ୍ୟରେ ଉନ୍ନତ ପ୍ରଜାତିର ପ୍ରାଣୀ ପାଳନ ନିମନ୍ତେ ଆକର୍ଷଣୀୟ ରିହାତି ପ୍ରଦାନର ବ୍ୟବସ୍ଥା କରାଯାଇଛି। ଚାଷୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ଯେପରି ଠିକ୍ ସମୟରେ ହିତାଧିକାରୀଙ୍କ ନିକଟରେ ପହଂଚିପାରିବ ସେଥି ନିମନ୍ତେ ସେ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ଜିଲ୍ଲା ପାଇଁ ଥିବା ଧାର୍ଯ୍ୟ ଲକ୍ଷ୍ୟକୁ ସମୟସୀମା ମଧରେ ପୂରଣ କରିବା ପାଇଁ ମଧ କ୍ଷେତ୍ର ଅଧିକାରୀମାନଙ୍କୁ ଏଠାରେ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମିଳିତ ଭାବେ ଡିଏଲ୍ସି ବୈଠକ ଆୟୋଜନ କରିବାକୁ ଶ୍ରୀ ବଶିଷ୍ଠ କହିଛନ୍ତି। ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ରତ୍ନାକର ସାହୁଙ୍କ ସମେତ ଏହି ବିଭାଗର କ୍ଷେତ୍ର ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଆଜି ରାଜ୍ୟ ସରକାରଙ୍କ ଏକ ପ୍ରତିନିଧି ଦଳ ମାଲକାନଗିରି ଜିଲ୍ଲାରେ ନିର୍ମାଣଧୀନ ବିମାନବନ୍ଦରର ଅଗ୍ରଗତି କାର୍ଯ୍ୟର ସମୀକ୍ଷା କରିଛନ୍ତି ।


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com




ବାଲେଶ୍ୱର ■ ଶୁକ୍ରବାର ୦୨ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 02 DECEMBER 2022
Vol.No. 33 ■ No. 313 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ଭାରତ-ଆମେରିକା ମିଳିତ ଯୁଦ୍ଧାଭ୍ୟାସରେ ବିଚଳିତ ଚାଇନା



ନୂଆଦିଲ୍ଲୀ, ୦୧/୧୧ : ଉତରାଖଣ୍ଡରେ ଚାଲିଛି ଭାରତ-ଆମେରିକା ମିଳିତ ଯୁଦ୍ଧାଭ୍ୟାସ । ଏହାକୁ ନେଇ ଆପତି ଉଠାଇଛି ଚାଇନା । ଏହି ସମରଭ୍ୟାସ ସୀମାରେ ଶାନ୍ତି ସ୍ଥାପନ ପାଇଁ କରାଯାଇଥିବା ଦ୍ୱିପାକ୍ଷୀକ ଚୁକ୍ତିର ଉଲ୍ଲଂଘନ ବୋଲି ବେଜିଂ କହିଛି । ଚୀନ ବୈଦେଶିକମନ୍ତ୍ରାଳୟ କହିଛି କି ଏଲଏସି ନିକଟରେ ଭାରତ-ଆମେରିକା ମିଳିତ ଯୁଦ୍ଧ୍ୟାଭ୍ୟାସ ନୂଆ ଦିଲ୍ଲୀ ଓ ବେଜିଂ ମଧ୍ୟରେ ୧୯୯୩ ମସିହା ଓ ୧୯୯୬ ମସିହାରେ ସୀମା ଶାନ୍ତି ପ୍ରତିଷ୍ଠା ପାଇଁ ହୋଇଥିବା ଚୁକ୍ତିରର ମୂଳଭାବନାକୁ ଉଲ୍ଲଂଘନ କରୁଛି । ଚୀନର କଥାକୁ ନେଇ ଭାରତ ମଧ୍ୟ ଚୁପ ବସିନି । ଭାରତ ବୈଦେଶିକମନ୍ତ୍ରାଳୟ କହିଛି ଚାଇନା କୌଣସି ବିବାଦୀୟ ବୟାନ ନଦେଇ ଦ୍ୱିପାକ୍ଷୀକ ଚୁକ୍ତି ଉପରେ ଫୋକସ କରୁ । ଭାରତ-ଆମେରିକ ଯୁଦ୍ଧାଭ୍ୟାସ ଏକ ଭିନ୍ନ ପ୍ରସଙ୍ଗ ଅଟେ । ଚୁକ୍ତି ଉଲ୍ଲଂଘନ କଥା କହିଚ ଚୀନ ସମରଭ୍ୟାସରେ ବାଧା ନଦେଉ ବୋଲି ଭାରତ କହିଛି । ଭାରତ ଆମେରିକା ମିଳିତ ସମରଭ୍ୟାସ ଭାରତ-ଚୀନ ସୀମାରୁ ୧୦୦ କିଲୋମିଟରରେ ଦୂରରେ ଥିବା ଚମୋଲୀ ଜିଲ୍ଲାର ଔଲିରେ ଚାଲିଛି । ନିଜ ନିଜ ସେନାର ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟରେ ୨୦୦୪ ମସିହାରୁ ପ୍ରତିବର୍ଷ ଆମେରିକା ଓ ଭାରତ ମିଳିତ ସମରଭ୍ୟାସ କରୁଛନ୍ତି । କେବଳ ଏତିକି ନୁହେଁ ଆମେରିକାକୁ ଟାର୍ଗେଟ କରି ଚୀନ କହିଥିଲା କି ତୃତୀୟ ପକ୍ଷ ହସ୍ତକ୍ଷେପ ଯୋଗୁଁ ପୂର୍ବ ଲଦାଖ ବିବାଦ ସୃଷ୍ଟି ହେଉଛି ଓ ଏହି ସମରଭ୍ୟାସ କରାଯାଉଛି । ଭାରତ-ଚୀନ ସୀମା ବିବାଦରେ ଆମେରିକା ହସ୍ତକ୍ଷେପ କରୁଥିବା ବେଜିଂ ଆଶଙ୍କା କରୁଛି ।

# ମେକ୍-ଇନ-ଓଡ଼ିଶା କନ୍‌କ୍ଲେଭରେ ୭,୨୬,୧୨୮.୪୫ କୋଟିର ନିବେଶ ପ୍ରସ୍ତାବ



ଭୁବନେଶ୍ୱର, ୦୧/୧୧ (ନି.ପ୍ର): ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ନରୱେ, ଜାପାନ, ଜର୍ମାନୀ ଓ ନେପାଳର ବୈଦେଶିକ ପ୍ରତିନିଧିଙ୍କ ସମେତ ଦେଶର ୪୦ ଜଣ ପ୍ରମୁଖ ଶିଳ୍ପପତିଙ୍କ ଗହଣରେ ଜଳଯୋଗରେ ସାମିଲ ହୋଇ ପୁଂଜିନିବେଶ ସଂପର୍କରେ ଆଲୋଚନା କରିଥିଲେ । ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ପ୍ରଥମ ଅଧିବେଶନ (ପ୍ଲେନାରୀ ସେସନ୍)ରେ ୫୪ ଜଣ ପ୍ରମୁଖ ଶିଳ୍ପପତିମାନେ ଉପସ୍ଥିତଥିବାବେଳେ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱ ଉଦ୍ୟୋଗୀମାନେ ଯୋଗଦେଇଥିଲେ । ଆଜି ମୋଟ ୧୩ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ରେ ଆୟୋଜିତ ପ୍ରଦର୍ଶନୀରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଓ ଅନ୍ୟ ଦେଶରୁ ୨୧୨ଟି ସଂସ୍ଥା ଅଂଶଗ୍ରହଣ କରିଥିବାବେଳେ ଏଥିରେ ଜାପାନ୍, ଜର୍ମାନୀ, ନରୱେ, ନେପାଳ, ବାଂଲାଦେଶ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ସିଙ୍ଗାପୁର, ଚୀନ ଓ ଥାଇଲାଣ୍ଡ ଆଦି ଦେଶ ମଧ୍ୟ ସାମିଲ ହୋଇଛନ୍ତି । ଆଜି ମୋଟ ୨୧ଟି ନିବେଶ ସଂପର୍କିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଉଭୟ ନିବେଶ ଓ ଅଣନିବେଶ କ୍ଷେତ୍ର ମିଶି ମୋଟ ୬୭ଟି ନିବେଶ ପତ୍ର ଗ୍ରହଣ କରାଯାଇଥିଲା । ଏହି ୬୭ଟି କ୍ଷେତ୍ରରୁ ମୋଟ ୫,୮୫,୭୪୨.୨୬ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ମିଳିଛି । ଏଥି ଯୋଗୁଁ ୨ ଲକ୍ଷ ୪୭ ହଜାର ୮୯୨ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ଏତଦ୍‌ବ୍ୟତୀତ ଦେଶର ବିଭିନ୍ନ ସହରରେ ଗତ ୬ ମାସ ମଧ୍ୟରେ ଯେଉଁ ରୋଡ୍ ଶୋ ହୋଇଥିଲା, ତନ୍ମଧ୍ୟରୁ ▶▶ପୃଷ୍ଠା ୭

## ଆଜି ବିଧାନସଭା ଘେରିବ ବିଜେପି

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ଭାରତୀୟ ଜନତା ପାର୍ଟି ଓଡିଶାର କୃଷି ଓ କୃଷକଙ୍କ ସ୍ୱାର୍ଥ ପାଇଁ ଆଜିକୁ ୧୪ଦିନ ଧରି ବିଧାନସଭା ସମ୍ମୁଖରେ ସତ୍ୟାଗ୍ରହ କରିଛି । ଏହି ସତ୍ୟାଗ୍ରହରେ ଆଳି ଓ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀର ଚାଷୀ ସାମିଲ ହୋଇ ଶାସକ ଦଳକୁ ଘେରିଛନ୍ତି । ଆଜି ପଥପ୍ରାନ୍ତ ନାଟକ ମାଧ୍ୟମରେ ଚାଷ ଓ ଚାଷୀର ପ୍ରସଙ୍ଗରେ କିଭଳି ରାଜ୍ୟ ସରକର ଚାଷୀଙ୍କ ନାଁ ନେଇ ଯୋଜନା କରୁଛନ୍ତି ଓ ଚାଷୀ ମୌଳିକ ସୁବିଧା ନପାଇ ହନ୍ତସନ୍ତ ହେଉଛି ତାହା ବର୍ଣ୍ଣନା କରାଯାଇଛି । ଦୀର୍ଘ ୧୪ଦିନ ଧରି ବିଧାନସଭା ସମ୍ମୁଖରେ ଚିତ୍କାର କରୁଥିଲେ ମଧ୍ୟ ରାଜ୍ୟ ସରକାର ନଶୁଣିବାରୁ ଆସନ୍ତାକାଲି (ଶୁକ୍ରବାର)ଜାତି, ବର୍ଣ୍ଣ ନିର୍ବିଶେଷରେ ୫୦ହଜାର କୃଷକ ଭାରତୀୟ ଜନତା ପାର୍ଟି ନେତୃତ୍ୱରେ ମାଷ୍ଟର କ୍ୟାଂଟିନ ଛକରୁ ବିଧାନସଭା ଅଭିମୁଖେ ଗଣବିକ୍ଷୋଭ କରିବେ ବୋଲି ବରିଷ୍ଠ ନେତା ଶାରଦା ପ୍ରଧାନ କହିଛନ୍ତି । ଓଡିଶାର କୃଷକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋ ଗୁହାଳ, ମୋ ବାଡି, ମୋ ପୋଖରୀ ଭଳି ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା କହୁଛନ୍ତି । ବାସ୍ତବରେ ଏହି ଯୋଜନାର ▶▶ପୃଷ୍ଠା ୭

## ରିଟେଲ ଇ-ରୁପି ସେବାର ପରୀକ୍ଷଣ ଆରମ୍ଭ



ନୂଆଦିଲ୍ଲୀ, ୦୧/୧୧ : ଆରବିଆଇ ଜାରି କରିଲା ଡିଜିଟାଲ ଖୁଚୁରା ଟଙ୍କା । ପରୀକ୍ଷା ମୂଳକ ଭାବେ ଦେଶର ୪ଟି ସହରରରେ ଇ-ରୁପି ବା ଡିଜିଟାଲ କରେନ୍ସିର ସେବା ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁର ଓ ଭୁବନେଶ୍ୱରରେ ଡିଜିଟାଲ କରେନ୍ସି ଲଂଚ ହୋଇଛି ।ଏହାର ନାଁ ରହିଛି ସିବିଡିସ ବା ଇ-ରୁପି । ଇଟଙ୍କା ଆନ୍ତଃ ବଜାରକୁ ଅଧିକ ମଜବୁତ କରିବ ବୋଲି ଆଶା ରହିଛି । ଆରବିଆଇ ଜାରି କରିଲା ଡିଜିଟାଲ ଖୁଚୁରା ଟଙ୍କା । ପରୀକ୍ଷା ମୂଳକ ଭାବେ ଦେଶର ୪ଟି ସହରରରେ ଇ-ରୁପି ବା ଡିଜିଟାଲ କରେନ୍ସିର ସେବା ଆରମ୍ଭ ହୋଇଛି । ଅର୍ଥନୀତି ବିଶେଷଜ୍ଞ କହିଛନ୍ତି କି ଇ-ରୁପି ଡିଜିଟାଲ ଅର୍ଥନୀତିକୁ ଅଧିକ ମଜୁବତ କରିବ । ଡିଜିଟାଲ ରୁପିରେ ଇ-ଟ୍ରାନଜସକସନ ସୁବିଧାଜନକ ହେବ । କିଛି ଦିନ ପୂର୍ବରୁ ଆରବିଆଇ ଡିଜିଟାଲ ମୁଦ୍ରା ବା ଇ-ଟଙ୍କାର ପାଇଲଟ ପରୀକ୍ଷଣ କରିସାରିଛି । ଏହି ଇ-ଟଙ୍କାକୁ ସହଜରେ ବ୍ୟାଙ୍କ ଖାତାରେ ଜମା କରାଯାଇପାରିବ । ନଗଦରେ ପରିଣତ କରାଯାଇପାରିବ । ପ୍ରଥମ ପର୍ଯ୍ୟାୟରେ ୪ଟି ସହରରେ ଏହାକୁ ଲଂଚ କରାଯାଇଛି । ୨ୟ ପର୍ଯ୍ୟାୟରେ ଅହମ୍ମଦାବାଦ, ଗ୍ୟାଙ୍ଗଟକ୍, ଗୌହାଟୀ, ହାଇଦ୍ରାବାଦ, ଇନ୍ଦୋର, କୋଚି, ଲକ୍ଷ୍ନୌ, ▶▶ପୃଷ୍ଠା ୭

## କୋଭିଡ୍‌ରେ ଯାଇଛି ୨୦ ହଜାର ଜୀବନ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ରାଜ୍ୟରେ କୋଭିଡରେ ଏପର୍ଯ୍ୟନ୍ତ ୨୦ ହଜାରରୁ ଉର୍ଦ୍ଧ୍ୱ ପ୍ରାଣହାନି ହୋଇଛି । ସେହିପରି ବନ୍ୟା, ବାତ୍ୟା, ମରୁଡି, ପ୍ରବଳ ବର୍ଷାରେ ୧୦ ବର୍ଷ ଭିତରେ ୨୨୭ ଜଣଙ୍କର ପ୍ରାଣହାନି ଘଟିଛି ବୋଲି ଗୁରୁବାର ଦିନ ବିଧାନସଭାରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ସୂଚନା ଦେଇଛନ୍ତି । ରାଜସ୍ୱମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ବାତ୍ୟା ତିତିଲିରେ ସର୍ବାଧିକ ୭୨ ଜଣଙ୍କର ଜୀବନ ଯାଇଥିବାବେଳେ ବାତ୍ୟା ଫନିରେ ୬୪ , ଫାଇଲିନ ବାତ୍ୟାରେ ୨୨ ଜଣଙ୍କ ଜୀବନ ଯାଇଛି । ସେହିପରି ବାତ୍ୟା ଅମ୍ଫାନ, ବୁଲବୁଲ,ଗୁଲାବ, ଜବାଦରେ କାହାରି ଜୀବନ ଯାଇ ନାହିଁ । ୨୦୧୨ରୁ ଅଦ୍ୟାବଧି ହୋଇଥିବା ବନ୍ୟା, ବାତ୍ୟା , ମରୁଡି, ପ୍ରବଳ ବର୍ଷାରେ ୪୦ ହଜାରରୁ ଅଧିକ ଟଙ୍କାର କ୍ଷୟକ୍ଷତି ଆକଳନ କରାଯାଇଛି । ୨୦୧୨ ଓ ୨୦୧୬ ମସିହାରେ କୌଣସି ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟ ହୋଇନାହିଁ । ଫାଇଲିନ ବାତ୍ୟାରେ ସର୍ବାଧିକ ୧୪ ହଜାର ୩୭୩ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବାବେଳେ ଫନିରେ ୯ହଜାର ୩୩୬ କୋଟି କ୍ଷୟକ୍ଷତି ହୋଇଛି । କେନ୍ଦ୍ରରୁ ପ୍ରାୟ ୬ ହଜାର ୩୦୦ କୋଟି ଟଙ୍କାର ସହାୟତା ମିଳିଛି । ତେବେ ଗତ ୫ ବର୍ଷ ମଧ୍ୟରେ ବନ୍ୟା, ବାତ୍ୟା, ମରୁଡି, ମାଟି ଅତଡା ଖସିବା ଅଂଶୁଘାତ, ସାପ କାମୁଡା, ପାଣିରେ ବୁଡି ଜୀବନ ଯିବା, ଡଙ୍ଗା ବୁଡି, ବନ୍ୟାରେ ଭାସିଯିବାରେ ୧୪ ହଜାର ୪୦୭ ଜଣଙ୍କ ଜୀବନ ଯାଇଛି ।

## ଟ୍ରେନରେ ନିଶା ଦ୍ରବ୍ୟ ଦେଇ ଗୋଟିଏ ୪ଜଣଙ୍କ ଠାରୁ ଲୁଟ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ପ୍ଲାଟଫର୍ମରେ ନିଶାସକ୍ତ ଅବସ୍ଥାରେ ପଡିଛନ୍ତି ଦୁଇ ଦମ୍ପତି । ଏମାନେ ନିଶାଦ୍ରବ୍ୟ ସେବନ କରିନାହାନ୍ତି ବରଂ ସେମାନଙ୍କୁ ପଇଡ ପାଣିରେ ନିଶା ଦେଇ ସର୍ବସ୍ୱ ଲୁଟି ନେଇଛନ୍ତି ଲୁଟେରା । ଜଗନ୍ନାଥ ଦର୍ଶନ ସାରି ପୁରୀ-ଗୁଣପୁର ଟ୍ରେନରେ ବ୍ରହ୍ମପୁର ଫେରୁଥିବାବେଳେ ଦୁଇ ଦମ୍ପତିଙ୍କୁ ପଇଡରେ ନିଶାଦେଇ ଟଙ୍କା, ଗହଣା ମୋବାଇଲ ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟିନେଇଛନ୍ତି । ବ୍ରହ୍ମପୁର ଆଙ୍କୋଲି ଅଞ୍ଚଳର ଏହି ଦୁଇ ଭାଇ ତାଙ୍କ ପତ୍ନୀ ପୁରୀ ବୁଲିବାକୁ ଯାଇ ଫେରୁଥିବାବେଳେ ଏଭଳି ଘଟଣା ଘଟିଛି । ବନ୍ଧୁତା ବାନ୍ଧିବା ନାଁରେ ଧୋକା ଦେଇଛନ୍ତି ଲୁଟେରା । ଆଉ ଚେତା ଫେରିବା ପରେ ଏହି ଯାତ୍ରୀ କହିଛନ୍ତି ସେହି କୋହଭରା ଅନୁଭୂତି । ପୁରୀ ରେଳଷ୍ଟେସନରେ ଦୁଇ ଯୁବକ ଏହି ଦମ୍ପତିଙ୍କୁ ବ୍ୟାଗ ଓ ବିଭିନ୍ନ ସାମଗ୍ରୀ ଟ୍ରେନରେ ରଖିବା ବାହାନାରେ ନିକଟତର ହୋଇଥିଲେ । ପରେ ସାକ୍ଷୀଗୋପାଳ ନିକଟରେ ପଇଡ ପିଇବାକୁ ଦେଇଥିଲେ । ପଇଡ ପାଣି ପିଇ ସମସ୍ତେ ଅଚେତ ହୋଇଯାଇଥିଲେ ।

## ପ୍ରଧାନମନ୍ତ୍ରୀ ମୋଦିଙ୍କ ମେଗା ରୋଡ ଶୋ



ନୂଆଦିଲ୍ଲୀ, ୦୧/୧୧ : ଗୁଜରାଟ ଅହମଦାବାଦରେ ପ୍ରଧାନମନ୍ତ୍ରୀ ମୋଦି କରୁଛନ୍ତି ମେଗା ରୋଡ ଶୋ । ପ୍ରାୟ ୫୪ କିଲୋମିଟି ଧରି ଏହି ରୋଡ ଶୋ ଚାଲିଛି । ହଜାର ହଜାର ସମର୍ଥକ, କର୍ମୀ ଓ ନେତାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ଏହି ରୋଡ ଶୋ ଚାଲିଛି । ୧୪ବିଧାନସଭା କ୍ଷେତ୍ର ଦେଇ ଗଡିଛି ବିଜେପିର ଏହି ପୁଷ୍ପାଞ୍ଜଳୀ ଯାତ୍ରା । କୁହାଯାଉଛି ଏପର୍ଯ୍ୟନ୍ତର ଏହା ହେଉଛି ମୋଦିଙ୍କ ସବୁଠୁ ବିଶାଳ ରୋଡ ଶୋ । ହଜାର ହଜାର ସମର୍ଥକ ଏହି ରୋଡ୍ ସୋରେ ଯୋଗ ଦେଇଛନ୍ତି । ଏହି ରୋଡ୍ ସୋ ପୂର୍ବରୁ ମୋଦି ବିଭିନ୍ନ ସଭାରେ ଜନତାଙ୍କୁ ସମ୍ବୋଧନ କରିଛନ୍ତି । ଏହି ରୋଡ୍ ଯାତ୍ରାରେ ପ୍ରଧାନମନ୍ତ୍ରୀ ମୋଦି ଅହମଦାବାଦର ୧୩ଟି ଓ ଗାନ୍ଧୀନଗରର ଗୋଟିଏ ନିର୍ବାଚନ କ୍ଷେତ୍ରରେ ପହଁଚିବେ । ମୋଦିଙ୍କ ଏହି ରୋଡ୍ ସୋ ଯେଉଁ ଯେଉଁ ଆସନ ଅଂଚଳ ଦେଇ ଗତି କରୁଛି ସେଗୁଡ଼ିକ ମଧ୍ୟରୁ ୨୦୧୭ରେ ୧୧ଟି ଆସନ ବିଜେପି ଜିତିଥିଲା ଓ ୩ଟି ଆସନରେ କଂଗ୍ରେସ ଜିତିଥିଲା ।ତେଣୁ ଏଥରକର ନିର୍ବାଚନ ପାଇଁ ଏହି ସବୁ ନିର୍ବାଚନ କ୍ଷେତ୍ର ବିଜେପି ପାଇଁ ବେଶ ଗୁରୁତ୍ୱବହନ କରୁଛି ।

## ଆରମ୍ଭ ହେଲା କୋଣାର୍କ ଉତ୍ସବ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): କୋଣାର୍କ ସୂର୍ଯ୍ୟମନ୍ଦିର ପାଦ ଦେଶରେ ଆରମ୍ଭ ହୋଇଛି ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭ କୋଣାର୍କ ଉତ୍ସବ । ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ସହ ଓଡିଶା ସଂଗୀତ ନାଟକ ଏକାଡେମୀ ସହଯୋଗରେ ଆୟୋଜିତ ଏହି ୫ ଦିନିଆ ଉତ୍ସବକୁ ଓଡିଆ ଭାଷା-ସାହିତ୍ୟ-ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ବିବିଧ ଆଲୋକମାଳାରେ ସଜ୍ଜିତ କୋଣାର୍କ ମୁକ୍ତାକାଶ ମଂଚ ଏହାପରେ ପ୍ରଥମ ସନ୍ଧ୍ୟାରେ ଶାସ୍ତ୍ରୀୟ ଓଡିଶୀ ଓ କଥକ ନୃତ୍ୟର ମନଛୁଆଁ ପରିବେଷଣକୁ ପ୍ରତ୍ୟକ୍ଷ କରିଥିଲା । ପ୍ରଥମ ପ୍ରସ୍ତୁତିରେ ମାଲେସିଆରୁ ଆସିଥିବା ସୂତ୍ର ଫାଉଣ୍ଡେସନ ର ଶିଳ୍ପୀଗଣଓଡିଶୀ ନୃତ୍ୟରେ ପରଶି ଦେଇଥିଲେ 'ଜୟ ରାମ' । ରାମାୟଣର କଥାବସ୍ତୁକୁ ନେଇ 'ଶ୍ରୀରାମ ଧ୍ୟାନ' ରାମଲୀଳା ଆଧାରିତ ସ୍ଥାୟୀ ନୃତ୍ୟ ପାଟବ ସହ 'ସୀତା ସ୍ୱୟମ୍ବର' ର ସୁନ୍ଦର ଅବତାରଣା କରିଥିଲେ ସୂତ୍ର ଫାଉଣ୍ଡେସନର ଶିଳ୍ପୀଗଣ । ଦ୍ୱିତୀୟ ଚରଣରେ ▶▶ପୃଷ୍ଠା ୭

## ଦିଲ୍ଲୀ ଅବକାରୀ ନୀତି ମାମଲା: ସାମ୍ନାକୁ ଆସିଲା କେସିଆରଙ୍କ ଝିଅ କବିତାଙ୍କ ନାଁ



ହାଇଦ୍ରାବାଦ, ୦୧/୧୧ (ନି.ପ୍ର): ଦିଲ୍ଲୀ ଅବାକରୀ ନୀତି ଦୁର୍ନୀତି ଘଟଣାରେ ଏବେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ ତଥା ବିଧାୟକ କବିତାଙ୍କ ନାଁ ଯୋଡ଼ି ହୋଇ ଯାଇଛି । ଅବକାରୀ ନୀତି ଦୁର୍ନୀତି ଘଟଣାରେ ତାଙ୍କ ଭୂମିକା ରହିଥିବାରୁ ଇଡି ତାଙ୍କ ବିରୋଧରେ ତଦନ୍ତ କରିବାକୁ ଚାହୁଁଛି । ଏନେଇ ଇଡି ପକ୍ଷରୁ କିଛି ଦସ୍ତାବିଜ୍ କୋର୍ଟରେ ମଧ୍ୟ ଦାଖଲ କରାଯାଇଛି । କୋର୍ଟରେ ଦାଖଲ ହୋଇଥିବା ଦସ୍ତାବିଜରେ କବିତାଙ୍କ ସମେତ ଆଉ କିଛି ଲୋକଙ୍କ ନାଁ ରହିଛି । ଇଡି ଅବକାରୀ ନୀତି ଦୁର୍ନୀତି ଘଟଣାରେ ବୁଧବାର ଗୁରୁଗ୍ରାମରୁ ବ୍ୟବସାୟୀ ଅମିତ ଅରୋରାଙ୍କୁ ଗିରଫ କରିଥିଲା । ତାଙ୍କୁ ଗିରଫ ପରେ ଇଡି ଅଧିକାରୀମାନେ ଜେରା କରିଥିଲେ । ଏହି ସମୟରେ ସେ ଦେଇଥିବା ବୟାନକୁ ଆଧାର କରି କେସିଆରଙ୍କ ଝିଅ କବିତାଙ୍କ ନାଁ ମାମଲାରେ ଯୋଡ଼ା ଯାଇଛି । ଅବକାରୀ ନୀତି ସହ ସାଉଥ ଗ୍ରୁପର ଲିଙ୍କ ରହିଛି । ଏହି ଗ୍ରୁପର ପ୍ରମୁଖ ସଦସ୍ୟ ହେଉଛନ୍ତି କବିତା । ଅନ୍ୟତମ ଗିରଫ ବ୍ୟବସାୟୀ ବିଜୟ ନାୟରଙ୍କ ମାଧ୍ୟମରେ ସାଉଥ ଗ୍ରୁପ ଦିଲ୍ଲୀର କ୍ଷମତାସୀନ ଆମ୍ ଆଦମୀ ପାର୍ଟି (ଆପ) ନେତାମାନଙ୍କୁ ଅତି କମରେ ୧୦୦ କୋଟି ଟଙ୍କା ଦେଇଥିବା ଇଡି ଦାବି କରିଛି । ଅନ୍ୟପକ୍ଷରେ ଇଡିର ଏପରି ଦାବି ପରେ ବିଜେପି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି କବିତା । ସେ କହିଛନ୍ତି, ବର୍ତ୍ତମାନ ଯେଉଁ ସବୁ ରାଜ୍ୟରେ ନିର୍ବାଚନ ହେବାର ଅଛି, ସେଠାକୁ ପ୍ରଧାନମନ୍ତ୍ରୀଙ୍କ ପୂର୍ବରୁ ଇଡି ଚାଲି ଆସୁଛି । ଏକଥା ସମସ୍ତେ ଜାଣିଛନ୍ତି । କୌଣସି ତଥ୍ୟ ପ୍ରମାଣ ନଥାଇ ସିବିଆଇ ଓ ଇଡି ଟିଆରଏସ୍ ନେତାଙ୍କ ବିରୋଧରେ ମାମଲା କରୁଛି । ଏହା ନିମ୍ନ ମାନସିକତାର ରାଜନୀତି । ଆପଣମାନେ କେନ୍ଦ୍ରୀୟ ଏଜେନ୍ସିକୁ ବ୍ୟବହାର କରି ନିର୍ବାଚନ ଜିତି ପାରିବେ ନାହିଁ । ବିଜେପି ୮ ବର୍ଷ ମଧ୍ୟରେ ୯ଟି ରାଜ୍ୟରେ ଅସ୍ଥିରତା ସୃଷ୍ଟି କରିଛି । ଏବେ କେସିଆରଙ୍କ ନେତୃତ୍ୱାଧୀନ ସରକାରରେ ଅସ୍ଥିରତା ସୃଷ୍ଟି କରିବା ପାଇଁ କେନ୍ଦ୍ରୀୟ ଏଜେନ୍ସିର ବ୍ୟବହାର କରାଯାଉଥିବା କବିତା ଅଭିଯୋଗ କରିଛନ୍ତି ।

## ନବୀନଙ୍କୁ ପୁଣି ଟାର୍ଗେଟ୍ କଲେ ଧର୍ମେନ୍ଦ୍ର ପ୍ରଧାନ



ପଦ୍ମପୁର/ବରଗଡ଼/ଭୁବନେଶ୍ୱର, ୦୧/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଆଜି ରାତିରେ କ୍ୟାବିନେଟ୍ ବସାଇ ପଦ୍ମପୁର ଉପଖଣ୍ଡକୁ ନୂତନ ଜିଲ୍ଲା ମାନ୍ୟତାର ମଞ୍ଜୁର ଦେବା ସହ ଆସନ୍ତାକାଲି ଏହାର ବିଜ୍ଞପ୍ତି ଚିଠା ପଦ୍ମପୁରରେ ଦେଖାଇବେ କି ବୋଲି ପଦ୍ମପୁରରେ ପ୍ରଚାର କରିବା ଅବସରରେ ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନିଜ ପ୍ରଚାର କାର୍ଯ୍ୟକ୍ରମର ତୃତୀୟ ଦିନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବରଗଡ଼ ଜିଲ୍ଲା ପଦ୍ମପୁର ନିର୍ବାଚନମଣ୍ଡଳୀର ଝାରବନ୍ଧ, ବରିହାପାଲି, ଜାମଲା, ମେଲଛାମୁଣ୍ଡା ସମେତ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରାରେ ଯୋଗଦେବା ସହ ଆୟୋଜିତ ଜନସଭାରେ ଯୋଗ ଦେଇଛନ୍ତି । ବିଶାଳ ଜନସଭାକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ପଦ୍ମପୁରକୁ ପ୍ରଚାର କରିବା ପାଇଁ ଆସୁଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି । ଆମ ଦଳ ବିଜେପିର ଅପେକ୍ଷା ରହିବ, ସେ ବିଜେଡ଼ି ଦଳର ସଭାପତି ଭାବରେ ପଦ୍ମପୁରକୁ ଜିଲ୍ଲା ମାନ୍ୟତା ଦେବାର ପ୍ରତିଶ୍ରୁତି ନ ଦେଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ଆଜି ରାତିରେ ଏଥିପାଇଁ କ୍ୟାବିନେଟ୍ ବସାନ୍ତୁ । କ୍ୟାବିନେଟରେ ପଦ୍ମପୁରକୁ ଜିଲ୍ଲା ମାନ୍ୟତାର ମଞ୍ଜୁର ପ୍ରଦାନ କରନ୍ତୁ । ଏହାସହ ଆସନ୍ତାକାଲି ପଦ୍ମପୁରକୁ ପ୍ରଚାର କରିବା ଆସିବାବେଳେ ମୁଖ୍ୟମନ୍ତ୍ରୀ ଜିଲ୍ଲା ଗଠନ କରିବାର ବିଜ୍ଞପ୍ତି ଚିଠା ଧରି ଆସନ୍ତୁ ଏବଂ ଜନସାଧାରଣଙ୍କ ସମ୍ମୁଖରେ ପ୍ରକାଶ କରିବା ନେଇ ଆମ ଦଳର ଅପେକ୍ଷା ରହିଛି । ରାଜ୍ୟରେ ମୁଖ୍ୟମନ୍ତ୍ରୀ ଭାବରେ ସେ ଏଭଳି ପଦକ୍ଷେପ ନେଇପାରିବେ କି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଶିକ୍ଷକମାନେ ରାଜଧାନୀ ରାଜରାସ୍ତାରେ ▶▶ପୃଷ୍ଠା ୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆର୍ଥିକ ସଂଯମତା..

ଅନେକ ସମୟରେ ସାଧାରଣ ମଣିଷଟିଏ ଉପରେ ଯେତେବେଳେ କିଛି ଅଧିକ ଆର୍ଥିକ ବୋଝ ପଡ଼େ, ଅର୍ଥାତ୍ ତା'ର ରୋଜଗାରଠାରୁ ସେ ଅଧିକ ଖର୍ଚ୍ଚ କରିବାକୁ ବାଧହୁଏ, ତା' ପର ମୁହୂର୍ତ୍ତରେ ସେହି ମଣିଷଟିକୁ ତା'ର ଖର୍ଚ୍ଚ କାଟ କରିବାକୁ ହୁଏ; ତାକୁ ବାଧବାଧକତାରେ ଭିଭିରେ । ପୁନଶ୍ଚ, ତାକୁ ମଧ ଅଧିକ ପରିଶ୍ରମ କରି ଭରଣା କରିବାକୁ ହୋଇଥାଏ ନିଜ କରଜ ବା କ୍ଷୟ ହୋଇ ଯାଇଥିବା ପାଣ୍ଠିର ପାରିବାରିକ ଜୀବନରେ ଅତ୍ୟଧିକ ଆର୍ଥିକ ସଂଯମତା ଅବଲମ୍ବନର ଚାପ ପରିବାରର ସବୁ ସଦସ୍ୟଙ୍କ ଉପରେ ତ ଢଣା ଅଧିକେ ପଡ଼ିଥାଏ, କିନ୍ତୁ ସର୍ବାଧିକ ପଡ଼ିଥାଏ ଗୃହକର୍ତ୍ତୀ ବା ମହିଳାଙ୍କ ଉପରେ ଏକ ରାଷ୍ଟ୍ର କ୍ଷେତ୍ରରେ ମଧ ସମାନ କଥା ଦେଖିବାକୁ ମିଳିଥାଏ। ତାର୍କିକ ଦୃଷ୍ଟିରୁ କରଜଦାତାଙ୍କ ଆରେ ନିଜର ବିଶ୍ୱସନୀୟତା ବା ଏକ ଦେଶର ଋଣ ପାଇବାର ଯୋଗ୍ୟତାକୁ ପ୍ରଦର୍ଶନ କରିବା ନିମନ୍ତେ ଏହାର ଆବଶ୍ୟକତା ରହିଛି । ୨୦୦୭ରୁ ୨୦୦୯ର ଆର୍ଥିକ ମାନ୍ଦାବସ୍ଥା ସମୟରେ ଗ୍ରୀସ୍, ପର୍ତ୍ତୁଗାଲ, ସ୍ପେନ୍, ଆୟାର୍ଲ୍ୟାଣ୍ଡ, ଇଟାଲୀ ଏବଂ ଯୁକ୍ତରାଜ୍ୟ (ୟୁକେ)- ସମସ୍ତେ ଏହି ବିକଳ୍ପକୁ ବାଛିଥିଲେ। ଏହି ରାଷ୍ଟ୍ରଗୁଡ଼ିକ ସରକାରୀ ମଜୁରି ବିଲ୍ ଏବଂ ସାମାଜିକ ସୁରକ୍ଷା ବଜେଟ୍‌ରେ କାଣ୍ଟଛାଣ୍ଟ କରିଥିଲେ, କାରଣ ଏକ ମିତବ୍ୟୟୀ ସରକାର ପାଇଁ ଏହା ହିଁ ମୌଳିକ ଆବଶ୍ୟକତା ହୋଇଥାଏ । ଏହାର ପରିଣତିରେ ଲୋକମାନଙ୍କୁ କଷ୍ଟ ଭୋଗିବାକୁ ପଡ଼ିଥାଏ ବା ଗୋଟିଏ ବାକ୍ୟରେ କହିଲେ, ମିତବ୍ୟୟିତାର ପୀଡ଼ାକୁ ସହ୍ୟ କରିବାକୁ ହୋଇଥାଏ । ଏହି ପୀଡ଼ା ଦ୍ୱାରା ସୃଷ୍ଟି ହୋଇଥବା ଅନ୍ତର ପ୍ରତି ପରିବାର ଉପରକୁ ଯିବା ବେଳେ ଏହା ମହିଳାମାନଙ୍କୁ ଅଧିକ ପରିମାଣରେ ପ୍ରତିକୂଳ ଭାବରେ ପ୍ରଭାବିତ କରିଥାଏ। ନିକଟରେ ଅକ୍ସଫାମ୍ ଦ୍ୱାରା ପ୍ରକାଶିତ ଏକ ନୂଆ ରିପୋର୍ଟ, ସମୟରେ ମଧ ପ୍ରାସଙ୍ଗିକତା ରହିଛି, ତାହା ଦର୍ଶାଇଛି । ପୂର୍ବ ଦୁଇ ବର୍ଷରେ କୋଭିଡ୍-୧୯ ମହାମାରୀର ବୈଶ୍ୱିକ ବ୍ୟାପକତା ଫଳରେ ସମଗ୍ର ବିଶ୍ୱର ଦ୍ୱିଶତାତ୍ତ୍ୱିକ ରାଷ୍ଟ୍ରରେ ସୃଷ୍ଟି ହୋଇଥିବା ବିଭୀଷିକା ଏବଂ ଏହା ଉପରାନ୍ତ ଆର୍ଥିକ ସଂକଟ ଦେଇ ବର୍ତ୍ତମାନ ପ୍ରଭାବିତ ରାଷ୍ଟ୍ରଗୁଡ଼ିକ ଗତି କରୁଥିବା ବେଳେ ଯୁଦ୍ଧ ଏବଂ ଜଳବାୟୁ ସଂକଟ ଯୋଗୁଁ ପ୍ରତି ପାଞ୍ଚ ଗୋଟି ସରକାରଙ୍କ ମଧ୍ୟରୁ ଚାରି ଗୋଟି ରାଷ୍ଟ୍ର ସମ୍ପଦ ଏବଂ ତତ୍କାଳ ଲାଭ ଅର୍ଜନ କରୁଥିବା ଉଦ୍ୟୋଗମାନଙ୍କର ଟିକସଗୁଡ଼ିକୁ ସୁକ୍ଷ୍ମ ଭାବରେ କର୍ତ୍ତନ କରିବା ଅପେକ୍ଷା ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସାମାଜିକ ସୁରକ୍ଷା ଭଳି ଜନସେବାଗୁଡ଼ିକରେ କାଣ୍ଟଛାଣ୍ଟ କରୁଛନ୍ତି । ଏହାଦ୍ୱାରା ମହିଳାମାନଙ୍କ ଉପରେ ମିତବ୍ୟୟିତା ଅନ୍ୱେଷଣର ଯେଉଁ ପ୍ରଭାବ ପଡୁଛି, ତାହା ଯେ ଦୁଃଖଦ ହେଉଛି, କହିବା ବାହୁଲ୍ୟ ମାତ୍ର । ଉଦାହରଣ ସ୍ୱରୂପ, ତଥ୍ୟ ଅନୁସାରେ, ୨୦୨୦ରେ ୧.୭ ମିଲିଅନ୍ ମହିଳା ଦାରିଦ୍ର୍ୟ ସୀମାରେଖା ତଳକୁ ଠେଲି ହୋଇଯିବା ସହିତ ସେମାନଙ୍କ ଉପରେ ଅଧିକ ପରିମାଣରେ ପରିବାରର ଯତ୍ନ ନେବା କାର୍ଯ୍ୟ ଲଦି ହୋଇ ଯାଇଥିଲା, ଯେତେବେଳେ କି ସେମାନଙ୍କୁ ଅତିରିକ୍ତ ୫୧୨ ବିଲିଅନ୍ ବିନା ପାରିଶ୍ରମିକ ଦିବସର କାମ କରିବାକୁ ପଡ଼ିଥିଲା। ୨୦୨୦ଠାରୁ ସମଗ୍ର ବିଶ୍ୱରେ ୧୦ ମିଲିଅନ୍‌ରୁ ଅଧିକ ସଂଖ୍ୟକ ମହିଳା କର୍ମ ଶକ୍ତିରୁ ବାଦ୍ ପଡ଼ିଛନ୍ତି ଏବଂ ସେମାନେ ୮୦୦ ବିଲିଅନ୍ ଡଲାରର ଆୟ ହରାଇଛନ୍ତି । ଭାରତରେ କେବଳ ୭ ପ୍ରତିଶତ ପୁରୁଷ ସେମାନଙ୍କ ଚାକିରି ହରାଇ ଥିବା ବେଳେ ୪୭ ପ୍ରତିଶତ ମହିଳା ସେମାନଙ୍କର ଚାକିରି ହରାଇଛନ୍ତି । ଏହାର ପରିଣତି ହୋଇଛି ଚିନ୍ତା ଉଦ୍ରେକକାରୀ, ଅର୍ଥାତ୍ ଏଭଳି ପରିସ୍ଥିତିର 'ଅଦୃଶ୍ୟ' ମୂଲ୍ୟ ସ୍ୱରୂପ ଅନ୍ତରଙ୍ଗ ସାଥୀ ହିଂସାରେ ଅଭୂତପୂର୍ବ ବୃଦ୍ଧି ଘଟିଥିବା ପରିଲକ୍ଷିତ ହୋଇଛି ପ୍ରତି ୧୦ ଜଣ ମହିଳାଙ୍କ ମଧ୍ୟରୁ ଜଣେ ସେମାନଙ୍କ ନିଜ ପରିବାରରେ ଉତ୍ପୀଡ଼ନର ଶିକାର ହୋଇଛନ୍ତି । ସର୍ବୋପରି, ଲକ୍‌ଡାଉନ୍ ସମୟରେ ବଜେଟ୍‌ରେ କାଟ କରାଯିବା ବିଶ୍ୱର ୮୫ ପ୍ରତିଶତ ଦେଶଙ୍କୁ ଲିଙ୍ଗ-ଆଧାରିତ ହିଂସାରୁ ବର୍ତ୍ତି ଯାଇଥିବା ଲୋକମାନଙ୍କୁ ଜରୁରୀକାଳୀନ ସେବାଗୁଡ଼ିକ ପ୍ରଦାନରେ ହ୍ରାସ କରିବାକୁ ବାଧ କରିଛି । ସାଧାରଣ ଜୀବନର ସୁବିଧା ସୁଯୋଗଗୁଡ଼ିକ ହାସଲ କ୍ଷେତ୍ରରେ ମଧ ବ୍ୟାଘାତ ସୃଷ୍ଟି ହୋଇଛି । ଏମିତିକି ମହିଳା ଏବଂ ବାଳିକାମାନେ ଅସ୍ୱାଭାବିକ ଭାବରେ ଦ୍ରୁତ ଗତିରେ ଦରବୃଦ୍ଧି ଯୋଗୁଁ ସୁଲଭ ମୂଲ୍ୟରେ ଖାଦ୍ୟ ସହିତ ସ୍ୱଚ୍ଛ ପାଣି ପାଇବା କ୍ଷେତ୍ରରେ ମଧ ଅଧିକ କଷ୍ଟ ଯନ୍ତ୍ରଣା ଭୋଗ କରିଛନ୍ତି। ଅକ୍ସଫାମ୍ ମତରେ, ୨୦୨୩ରେ ସରକାରମାନେ ଖର୍ଚ୍ଚ କାଟ ଜରିଆରେ ଯେତିକି ସଞ୍ଚୟ କରିବାର ଯୋଜନା କରୁଛନ୍ତି, ଧନୀକ ବର୍ଗର ଲୋକମାନଙ୍କ ଉପରେ ଏକ ପ୍ରଗତିଶୀଳ ସମ୍ପଦ ଟିକସ ଧାର୍ଯ୍ୟ କରାଯିବା ତା'ଠାରୁ ପ୍ରାୟ ୧ ଟ୍ରିଲିଅନ୍ ଡଲାର ଅଧିକ ଅର୍ଥ ସୃଷ୍ଟି କରିପାରିବ । ପୁନଶ୍ଚ, ସରକାରମାନେ ଯେଉଁସବୁ ପ୍ରସଙ୍ଗ ଉପରେ ପ୍ରାଥମିକତା ପ୍ରଦାନ କରୁଛନ୍ତି, ସେସବୁ ଉପରେ ସାମାନ୍ୟ ବକ୍ରଦୃଷ୍ଟି ମଧ ଅନେକ କିଛି ବୟାନ କରିଥାଏ । ଉଦାହରଣ ସ୍ୱରୂପ, ସାମରିକ ଶକ୍ତି ବୃଦ୍ଧି ବାବଦରେ ସରକାରମାନେ ଯେତିକି ବ୍ୟୟ କରୁଛନ୍ତି, ତା'ର ମାତ୍ର ୨ ପ୍ରତିଶତ କାଟ ମଧ୍ୟ ୧୩୨ଟି ଦେଶରେ ଆନ୍ତଃବ୍ୟକ୍ତିଗତ, ଲିଙ୍ଗ-ଆଧାରିତ ହିଂସାର ବିଲୋପ ପାଇଁ ଯଥେଷ୍ଟ । ଯେଉଁସବୁ ଦେଶରେ ଟିକସଗୁଡ଼ିକୁ ସାର୍ବଜନୀନ ସାମାଜିକ ସୁରକ୍ଷା ଏବଂ ଜନସେବାଗୁଡ଼ିକରେ ନିବେଶ କରାଯାଇଥାଏ । ଏକ ଭିନ୍ନ ବିଶ୍ୱ ସୃଷ୍ଟି କରି ପାରିବ ବୋଲି ରିପୋର୍ଟର ସାରାଂଶ ଉଲ୍ଲେଖ କରେ ।

## ଲୌହ ଦାନବର ରକ୍ତ ଭୋଜି



**ଶ୍ରୀବତ୍ସ ନାୟକ**

ଲୌହ ନିର୍ମିତ ବିଦ୍ୟୁତ ଚାଳିତ ସୁଦୀର୍ଘ ଇଞ୍ଜିନଟିଏ ସେ । ନିର୍ଜୀବ ହେଲେ ମଧ ଗତି ତାର ପ୍ରଖର । ବ୍ୟାଘ୍ର ଠାରୁ ହିଂସ୍ର ସିଏ । ଶବ୍ଦ ତାର ବିକଟାଳ । କମ୍ପନରେ ଥରି ଉଠେ ଅନେକ ଦୂର । ଖରା, ବର୍ଷା, ଶୀତକୁ ତାର ନଥାଏଟି ଡର । ସ୍ୱୟଂ ପଥେ ପଥିକ ସେ ଅଟେ ଶୂନ୍ୟ ସହନଶୀଳା। ଶହ ଶହ ମାଇଲ ଧରି ଦୁଇଟା କଳା କଳା ଲୁହା ଧାରଣା ଉପରେ ଗତି କରେ । ମାନବକୃତ ଯାନ ଟିଏ ସିଏ। ନାଁ ତାର ରେଳଗାଡ଼ି ବା ଟ୍ରେନ । ଧରାପୃଷ୍ଠରେ ବିଜ୍ଞାନର ଜୟଯାତ୍ରା କରି ବିଜ୍ଞାନ ବଳରେ ବଳୀୟାନ ହୋଇ ମଣିଷ ନିଜର ବୁଦ୍ଧି ଓ ଜ୍ଞାନ ଖଟାଇ ନିଜର ହିତ ସାଧନା କରିବା ଉଦ୍ଦେଶ୍ୟରେ ବିଜ୍ଞାନର କଳା ଓ କୌଶଳକୁ ବିନିଯୋଗ କରି ଦୂର ଦିଗ୍‌ବଳୟକୁ ଦ୍ରୁତଗାମୀ ଯାନ୍ତ୍ରିକ ଯାନ (ରେଳଗାଡ଼ି)ଟିଏ ଉଦ୍ଭାବନ କଲା କିନ୍ତୁ ମନୁଷ୍ୟର ଅଯାଚିତ ଓ ବେପରୁଆ କାର୍ଯ୍ୟ ଯୋଗୁଁ ରେଳଗାଡ଼ିଟି ଲୌହ ଦାନବ ସାଜି ଅନେକ ଧନ, ଜୀବନ ହାନି କରିଅଛି ।

ଯାତ୍ରୀମାନେ ଦୟା କରି ଧ୍ୟାନ ଦିଅନ୍ତୁ ମଣିଷର ଅବହେଳାରୁ ଆସେ ଅଯାଚିତ ବିପର୍ଯ୍ୟୟ। ଏହା ନାନା ରୂପରେ ଆସିଥାଏ । ଏହା କେବେ ପ୍ରକୃତିସ୍ଥ ତ କେବେ ମାନବୀୟ । ପ୍ରତେକ୍ଷ୍ୟ ଭାବେ ହେଉ କିମ୍ବା ପରୋକ୍ଷ ଭାବେ ହେଉ ମାନବୀୟ କାର୍ଯ୍ୟକଳାପ ତଥା ଉଦାସୀନତା ପାଇଁ ସମଗ୍ର ସମାଜକୁ ବିପତିର ସାମ୍ନା କରିବାକୁ ପଡେ। ଆଧୁନିକ ଯୁଗରେ ବିଜ୍ଞାନର ଗ୍ରାହକ ସାଜି ମଣିଷ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସହ ତାଳ ଦେଇ ଚାଲିଅଛି ଫଳ ସ୍ୱରୂପ ଦିନକୁ ଦିନ ବିପତ୍ତି ବୃଦ୍ଧି ପାଇବାରେ ଲାଗିଛି । ଆବଶ୍ୟକତାରୁ ହିଁ ଉଦ୍ଭାବନର ସୃଷ୍ଟି । ମନୁଷ୍ୟ ନିଜର ଆବଶ୍ୟକତାକୁ ଚରିତାର୍ଥ କରିବାକୁ ଯାଇ ଅନେକ ପ୍ରକାରର ଜିନିଷ ଉଦ୍ଭାବନ କରିଛି କିନ୍ତୁ ବେଳେ ବେଳେ ମନୁଷ୍ୟ ନିଜେ ନିଜ ଜାଲରେ ଛନ୍ଦି ହୋଇପଡେ। ତୀକ୍ଷଣ ବୁଦ୍ଧି ତଥା ଉଚ୍ଚଶିକ୍ଷିତ ହେଲେ ମଧ ମନୁଷ୍ୟକୁ ଯନ୍ତ୍ରଣାକୁ ସାମ୍ନା କରିବାକୁ ପଡେ। ହିତ ସାଧନ ପାଇଁ ଉଦ୍ଦିଷ୍ଟ ମନୁଷ୍ୟକୃତ ଯାନଟିଏ ଯେତେବେଳେ ଘାତକ ସାଜେ ସେତେବେଳେ ମନୁଷ୍ୟ ନିଜର ଉଦାସୀନତା ତଥା ବେପରୁଆ ମନୋଭାବ ପାଇଁ ପଶ୍ଚାତାପ କରେ କିନ୍ତୁ ଯୋ ଗୟା ସୋ ଗୟା ସଦୃଶ । ଅତୀତ ସବୁବେଳେ ଅତୀତ, ନିଜ ଭୁଲ ପାଇଁ ପଶ୍ଚାତାପ କଲେ ମଧ ଚାଲିଯାଇଥିବା ଅମୂଲ୍ୟ ସମ୍ପଦକୁ କେବେ ଫେରେଇ ଆଣିପାରେ ନାହିଁ । ଗମନାଗମନ ଓ ପରିବହନ ଆଖି ଆଗରେ ରଖି ମନୁଷ୍ୟ ଉଦ୍ଭାବନ କଲା ରେଳଗାଡ଼ି କିନ୍ତୁ ଅତୀତର ଘଟଣାବଳୀକୁ ଦେଖିଲେ ଏହା ସ୍ପଷ୍ଟ ଅନୁମେୟ କି କୌଣସି ନା କୌଣସି ଅଯାଚିତ କାର୍ଯ୍ୟ ଯୋଗୁଁ ବାରମ୍ବାର ଅନେକ ଧନ ଜୀବନ ହାନି ଘଟୁଛି । ରେଳ ଦୁର୍ଘଟଣା ଯୋଗୁଁ କେଉଁଠି ଶତାଧିକ ଲୋକଙ୍କର ଜୀବନ ଚାଲିଯାଉଛି ତ କେଉଁଠି ବନ୍ୟପ୍ରାଣୀଙ୍କ ଜୀବନ ଯାଉଛି । ଆମର ବେପରୁଆ କାର୍ଯ୍ୟ ହେତୁ ରେଳଗାଡ଼ିଟି ଲୌହ ଦାନବ ସାଜି ରକ୍ତର ଭୋଜି ଭକ୍ଷଣ କରୁଛି । ଶୂନ୍ୟ ସହନଶୀଳତା ନୀତି ଆପଣାଇ ଲୌହ ଦାନବଟି ଅନେକ ଲୋକଙ୍କୁ ବେସାହାରା କରି ଦେଇଛି ତା କାହା କୋଳରୁ ତାର ଶିଶୁ ଟିକୁ ଛଡ଼ାଇ ନେଇ ତାକୁ କୋଳ ଶୂନ୍ୟ କରିବା ସହ କାହାକୁ ସାରା ଜୀବନ ପଙ୍ଗୁ ସଜେଇଛି । ଯଦିଓ କିଛି ଲୋକ ତାର କେବଳରୁ ରକ୍ଷା ପାଇ ଯାଇଛନ୍ତି କିନ୍ତୁ ଲୌହ ଦାନବର ରକ୍ତିମ ଦୃଶ୍ୟକୁ ଅଙ୍ଗେ ନିଭାଇଥିବା ଲୋକ କେବେ ବି ଭୁଲିପାରିବ ନାହିଁ । କେବଳ ସେତିକି ନୁହେଁ ନିରୀହ ବନ୍ୟପ୍ରାଣୀଟିଏ ଯଦି କେବେ ବି ନିଜ ଆଜାଣତ ରେ ରେଳପଥକୁ ଚାଲି ଆସିଥାଏ ତେବେ ରେଳଗାଡ଼ିଟି ପ୍ରତିଶୋଧ ପରାୟଣ ହୋଇ ଜନ୍ତୁଟିର ରକ୍ତଭକ୍ଷଣ କରେ । ମଣିଷରର ସ୍ୱଚ୍ଛ ବେପରୁଆ କାର୍ଯ୍ୟ କିମ୍ବା ଅଜାଣତରେ ଯଦି କୌଣସି ଭୁଲ କରିବସେ ତେବେ ଲୌହ ମାନବ ସାଜି ରେଳଗାଡ଼ିଟି ପ୍ରତିଶୋଧ ନେଇଛି । ସହ୍ୟ କରିବାର କ୍ଷମତା ବୋଧେ ତାର ନାହିଁ। କ୍ଷମା ଓ ଦୟା ଠାରୁ ବହୁତ ଉର୍ଦ୍ଧ୍ୱରେ ସେ ।

ମନୁଷ୍ୟ ନିଜର ସୁଖ ସୁବିଧା ପାଇଁ ଜ୍ଞାନ ଓ କାରିଗରୀ କୌଶଳର ଉପଯୋଗ କରି ପ୍ରାକୃତିକ ପରିବେଶରେ କେତେକ ପରିବର୍ତ୍ତନ ଆଣିଥାଏ । ନିଜର ହିତସାଧନା ଉଦ୍ଦେଶ୍ୟରେ ବ୍ୟବସାୟ, ଗମନାଗମନ ଓ ବାଣିଜ୍ୟ କ୍ଷେତ୍ରରେ ଆଣିଲା ବୈପ୍ଳବାତ୍ମକ ପରିବର୍ତ୍ତନ । ପ୍ରାଚୀନ କାଳରେ ଗମନାଗମନର ମାଧ୍ୟମ ଥିଲା ବଳଦ, ଘୋଡ଼ା, ଖଚର, ଓଟ, ଗଧ, ଲାମା, ଚମରୀ ଗାଇ, ବାଲଗା ହରିଣ, ହାତୀ । ଆଜି ସେ ସମୟ ଆଉ ନାହିଁ । ସମୟ ବଦଳି ଯାଇଛି । ବିଜ୍ଞାନର ଗ୍ରାହକ ସାଜି ମଣିଷ ପରିବହନ କ୍ଷେତ୍ର ରେ ଶଗଡ଼, ରିକ୍ସା, ବସ, ଟ୍ରକ, ଡଙ୍ଗା, ରେଳଗାଡ଼ି, ଉଡାଜାହଜ ଟ୍ରେନ, ହେଲିକପ୍ଟର ଉଦ୍ଭାବନ କରିସାରିଲାଣି । ବିଶେଷ କରି କଞ୍ଚାମାଲ ଓ ଯାତ୍ରୀ ପରିବହନ କ୍ଷେତ୍ରରେ ରେଳଗାଡ଼ି ର ବହୁଳ ବ୍ୟବହାର ଦେଖିବାକୁ ମିଳେ । ଭାରତୀୟ ରେଳପଥ ଏସିଆ ମହାଦେଶର ବୃହତ୍ତମ ଏବଂ ଋଷିଆ, ଆମେରିକା ଓ ଚୀନ ପରେ ପୃଥିବୀର ଚତୁର୍ଥ ବୃହତ୍ତମ ରେଳପଥ ଅଟେ । ଇଂରେଜମାନଙ୍କ ଶାସନ କାଳରେ ବାଣିଜ୍ୟ ଓ ଗମନା ଗମନକୁ ଆଖି ଆଗରେ ରଖି ପ୍ରଥମେ ୧୮୫୩ ମସିହାରେ ଭାରତ ମାଟିରେ ରେଳ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ମୁମ୍ବାଇ ଠାରୁ ଥାନେ ପର୍ଯ୍ୟନ୍ତ ପ୍ରାୟ ୩୪ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରେଳରାସ୍ତା ଉପରେ ରେଳଗାଡ଼ି ଗଡିଥିଲା। ସମୟାନୁକ୍ରମେ ଏହାର ଉପାଦେୟତାକୁ ଲକ୍ଷ୍ୟ କରି ରେଳ ନେଟୱର୍କର ପ୍ରଚାର ପ୍ରସାର ବୃଦ୍ଧି ହେଲା । ଭାରତରେ ଅଦ୍ୟାବଧି ୬୭୯୯୫ କିଲୋମିଟରର ରେଳଧାରଣା ଉପରେ, ୭୫୦୦ଟି ରେଳ ଷ୍ଟେସନ ମଧ୍ୟରେ ପାଖାପାଖି ୧୪୦୦୦ ଯାତ୍ରୀବାହୀ ରେଳ ସହ ୮୦୦୦ ମାଲବାହୀ ଟ୍ରେନ ଯାତାୟତ କରୁଅଛି । ଏତଦ୍ ବ୍ୟତୀତ ୧୫ ଲକ୍ଷରୁ ଅଧିକ କର୍ମଚାରୀ ଏହି ନେଟୱର୍କ ସହ ସଂଶ୍ଳିଷ୍ଟ ଅଛନ୍ତି ।

ଭାରତୀୟ ରେଳର ବୟସ ପାଖ ପାଖାପାଖି ୧୭୦ ହେବ । ୧୮୫୩ ମସିହାରୁ ଭାରତରେ ରେଳ ସେବା ଆରମ୍ଭ ହେଲାଣି । ଦୀର୍ଘ ଦେଢ଼ ଶତାବ୍ଦୀରୁ ଉର୍ଦ୍ଧ୍ୱ ପୁରୁଣା ରେଳ ଧାରଣା ଗୁଡ଼ିକ ମରାମତି କରିବାପାଇଁ ଅନେକ ସମୟରେ ସରକାର ବହୁତ୍ ଅର୍ଥ ବ୍ୟୟ କରୁଛନ୍ତି । ଇଂରେଜ ସମୟର ପୁରୁଣା ରେଳଧାରଣା ଗୁଡ଼ିକ ବହୁବାର ମରାମତି ଯୋଗୁଁ ତାର ସ୍ଥାୟୀତ୍ୱ ହ୍ରାସ ହୋଇ ଆସିଲାଣି । ବଗି ଗୁଡ଼ିକ ମଧ ପୁରୁଣା ହୋଇଥିବାରୁ କେବେ କେବେ ଚଳନ୍ତା ରେଳ ଇଞ୍ଜିନରୁ ବିଚ୍ଛେଦ ହୋଇ କକ୍ଷଚ୍ୟୁତ ହୁଅନ୍ତି । କେଉଁଠି ଇଞ୍ଜିନ ଆଉ ବଗି ନୂଆ ହେଲେ ଧାରଣ ପୁରୁଣା ତ କେଉଁଟି ଧାରଣା ନୂଆ ହେଲେ ବଗି ପୁରୁଣା ତେଣୁ ଏହି ଭଳି ପରିସ୍ଥିତିରେ ରେଳ ଦୁର୍ଘଟଣା ହେବାଟା ସୁନିଶ୍ଚିତ । ବୁଲେଟ ଓ ହାଇଟେକ୍ ଟ୍ରେନ ଚଳାଚଳ ପାଇଁ ଉପଯୁକ୍ତ ଭିତ୍ତିଭୂମିର ମଧ ଅଭାବ । ୧୮୫୩ ମସିହାରୁ ୧୯୪୭ ମସିହା ମଧ୍ୟରେ ୫୪୦୦ କିଲୋମିଟର ରେଳ ଧାରଣା ଥିଲା କିନ୍ତୁ ସ୍ୱାଧୀନତାର ୭୫ ବର୍ଷ ପରେ ମାତ୍ର ୧୩୦୦୦ କିଲୋମିଟର ନୂତନ ରେଳଧାରଣା ତିଆରି କରାଯାଇଛି । ଟେକ୍ନିକ୍‌ର ଅଭାବ ଯୋଗୁଁ ମାଳଭୂମି ଓ ପର୍ବତ୍ୟାଞ୍ଚଳରେ ରେଳପଥର ନିର୍ମାଣ ତଥା ମରାମତି ପାଇଁ ପର୍ଯ୍ୟାପ୍ତ ପରିମାଣରର ଅର୍ଥ ବିନିଯୋଗ କରାଯାଇ ଥିଲେ ମଧ ଆଶାନୁରୂପ ସଫଳତା ମିଳୁନାହିଁ । ଇଏ ତ ଗଲା ଭିତ୍ତିଭୂମି କଥା । ତା ପରେ ପରିଚାଳନା ଗତ ବ୍ୟବସ୍ଥାରେ ତ୍ରୁଟି ମଧ ରେଳ ଦୁର୍ଘଟଣାର ଅନ୍ୟ ଏକ ପ୍ରମୁଖ କାରଣ । ଆଜିକାଲି ରେଳପଥର ବିକାଶ ଯୋଗୁଁ ପାସେଞ୍ଜର ଓ ଏକ୍ସପ୍ରେସ ତୁଳନାରେ ସୁପର ଫାଷ୍ଟ ଏକ୍ସପ୍ରେସ, ରାଜଧାନୀ ଏକ୍ସପ୍ରେସ ଭଳି ମେଟ୍ରୋ ରେଳ ମଧ ଚଳାଚଳ କରୁଅଛି । ଭାରତୀୟ ରେଳ ନିଜର ଉପଯୋଗିତା ତଥା ଅଭିବୃଦ୍ଧି ପାଇଁ କାର୍ଯ୍ୟକାରୀ ରେଳପଥର ଦୈର୍ଘ୍ୟ ବୃଦ୍ଧି, ରେଳମାର୍ଗର ବିଦ୍ୟୁତକରଣ, ମିଟର ଗେଜ ରେଳପଥରୁ ବ୍ରଡ୍ ଗେଜ୍ ରେ ପରିବର୍ତ୍ତନ, ଦ୍ରୁତଗାମୀ ତଥା ଅତି ଦ୍ରୁତଗାମୀ ରେଳ ଚଳାଚଳ, ଇଣ୍ଟରନେଟ୍ ମାଧ୍ୟମରେ ଆରକ୍ଷଣ ଭଳି ପନ୍ଥା ଆପଣାଇଛି କିନ୍ତୁ ରେଳ ବିଭାଗର ପରିଚାଳନା ଗତ ତ୍ରୁଟି ଯୋଗୁଁ ଦାନବ ରୂପୀ ଲୌହ ନିର୍ମିତ ଇଞ୍ଜିନ ଅନେକ ଜୀବନ ନେଇଛି । ଅତୀତରେ ଦେଶରେ ଅନେକ ବଡ଼ ବଡ଼ ରେଳ ଦୁର୍ଘଟଣା ଘଟିଛି । ୧୯୮୧ ମସିହାରେ ବିହାରରେ ଏକ ବଡ଼ ଧରଣର ଟ୍ରେନ ଦୁର୍ଘଟଣା ଘଟିଥିଲା । ୯୦୦ ଜଣ ଯାତ୍ରୀଙ୍କୁ ନେଇ ଯାତ୍ରା ଆରମ୍ଭ କରିଥିବା ଟ୍ରେନଟି ଭାରସାମ୍ୟ ହରାଇ ବାଗମତି ନଦୀ ମଧକୁ ଖସି ପଡିଥିଲା । ଫଳସ୍ୱରୂପ ପ୍ରାୟ ୬୦୦ ଯାତ୍ରୀଙ୍କର ଅକାଳ ବିୟୋଗ ଘଟିଥିଲା । ୧୯୯୫ ମସିହା ଅଗଷ୍ଟ ୨୦ ତାରିଖରେ ଉତ୍ତର ପ୍ରଦେଶର ଫିରୋଜବାଦ ଠାରେ କାଳନ୍ଦୀ ଏକ୍ସପ୍ରେସ ଏକ ନିଳଗାଇକୁ ଧକ୍କା ଦେଇ ଟ୍ରାକରେ ଅଟକି ଥିବାର ସୂଚନା ସିଗନାଲ ମ୍ୟାନଙ୍କ ପାଖେ ନଥିଲା । ସେହି ସମୟର ପଛପଟୁ ଆସୁଥିବା ପୁରୁଷୋତ୍ତମ ଏକ୍ସପ୍ରେସଟି କାଳନ୍ଦୀ ଏକ୍ସପ୍ରେସଟିକୁ ଧକ୍କା ଦେଲା ଫଳରେ ୩୦୦ ଯାତ୍ରୀ ମୃତ୍ୟୁ ମୁଖରେ ପଡ଼ିବା ସହ ପାଖାପାଖି ୪୦୦ ଜଣ ଆହତ ହୋଇଥିଲେ । ଷ୍ଟେସନ ମାଷ୍ଟରଙ୍କ ଭୁଲ ସୂଚନା ଯୋଗୁଁ ୧୯୯୯ ମସିହା ଅଗଷ୍ଟ ୧ ତାରିଖରେ ଅଓ୍ୱାଧା - ଆସାମ ଏକ୍ସପ୍ରେସ ବ୍ରହ୍ମପୁତ୍ର ମେଲକୁ ଧକ୍କା ଦେବା ଫଳରେ ୩୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା । ୨୦୧୮ ଅକ୍ଟୋବର ମାସରେ ଦଶହରାକୁ ପଞ୍ଜାବ ବାସୀ କେବେ ବି ଭୁଲି ପାରିବେ ନାହିଁ । ନବରାତ୍ରିକୁ ଖୁବ୍ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରି ରାବଣ ପୋଡ଼ିକୁ ପାଳନ କରିବାକୁ ଅପେକ୍ଷା କରିଥିଲେ । ସବୁକିଛି ଠିକ୍‌ଠାକ୍ ଥିଲା କିନ୍ତୁ କାଳର କରାଳ ଗତି ରେ ବିଧିର ବିଧାନ ଥିଲା କିଛି ନିଆରା । ରାବଣ ପୋଡ଼ିବା ପରିବର୍ତ୍ତେ ଲୋକମାନେ ଅପେକ୍ଷା କରିଥିଲେ ନିଜର ସମ୍ପର୍କୀୟଙ୍କୁ ପୋଡିବା ପାଇଁ ତ କେହି ନିଜେ ପୋଡ଼ା ହେବା ପାଇଁ ଅପେକ୍ଷା କରିଥିଲେ। କେହି କିଛି ବୁଝିବା ଆଗରୁ ଆଖି ପିଛୁଳାକେ ହଠାତ ଲୌହ ଦାନବ ସାଜି ରାବଣ ପୋଡ଼ି ପଡିଆ ଭିତରକୁ ମାଡିଆସିଥିଲା ରେଳ ଗାଡିଟି । ପାଖାପାଖି ୬୯ ଜଣଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଗଲା । ଘଟଣା ପରେ ଚାଲିଲା ଆରୋପ ଏବଂ ପ୍ରତ୍ୟାରୋପ । ବିଭାଗ ଦୋଷ ଦେଲା ଜିଲ୍ଲା ପ୍ରଶାସନର କିନ୍ତୁ ଚାଲିଯାଇଥିବା ଜୀବନ କେବେ ଫେରିବାର ନଥିଲା । ଦାୟିତ୍ୱହୀନତା ତଥା ଅସାବଧାନତା ବେଳେ ବେଳେ କେତେ ବଡ଼ ବିପଦକୁ ଡାକିଆଣେ ତାହା ଏହା ଜ୍ୱଳନ୍ତ ଉଦାହରଣ । ଯଦିଓ ଘଟଣାଟି ପଞ୍ଜାବର ଥିଲା କିନ୍ତୁ ଦଶହରା ପାଇଁ ବିଭିନ୍ନ ସ୍ଥାନ ରେ ଉତ୍ସବ ମନାଉଥିବା ଲୋକ ଯେତେବେଳେ ଖବର ପାଇଲେ ସମସ୍ତଙ୍କ ମନ ଫିକା ପଡିଯାଇଥିଲା । ମନ ମସ୍ତିଷ୍କକୁ ଘଟଣାଟି ଆନ୍ଦୋଳିତ କରିଦେଇଥିଲା । ଏହି ଭଳି ଅତୀତରେ ଅନେକ ରେଳ ଦୁର୍ଘଟଣା ଘଟିଛି। ଏନ୍. ସି. ଆର୍. ବି ର ରିପୋର୍ଟ ଅନୁସାରେ ପ୍ରତିବର୍ଷ ରେଳ ଜନିତ ଶହ ଶହ ଅଘଟଣ ଘଟୁଛି । ଭାରତରେ ୨୦୧୪ରୁ ୨୦୧୮ ମଧ୍ୟରେ ୫୧୩ ଟି, ୨୦୧୯ ରେ ୨୦ଟି, ୨୦୨୦ରେ ୫୫ଟି, ୨୦୨୧ରେ ୨୨ଟି ଦୁର୍ଘଟଣା ଘଟିଛି । ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶ ଏ କ୍ଷେତ୍ରରେ ଆଗୁଆ ରହିଛି। ନିକଟରେ ଅର୍ଥାତ ନଭେମ୍ବର ୨୧ ତାରିଖରେ ଯାଜପୁର ଜିଲ୍ଲାର କୋରେଇ ଠାରେ ବି ଏକ ଭୟଙ୍କର ରେଳ ଦୁର୍ଘଟଣା ଘଟିଥିଲା । ସମୟ ଥିଲା ସକାଳ ୦୬.୩୦ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ପୁଷ୍ଟିହୀନତା ଲଢ଼େଇରେ ଜିତୁଛି ଓଡ଼ିଶା

**ଡାକ୍ତର କାନ୍ତୀ ନାୟକ**

ଶିଶୁକୁ ପୋଷଣ ବିରୋଧ ଲଢ଼େଇରେ ରାଜ୍ୟ ସରକାର ଭଲ ପ୍ରଦର୍ଶନ କରୁଛନ୍ତି। ବିଗତ ଦିନରେ ସ୍ୱାଭିମାନ ଅଞ୍ଚଳରେ ଶିଶୁଙ୍କ କ୍ଷେତ୍ରରେ ଦେଖାଦେଉଥିବା କୁପୋଷଣ କ୍ରମାଗତ ଭାବେ କମିବାରେ ଲାଗିଛି। ସମ୍ପ୍ରତି ରାଜ୍ୟରେ ଶିଶୁଙ୍କ ସାମଗ୍ରିକ ବିକାଶ ହେଉଥିବା ବେଳେ ସଂଯୁକ୍ତ ରାଷ୍ଟ୍ର ଭଳି ବିଶ୍ୱସନୀୟ ସଂସ୍ଥା ଓଡ଼ିଶାର ଉଦ୍ୟମକୁ ସାବାସୀ ଦେଉଛନ୍ତି। ଓଡ଼ିଶାରେ ପାଞ୍ଚ ବର୍ଷରୁ କମ ବୟସର ଶିଶୁଙ୍କ ମୃତ୍ୟୁ ହାର ଅପେକ୍ଷାକୃତ ଭାବେ ଅଧିକ ଥିଲା। ପୁଷ୍ଟିହୀନତାର ମାତ୍ରା କମିବା ଫଳରେ ଶିଶୁ ମୃତ୍ୟୁ ହାର ନିୟନ୍ତ୍ରଣକୁ ଆସିଥିବା ସଂଯୁକ୍ତ ରାଷ୍ଟ୍ର ରିପୋର୍ଟରୁ ସ୍ପଷ୍ଟ ହୋଇଛି। ସେହିଭଳି ଗୋଟିଏ କିମ୍ବା ଦୁଇଟି ସୂଚକାଙ୍କରେ ନୁହେଁ, ରାଜ୍ୟ ସରକାର ଶିଶୁଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇବା ଠାରୁ ଆରମ୍ଭ କରି କୁପୋଷଣ ବିରୋଧ ଲଢ଼େଇରେ ରାଜ୍ୟବାସୀଙ୍କୁ ସଚେତନ କରାଇବା କ୍ଷେତ୍ରରେ ଆଗକୁ ବଢ଼ିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ୟୁନିସେଫର ବୈଷୟିକ ସହାୟତାରେ ଚାଇଲ୍ଡ ଇନ ନିଡ ଇନଷ୍ଟିଚ୍ୟୁଟ ପକ୍ଷରୁ ଓଡ଼ିଶାରେ ଶିଶୁଙ୍କ ଖାଦ୍ୟାଭ୍ୟାସକୁ ପ୍ରୋତ୍ସାହିତ କରିବାରେ ଗଣମାଧ୍ୟମର ଭୂମିକା ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରରେ ୟୁନିସେଫ ପକ୍ଷରୁ ଏହି ତଥ୍ୟକୁ ସାର୍ବଜନୀନ କରାଯିବା ସହ ଓଡ଼ିଶାର ଉଦ୍ୟମକୁ ପ୍ରଶଂସା କରାଯାଇଛି।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ୨୦୧୯-୨୦୨୦ର ତଥ୍ୟ ଅନୁଯାୟୀ ପ୍ରତି ଶହେ ଜଣରେ ୬୮.୫ ପ୍ରତିଶତ ୩ ବର୍ଷରୁ କମ ପିଲାମାନେ ଜନ୍ମର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରିଛନ୍ତି। ସେହିଭଳି ଗତ ୨୦୧୫-୧୬ ସର୍ବେକ୍ଷଣରେ ୬୫.୬ ପ୍ରତିଶତ ୬ ମାସରୁ କମ ବୟସର ପିଲା ମା'କ୍ଷୀର ପିଇବାକୁ ପାଉଥିଲେ। ମାତ୍ର ସଦ୍ୟ ପ୍ରକାଶିତ ତଥ୍ୟରେ ଏହି ପ୍ରତିଶତ ବଢ଼ି କରି ୭୨.୯ ପ୍ରତିଶତରେ ପହଞ୍ଚିଛି। ସେହିଭଳି ୬ରୁ ୨୩ ମାସ ବୟସରେ ସ୍ତନ୍ୟପାନ କରୁଥିବା ପିଲାଙ୍କ ମଧ୍ୟରୁ ୨୦.୩ ପ୍ରତିଶତ ପିଲା ପର୍ଯ୍ୟାପ୍ତ ଖାଦ୍ୟ ଗ୍ରହଣ କରୁଛନ୍ତି। ପୂର୍ବ ସର୍ବେକ୍ଷଣରେ ଏହା ୮.୯ ପ୍ରତିଶତ ରହିଥିଲା। ସେହିଭଳି ୨୦.୪ ପ୍ରତିଶତରୁ ୬ରୁ ୨୩ ମାସ ବୟସର ପିଲାମାନେ ପର୍ଯ୍ୟାପ୍ତ ସୁଷମ ଖାଦ୍ୟ ପାଉଛନ୍ତି। ସେହିଭଳି କୁପୋଷଣ ହେତୁ ଗେଡ଼ା ହୋଇଥିବା ୫ବର୍ଷରୁ କମ ବୟସ ପିଲାଙ୍କ ପ୍ରତିଶତ ରାଜ୍ୟରେ ୩୪.୧ ପ୍ରତିଶତରୁ କମି ଆସି ୩୧ ପ୍ରତିଶତରେ ପହଞ୍ଚିଛି। ଦୁର୍ବଳ ହୋଇଥିବା ୫ବର୍ଷରୁ କମ ବୟସ ପିଲାଙ୍କ ପ୍ରତିଶତ ୨୦.୪ରୁ ୧୮.୧ ପ୍ରତିଶତକୁ ଖସିଛି। ସେହିଭଳି କମ ଓଜନର ହୋଇଥିବା ୫ ବର୍ଷରୁ କମ ବୟସର ପିଲାଙ୍କ ପ୍ରତିଶତ ରାଜ୍ୟରେ ୩୪.୪ ପ୍ରତିଶତରୁ ୨୯.୭ ପ୍ରତିଶତରେ ପହଞ୍ଚିଛି। ପାଖାପାଖି ସବୁ ସୂଚକାଙ୍କରେ ଓଡ଼ିଶା ଭଲ ପ୍ରଦର୍ଶନ କରିଥିବାବେଳେ ପିଲାଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ ଯୋଗାଇବା କ୍ଷେତ୍ରରେ ଜାତୀୟ ସ୍ତରରେ ସବୁଠାରୁ ଉନ୍ନତ ପ୍ରଦର୍ଶନ କରିଛି।

ପିଲାଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ମା'କ୍ଷୀର ଦେବା ବୌଦ୍ଧିକ ଓ ଶାରୀରିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ସେହିଭଳି ଛୋଟ ପିଲାଙ୍କୁ ଦିଆଯାଉଥିବା ଖାଦ୍ୟର ୧୦ଟି ପ୍ରକାରଭେଦ ରହିଛି। ଏଥିମଧ୍ୟରୁ ପିଲାମାନେ ଅତିକମରେ ୩ରୁ ୪ ପ୍ରକାରର ଖାଦ୍ୟ ଦୈନନ୍ଦିନ ଖାଇବା ଦରକାର। ରାଜ୍ୟ ସରକାର ପୋଷଣଯୁକ୍ତ ଖାଦ୍ୟ ଯୋଗାଇବାରେ ଆଗରେ ରହିଛନ୍ତି। ସ୍ତନ୍ୟପାନର ବିକଳ୍ପ ଭାବେ ଅନେକ ପ୍ୟାକେଟ ଖାଦ୍ୟ ବଜାରରେ ମିଳୁଛି। ଯାହାକୁ ଖାଇ ଶିଶୁଙ୍କ ବୌଦ୍ଧିକ ଓ ଶାରୀରିକ ଦୁର୍ବଳତା ସୃଷ୍ଟି ହେଉଛି। ଏଣୁ ମା'ମାନେ ପିଲାଙ୍କର ଭବିଷ୍ୟତର ସ୍ୱାସ୍ଥ୍ୟକୁ ଧ୍ୟାନ ଦେଇ ସ୍ତନ୍ୟପାନ କରାନ୍ତୁ ବୋଲି ସେ କହିଛନ୍ତି। ଶିଶୁଙ୍କ ପୁଷ୍ଟିହୀନତା ଦୂର କରିବା ପାଇଁ ଓଡ଼ିଶା ସରକାର ୟୁନିସେଫ ଓ ଚାଇଲ୍ଡ ଇନ ନିଡ ଇନଷ୍ଟିଚ୍ୟୁଟର ମିଳିତ ଉଦ୍ୟମରେ ଫ୍ଲାଗ ସିପ କାର୍ଯ୍ୟକ୍ରମ କରାଯାଉଛି। ଜୁଲାଇ ୨୦୧୮ରୁ ଜାନୁଆରୀ ୨୦୨୧ ମଧ୍ୟରେ ଓଡ଼ିଶାର ୪ଟି ଜିଲ୍ଲା କୋରାପୁଟ, କେନ୍ଦୁଝର, ନବରଙ୍ଗପୁର ଏବଂ ରାୟଗଡ଼ାର ୫୦ଟି ବ୍ଲକରେ ୧୦୬୮୯ଟି ଅଙ୍ଗନୱାଡ଼ି କେନ୍ଦ୍ର ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ପଦକ୍ଷେପର ଫଳସ୍ୱରୂପ ବର୍ତ୍ତମାନ ଏହା ୩୦ଟି ଯାକ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଯେପରିକି ଅଙ୍କୁର ଦିବସ, ଅନ୍ନପ୍ରସନ୍ନ ଦିବସ, ସ୍ୱତନ୍ତ୍ର ପରାମର୍ଶ ଅଧିବେଶନ ଏବଂ ଭିଏଚଏସଏନଡି (ମମତା ଦିବସ) ମାଧ୍ୟମରେ ଏହି ଖାଦ୍ୟାଭ୍ୟାସକୁ ଅଧିକ ପ୍ରଭାବଶାଳୀ କରାଯାଇପାରିଛି।

+ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ




### ମାୟାବଳୟକୁ ଜୁହାର...

**ଡା.ମନୋରଞ୍ଜନ ଦାଶ**



ମୁଁ ତ ବେଶ୍ ଆକର୍ଷିତ,
ପ୍ରକୃତିର ଅପରୂପ ଠାଣି
ଓ ଆକାଶର ବିସ୍ତାରିତ ଛାତିକୁ
ଦେଖି....
ତୁମ ମିଥ୍ୟା ପ୍ରଗଳଭତାକୁ
କେତେବାର ତୁମେ ମୋତେ
ଶୁଣେଇ ଖୁସି ପାଇଁ !
ଜୀବନବୋଧର ଦର୍ଶନକୁ ବୁଝୁନ କି
ବୁଝିବାକୁ ପ୍ରୟାସ ବି କରୁନା....
ଦୁଃଖ ଲାଗୁଚି ମୋତେ !
ତୁମ ଛଟକୀ ଠାଣିରେ ମୁଁ ଅବା
କାହିଁକି ଆକର୍ଷିତ ହେବି !
ଯେତେ କୃତ୍ରିମ ଢଙ୍ଗରେ ବାଟ
ଚାଲୁଚ, ଚାଲ ତୁମେ...
ଯେତେ ମିଛ ବିଭୋର ହେଉଚ
ହେଉଥାଅ !
ମୁଁ କିନ୍ତୁ ସଫେଦ୍ ପଣକୁ
ଜାବୁଡ଼ି ଧରିଚି,
ନିଟୋଳ ପ୍ରୀତିମୟତାରେ ହଜୁଚି...
ଚେନାଏ ତିତିକ୍ଷାକୁ ମାଳା କରି
ଆତ୍ମାରେ ଲମ୍ବେଇଚି।
ମୁଁ ତ ବେଶ୍ ସାମର୍ଥ୍ୟ ଓ ସମ୍ଭାବନାକୁ
ହାତରେ ଧରିଚି।
ସ୍ମୃତିକୁ ମୋ ଚିତ୍ତ ଉଦ୍ଦୀପନାରେ
ବାନ୍ଧିଚି ।
ମାଘ, ମେଘ, ଫଗୁଣ ଓ ପ୍ରଣୟକ
ବେଶ୍ ପାନ କରୁଚି....
ତୁମ ମାୟା ବଳୟକୁ ମୋର
ଜୁହାର...
ମୋ ସୃଜନ ବଳୟ ସତେ
କେତେ ଆପଣାର.....

♥ପ୍ରଭାବତୀ ନିଳୟମ୍,
ବେଲତଳ,
ପଟ୍ଟାମୁଣ୍ଡାଇ, ଜି.ପକେନ୍ଦ୍ରାପଡା
ମୋ: ୯୪୩୭୩୧୭୭୨୨

### କିଛି ସମୟ ତ ମୋତେ ଦେ

**ବାଉରିବନ୍ଧୁ ଲେଙ୍କା**



କେତେବେଳେ ମୁଁ ତ,
କେତେବେଳେ ସିଏ
ରାଗରେ ତମ ତମ ।
ସବୁ ପୃଷ୍ଠାକୁ ପଢିବା ସମ୍ଭବ ନୁହେଁ
ଏମିତି କଟି ଚାଲିଛି ଏ ଜୀବନ ?

ଅତିକ୍ରାନ୍ତ ହୋଇଛି ସେ ସମୟ ସବୁ,
ଯେତେବେଳେ କିଛି ଶୁଣିଥିଲି ଆଉ
କିଛି କହି ବି ଥିଲି ।

ଏମିତି ଶୁଣିବା ଆଉ କହିବାରେ
ବାଣ୍ଟି ହୋଇ ଯାଇଛି ଏ ଜୀବନ ?

କିଛି ଖୁସି ଥିଲା କିଛି ଦୁଃଖ ବି
ଓଠରେ କିଛି ହସ ଥିଲା ଆଉ
ଆଖିରେ କିଛି ଲୁହ ବି,
କେବେ ଧାଇଁଛି ତ କେବେ ସ୍ଥିର
ଠିକ୍ ବରଫ ଜମାଟ ବାନ୍ଧିଲା ପରି,
ଏମିତି ବିତି ଚାଲିଛି ଏ ଜୀବନ ?

ଏବେ ତ ଶେଷ ପ୍ରହର,
ସ୍ଥିର ହୋଇ ଯା ତୁ
ଟିକେ ଜିଇବାକୁ ଦେ ମୋତେ
ମୋ ଇଚ୍ଛା ଅନୁସାରେ,
ଜିଇବାକୁ ଚାହୁଁଛି ମୁଁ
ମୋ ଖୁସିମାନଙ୍କ ମେଳରେ

କିଛି ସମୟ ପାଇଁ,
ତୁ ଏବେ ଆସନାରେ ମୃତ୍ୟୁ,
କିଛି ସମୟ ତ ମୋତେ ଦେ ?

♥ଦ ପର୍ଲ ରେସିଡେନ୍ସି,
ଦୁର୍ଗାମାଧବ ନଗର, ଭୁବନେଶ୍ୱର
ମୋ: ୯୮୫୩୫୩୫୮୪୪

### ମାଁ ମତେ ଆଏବାର୍ କେ ଦିଅ

**ବୃନ୍ଦାବନ ପ୍ରଧାନ**



ମୋର୍ ବି ତ ଗୁଟେ ସପନ ଅଛେ
ମୋର୍ ବି ତ ଗୁଟେ ମନ୍ ଅଛେ
ଅଧାବାଟୁଁ ମାଁ ନାଇଁ ଦିଅ କାଟି
ନାଇଁ ମିସ ମତେ ଗୋ ମାଟିଁ ।

ପେଟେ ଥାଇଁ ଅର୍ଦଳି କରୁଛେଁ ଗୋ ମାଁ
ମତେ ଦୁନିଆ ଦେଖବାର୍ କେ ଦିଅ
ମୋର କଲଜା ଖପସା କାଟି ମାଁ
ତମେ ଆଉ ଉସତ ନେ ହୁଅ।

ମୋର୍ ଭାଏ ଦଦା ତମର
ଯେନତା ରଖିଛନ୍ ନାଁ
ତାକର ଠାନୁବି ଆଉ ଭଲକରମି
ନାଇଁ ମାର ଗୋ ମୋର୍ ମାଁ।

ମାଁ ମତେ ଆଏବାର୍ କେ ଦିଅ
ନାଇଁ ପକ ମତେ କାଟି
ଫୁଲ ହଇଁ ଫୁଟବାର କେ ଦିଅ
ନାଇଁ ମିସ ମତେ ମାଟି ।

♥ବାଉଲସିଂହା, ଭଟଲି, ବରଗଡ଼

### ଶେଷ ସୂର୍ଯ୍ୟ

**ସୁବ୍ରତ କୁମାର ଜେନା**

ହେ ଆଗନ୍ତୁକ ଆଉ ଆଗଅନି ଆଗକୁ,
ଭୁଲକରି ଲଙ୍ଘି ଯାଅନି ସୀମାକୁ,
ଆଶା ସବୁ ପାଲଟି ଗଲେଣି ମଦିରା,
ସେ ମଦିରା ନିଶାରେ ସମସ୍ତେ ମାତାଲ,
କାହାର ଟଙ୍କା, କାହାର ପ୍ରତିପତ୍ତି, କାହାର
ପଦବୀ,
ମୁଁ କିନ୍ତୁ ସେବେଠୁ ପଡିଛି ଏଇ ମାଟି ପିଣ୍ଡାରେ,
ମୋ ପାଇଁ ଆଶା ଏକ ମରୀଚିକା,
ଏଇ ଅଛି ଏଇ ନାଇ,
ଚାଲିଯାଏ ଦୂରକୁ ଦୂରକୁ ବହୁ ଦୂରକୁ ।
ମୁଁ ବି ଆଜି ନିଶାରେ,
ହେଲେ ମାତାଲ ନୁହଁ ସଲପ ନିଶାଭଳି,
ବରଂ ପିଉଛି ମୋ ଦୁଃଖର ମଦିରାକୁ,
ଏଇ ମୋର ଝାଟିମାଟି କୁଡ଼ିଆହିଁ ମୋର ମଧୁଶାଳା,
ମୁଁ ନିଶାସକ୍ତ ସକାଳରୁ ସଂଜ ଯାଏ,
କେବେ ମୋ ନିଜ ଲୁହରେ ,
କେବେ ପୁଣି ପରିବାର ଜଞ୍ଜାଳର ପୀଡ଼ାରେ,
ଆଉ କଣ ବା ଲୋଡ଼ା ଆଉ ଏକ ମଧୁଶାଳା ।

ଆଗନ୍ତୁକ,ପାରିବୁତ ଦେଖେଇଦେ,
ମତେ ପଥ ମୁକ୍ତିର,
ପାରିବୁତ ବୁଝାଇଦେ ପଥ ଧର୍ମର,
ସେ ଧର୍ମ କେବଳ ମାନବ ଧର୍ମ ହେବା ଆବଶ୍ୟକ,
ମୁଁ ତୁମ ଭଳି ମହାନ ନୁହଁ,
ମୁଁ ପାରିବିନି ବିନ୍ଦୁରୁ ସିନ୍ଧୁର ସନ୍ଧାନ କରି,
ଛକି-ଶୁନ ଖେଲୁ ଖେଲୁ ,
ଅଡ଼ି ବସିବି ଗୋଟେ ସୁନା ହରିଣ ପାଇବାକୁ,
ଆଉ ତାପରେ ଆରମ୍ଭ ହୋଇଯିବ ସମୟ ପତନର ।

କେଉଁ ଅନାଦି କାଳରୁ ତୁମେ ଅଛ ?
ସତରେ ତୁମେ କଣ ଗୋଟେ ମହାଦ୍ରୁମ !
ତୁମେ ଥିଲ, ଅଛ ଆଉ ଥିବ ଯୁଗ ଯୁଗ ଧରି,
ପାରିବତ ତୁମ ସୁଶୀତଳ ପରସରେ ,
ଓଦା କରିଦିଅ ମୋ ନୟନ ଯୁଗଳକୁ,
ମୁଁ ଚାହେଁ ଫେରିବାକୁ ଅନନ୍ତ ଶୟନର ଶାନ୍ତିକୁ,
ଅନେକ ଦେଖିଲିଣି ଅନଳ,
ଭୟ ଲାଗେ ହୁଏତ ଜଳିଯାଇପରେ ସବୁ କିଛି,
ଆଗନ୍ତୁକ ଏବେ ଏସାବୁରୁ ନିବୃତ କରାଅ ,
ଆଶା କିରଣର ଶେଷ ସ୍ୱର୍ଯ୍ୟ ହୋଇ।



♥ଶୂରଡିହ,ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦

ବିନୋଦନ ବିନୋଦନ ବିନୋଦନ

ସିନେମା ଓ ମନୋରଂଜନର ଫର୍ଦ୍ଦ

ଧ୍ୱନି ପ୍ରତିଧ୍ୱନି

୫ | ଶୁକ୍ରବାର, ୨ ଡିସେମ୍ବର ୨୦୨୨





# ମା’ ହେବେ ରୁବିନା !



ଟେଲିଭିଜନର କୁଇନ୍ ରୁବିନା ଦିଲୈକ। ସେ ପ୍ରାୟତଃ ଚର୍ଚ୍ଚାରେ ରୁହନ୍ତି । ନିକଟରେ ତାଙ୍କୁ ଡ୍ୟାନ୍ସିଂ ରିଆଲିଟି ଶୋ’ ଝଲକ ଦିଖଲା ଜା-୧୦ରେ ଦେଖିବାକୁ ମିଳିଥିଲା। ରୁବିନା ତାଙ୍କ ଷ୍ଟାଇଲ୍ ଆଉ ଲୁକ୍ସକୁ ନେଇ ସର୍ବଦା ପ୍ରଶଂସା ସାଉଁଟିଥାନ୍ତି। ଏବେ କିନ୍ତୁ ତାଙ୍କୁ ନେଇ ଏକ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ସେ କୁଆଡେ ମା’ ହେବାକୁ ଯାଉଥିବା ଶୁଣିବାକୁ ମିଳିଛି।

ରୁବିନାଙ୍କ ଘରକୁ ଆସିବ କୁନି ଅତିଥି। ଖୁବଶୀଘ୍ର ସେ ମା’ ହେବେ। ଏଭଳି କିଛି ଖବରକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ରୁବିନା ନିକଟରେ ସ୍ୱାମୀ ଅଭିନବଙ୍କ ସହ ଏକ କ୍ଲିନିକ୍ ବାହାରେ ନଜର ଆସିଥିଲେ। ସେବେଠୁ ସେ କୁଆଡେ ଗର୍ଭବତୀ ଥିବା ନେଇ ଗୁଜବ ଆରମ୍ଭ ହୋଇଛି।

୨୦୧୮ରେ ରୁବିନା ଅଭିନବ ଶୁକ୍ଲାଙ୍କୁ ବିବାହ କରିଥିଲେ। ତାଙ୍କ ବିବାହକୁ ୪ ବର୍ଷ ହେଲାଣି। ତେବେ ବିବାହର କିଛି ବର୍ଷ ପରେ ସେ ମା’ ହେବାକୁ ଯାଉଥିବା ଗୁଜବ ଆରମ୍ଭ ହୋଇଥିଲା। ଏବେ ପୁଣିଥରେ ଏଭଳି କିଛି ଗୁଜବ ଆରମ୍ଭ ହୋଇଛି। ସେପଟେ ଏହି ମା’ ହେବା ଖବରକୁ ନେଇ ମୁହଁ ଖୋଲିଛନ୍ତି ରୁବିନା। ଏହି ଖବର ସେ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ସେ ଟ୍ୱିଟ୍ କରି କହିଛନ୍ତି, ‘ମୁଁ ଗର୍ଭବତୀ ଥିବାକୁ ନେଇ ଲୋକଙ୍କ ମନରେ ଏକ ଭୁଲ ଧାରଣା ରହିଛି। ଏଥର କୌଣସି ବିଲ୍ଡିଂକୁ ଯିବା ପୂର୍ବରୁ ସେଠାରେ କ୍ଲିନିକ୍ ଅଛି ନା ନାହିଁ ଚେକ୍ କରିବାକୁ ପଡିବ। କୌଣସି କାମରେ ଗଲେ ବି ଲୋକେ ଏହାକୁ ଅନ୍ୟ ରୂପ ଦେଇଛନ୍ତି।’



# ପ୍ରଭାସଙ୍କ ସହ ଡେଟିଂକୁ ନେଇ ମୁହଁ ଖୋଲିଲେ କ୍ରିତି



ସାଉଥ ସୁପରଷ୍ଟାର ପ୍ରଭାସଙ୍କ ପ୍ରେମରେ ଅଭନେତ୍ରୀ କ୍ରିତି ସାନନ। ଆଦିପୁରୁଷ କୋ-ଷ୍ଟାର ପ୍ରଭାସଙ୍କୁ ସେ କୁଆଡେ ସିକ୍ରେଟ୍‌ଲି ଡେଟ୍ କରୁଥିବା ନେଇ ଖବର ସାମ୍ନାକୁ ଆସିଥିଲା। ନିକଟରେ ଏକ ରିଆଲିଟି ଶୋ’ରେ ଫିଲ୍ମ ପ୍ରମୋସନ ବେଳେ ଅଭିନେତା ବରୁଣ ଧୱନ ମଧ କ୍ରିତିଙ୍କ ଲଭ୍ ଡେଟିଂକୁ ନେଇ ହିଣ୍ଟ ଦେଇଥିଲେ। ତେବେ ଏସବୁ ଖବରକୁ ନେଇ ଏବେ ମୁହଁ ଖୋଲିଛନ୍ତି ଖୋଦ୍ ଅଭିନେତ୍ରୀ କ୍ରିତି ସାନନ। ସେ ପ୍ରଭାସଙ୍କ ସହ ଡେଟ୍ କରୁଛନ୍ତି ନା ନାହିଁ ସେ ନେଇ କରିଛନ୍ତି ଖୁଲାସା।

ପ୍ରଭାସ ସହ ଚାଲିଥିବା ଲଭ୍ ଅଫେଆର ଗୁଜବ ଉପରେ ପୂର୍ଣ୍ଣଛେଦ ପକାଇଛନ୍ତି କ୍ରିତି। ସେ ନିଜ ଇନ୍ ?ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ପୋଷ୍ଟ ଶେଆର କରି ସବୁ ଚର୍ଚ୍ଚା ଉପରୁ ପରଦା ଉଠାଇଛନ୍ତି। ସେ ପୋଷ୍ଟ ଶେଆର କରି ଲେଖିଛନ୍ତି, ‘ଅନ୍ୟ କୌଣସି ନ୍ୟୁଜ ପୋର୍ଟାଲ ମୋ ବିବାହ ତାରିଖ ଠିକ୍ କରିବା ପୂର୍ବରୁ ମୁଁ ସ୍ପଷ୍ଟ କରିବାକୁ ଚାହେଁ ଯେ, ଏହା ଏକ ମିଥ୍ୟା ଗୁଜବ। ଏ ସମସ୍ତ ଗୁଜବ ଭିତ୍ତିହୀନ। ଏହା ନା ପ୍ରେମ ନା ପିଆର... । ଆମ ‘ଭେଡିଆ’ ରିଆଲିଟି ଶୋ’ରେ ଟିକେ ଜଙ୍ଗଲୀ ହୋଇଗଲା, ଯାହା ଏବେ ଭାଇରାଲ୍ ହେବାରେ ଲାଗିଛି।’

ନିକଟରେ ଡ୍ୟାନ୍ସ ରିଆଲିଟି ଶୋ’ ଝଲ୍‌କ ଦିଖଲା ଜା-୧୦ର ଗ୍ରାଣ୍ଡ ଫିନାଲେ ଥିଲା। ଏହି ଶୋ’କୁ କ୍ରିତି ଓ ବରୁଣ ନିଜ ଫିଲ୍ମ ଭେଡିଆର ପ୍ରମୋସନ କରିବା ପାଇଁ ଆସିଥିଲେ । ଏହି ସମୟରେ କରଣ ଜୋହର ବରୁଣଙ୍କୁ ପଚାରିଥିଲେ ଯେ କ୍ରିତିଙ୍କ ନାମ କାହିଁକି ତାଲିକାରେ ନାହିଁ ? ଏଥିପାଇଁ ବରୁଣ ଉତ୍ତର ଦେଇଥିଲେ ତାଙ୍କ ନାମ ସେଠାରେ ନାହିଁ କାରଣ ତାଙ୍କ ନାମ ଅନ୍ୟ କାହା ହୃଦୟରେ ଅଛି।

ଯେତେବେଳେ କରଣ ବରୁଣଙ୍କୁ ସେହି ବ୍ୟକ୍ତିଙ୍କ ନାମ କହିବାକୁ କହିଥିଲେ, ସେତେବେଳେ କହିଥିଲେ କି ସେ ମୁମ୍ବାଇରେ ରହୁ ନାହାନ୍ତି ବର୍ତ୍ତମାନ ଦୀପିକାଙ୍କ ସହ ତାଙ୍କର ଆଗାମୀ ଚଳଚ୍ଚିତ୍ରର ସୁଟିଂ କରୁଛନ୍ତି। ବରୁଣଙ୍କ ଏଭଳି କଥା ଶୁଣି କ୍ରିତି ଲାଜେଇ ଯାଇଥିଲେ। ଏହାପରେ କ୍ରିତି ପ୍ରଭାସଙ୍କୁ ଡେଟ୍ କରୁଥିବା ନେଇ ସୋଶାଲ ମିଡିଆରେ ଚର୍ଚ୍ଚାରେ ଆରମ୍ଭ ହୋଇଥିଲା।

# ବିବାହ ଶୁଭେଚ୍ଛା ବଦଳରେ ଅଭିନେତ୍ରୀଙ୍କୁ ‘ମୋଟୀ’ କହି ଟ୍ରୋଲ୍ କଲେ ସୋସିଆଲ୍ ମିଡିଆ ବ୍ୟବହାରକାରୀ



ଦକ୍ଷିଣ ଭାରତୀୟ ଅଭିନେତ୍ରୀ ମଞ୍ଜିମା ମୋହନଙ୍କୁ ତାଙ୍କର ସ୍ୱପ୍ନର ରାଜକୁମାର ମିଳି ଯାଇଛନ୍ତି। ସେ ଚଳିତବର୍ଷ ନଭେମ୍ବର ୨୮ ତାରିଖରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ସେ ଅଭିନେତା ଗୌତମ କାର୍ତ୍ତିକଙ୍କୁ ବିବାହ କରିଛନ୍ତି। ମଞ୍ଜିମା ମୋହନଙ୍କ ବିବାହର ଫଟୋ ଭାଇରାଲ୍ ହେବାରେ ଲାଗିଛି। ସୋସିଆଲ୍ ମିଡିଆ ବ୍ୟବହାରକାରୀ ତାଙ୍କୁ ବିବାହର ଶୁଭେଚ୍ଛା ଦେବା ପରିବର୍ତ୍ତେ ତାଙ୍କର ମୋଟାପଣ ପାଇଁ ତାଙ୍କୁ ଟ୍ରୋଲ୍ କରିଛନ୍ତି। ଏ ସଂପର୍କରେ ନିଜେ ମଞ୍ଜିମା କହିଛନ୍ତି ଯେ ତାଙ୍କ ବିବାହ ଫଟୋକୁ ସେ ସୋସିଆଲ୍ ମିଡିଆରେ ପୋଷ୍ଟ୍ କରିବା ପରେ ତାଙ୍କୁ ଲୋକ ସୋସିଆଲ୍ ମିଡିଆରେ ଆଡୁସାଡୁ ଲେଖିଛନ୍ତି। ତାଙ୍କର ଓଜନ ଓ ମୋଟାପଣକୁ ନେଇ ତାଙ୍କୁ ଲୋକ ସମାଲୋଚନା କରିବା କଥା ସେ କହିଛନ୍ତି। ଇଣ୍ଡିଆ ଟୁଡେରେ ନିଜ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି ଯେ ତାଙ୍କ ବିବାହ ଦିନରେ ହିଁ ତାଙ୍କୁ ବଡି ସେମିଂର ଶିକାର ହେବାକୁ ପଡ଼ିଛି। ଯଦି ତାଙ୍କୁ ଏସବୁ କିଛି ଫରକ ପଡ଼େନି, କିନ୍ତୁ ଲୋକଙ୍କ ମାନସିକତା ବିଷୟରେ ଚିନ୍ତା କରି ସେ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ସେ ଆହୁରି ବି କହିଛନ୍ତି ଯେ ସେ ନିଜ ଶରୀରକୁ ନେଇ ସହଜ ଅନୁଭବ କରନ୍ତି। ଯେବେ ଚାହିଁବେ ନିଜର ଓଜନ ହ୍ରାସ କରିପାରିବେ, କିନ୍ତୁ ସେ ଏପରି କରିବାକୁ ଆବଶ୍ୟକ ଭାବିନାହାନ୍ତି। ସେ ଆହୁରି ବି କହିଛନ୍ତି ଯେ ଯଦି ତାଙ୍କ ବୃତ୍ତି ପାଇଁ ତାଙ୍କୁ ଓଜନ ହ୍ରାସ କରିବାକୁ ପଡ଼େ ତ ସେ ନିଶ୍ଚୟ କରିବେ। ଲୋକଙ୍କର ତାଙ୍କ ଓଜନ ବୃଦ୍ଧି ସହ କ’ଣ ସମସ୍ୟା ସେ ବୁଝିପାରୁନାହାନ୍ତି ବୋଲି କହିଛନ୍ତି।

# ଲଗାତାର ଫିଲ୍ମ ଫ୍ଲପ ହେବାରୁ ରଣବୀର-ଅକ୍ଷୟଙ୍କ କମିଲା ପାରିଶ୍ରମିକ

ଲଗାତାର ଫିଲ୍ମ ଫ୍ଲପ ହେବାରୁ କମିଲା ବଡ଼ କଳାକାରଙ୍କ ପାରିଶ୍ରମିକ। ୨୦୨୨ମସିହାରେ, ବଲିଉଡର ପ୍ରମୁଖ କଳାକାରମାନଙ୍କ ରୋଜଗାର ହ୍ରାସ ପାଇଥିବା ଜଣାପଡ଼ିଛି। ତେବେ ଫିଲ୍ମରୁ ନୁହେଁ ବିଜ୍ଞାପନରୁ କଳାକାରଙ୍କୁ ମିଳୁଥିବା ପାରିଶ୍ରମିକ କମ ହେବାରୁ ସେମାନଙ୍କ ବାର୍ଷିକ ଆୟ ହ୍ରାସ ପାଇଛି। ବଲିଉଡର ଖିଲାଡି କୁମାର ତଥା ଅକ୍ଷୟ କୁମାର ଏବଂ ସିମ୍ବା ରଣବୀର ସିଂଙ୍କୁ ଏକ ବଡ଼ ଧକ୍କା ଲାଗିଛି। ଉଭୟ ତାରକା ବିଜ୍ଞାପନରୁ କୋଟି କୋଟି ଟଙ୍କା ଆୟ କରୁଥିବା ବେଳେ ଏବେ ସେମାନଙ୍କ ଲୋକପ୍ରିୟତା କମୁଥିବା ଦେଖି ପାରିଶ୍ରମିକ ମଧ କମାଇ ଦିଆଯାଇଛି।

ବିଜନେସ ଟୁଡେ ଅନୁଯାୟୀ, ରଣବୀର ଓ ଅକ୍ଷୟଙ୍କ ଭଳି ବଲିଉଡର ଅନେକ ଆଗ ଧାଡ଼ିର କଳାକାରଙ୍କୁ ବିଜ୍ଞାପନରୁ ମିଳୁଥିବା ପାରିଶ୍ରମିକକୁ ୧୦-୨୦ପ୍ରତିଶ୍ରତ କମାଇ ଦିଆଯାଇଛି। ବିଜ୍ଞାପନରୁ କମ ଟଙ୍କା ମିଳୁଥିବାରୁ କଳାକାରମାନେ ଅଧିକ ବିଜ୍ଞାପନ କରିବାକୁ ଚେଷ୍ଟା କରୁଥିବା ସାମ୍ନାକୁ ଆସିଛି। ୨୦୨୨ରେ ହିନ୍ଦୀ ଫିଲ୍ମ ବକ୍ସ ଅଫିସରେ ଭଲ ବ୍ୟବସାୟ କରିପାରୁନଥିବାରୁ ଏଭଳି ହୋଇଛି। ୨୦୨୧ ମସିହାରେ, ରଣବୀର ସିଂ ଓ ଅକ୍ଷୟ କୁମାର ବଲିଉଡ କଳାକାରମାନଙ୍କ ମଧ୍ୟରେ ସର୍ବାଧିକ ବେତନ ପ୍ରାପ୍ତ କଳାକାର ଥିଲେ। ରଣବୀରଙ୍କ ବ୍ରାଣ୍ଡ ମୂଲ୍ୟ ୧୫୮.୩ ମିଲିୟନ ଡ଼ଲାର ଏବଂ ଅକ୍ଷୟଙ୍କ ବ୍ରାଣ୍ଡ ମୂଲ୍ୟ ୧୩୯.୬ ମିଲିୟନ ଥିଲା। ହେଲେ ଏବେ ଦୁଇ କଳାକାରଙ୍କ ବ୍ରାଣ୍ଡ ମୂଲ୍ୟ ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ, ଶେଷ ଥର ପାଇଁ ୨୦୧୯ରେ ରଣବୀର ସିଂହ ହିଟ୍ ଫିଲ୍ମ ଦେଇଥିଲେ। ଫିଲ୍ମ ‘ଗଲି ବଏ’ ଭଲ ବ୍ୟବସାୟ କରିଥିବା ବେଳେ ଏହା ପରଠାରୁ ରଣବୀର ବକ୍ସ ଅଫିସର ରାଜା ହୋଇପାରିନାହାନ୍ତି।



# ପାରିବାରିକ ବ୍ୟବସାୟ ଛାଡ଼ି ଅଭିନୟକୁ ଆପଣାଇଲେ ଅନୁପ୍ରିୟା



କେତେବେଳେ କେଉଁ ପରିସ୍ଥିତି କାହାକୁ କେଉଁ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଆକର୍ଷିତ କରୁଛି ତାହା ଭବିଷ୍ୟବାଣୀ କରିବା କଷ୍ଟକର। ଏକ ବ୍ୟବସାୟୀ ପରିବାରରେ ଜନ୍ମ ହୋଇ ପାରିବାରିକ ବାଣିଜ୍ୟ କାରବାର ବୁଝୁ ବୁଝୁ ଅଭିନେତ୍ରୀ ଅନୁପ୍ରିୟା ଗୋଏଙ୍କାଙ୍କ ଜୀବନରେ ସେମିତି ଏକ ପଟ ପରିବର୍ତ୍ତନ ଘଟିଛି। ମୁମ୍ବାଇରେ ରହିବା ଅବସରରେ କିଛି ବିଜ୍ଞାପନରେ କାମ କଲା ବେଳେ ଅଭିନୟ ପ୍ରତି ଆକର୍ଷିତ ହୋଇ ସେ ପାରିବାରିକ ବ୍ୟବସାୟରୁ ଏକରକମ ବିଦାୟ ନେଇଛନ୍ତି। ତେବେ ଅଭିନୟ ଜୀବନ ତାଙ୍କୁ ଏଭଳି ସୁହାଇଛି ଯେ ନଅ ବର୍ଷ ଭିତରେ ସେ ୯ଟି ହିନ୍ଦୀ ସିନେମା, ୨ଟି ତେଲୁଗୁ ସିନେମା ଓ ଗୋଟିଏ ପଞ୍ଜାବୀ/ ହରିୟାଣୀ ଦ୍ୱିଭାଷୀ ଚଳଚ୍ଚିତ୍ର ସମେତ ୧୧ଟି ଟିଭି ଧାରିବାହିକରେ ଅଭିନୟ କରିସାରିଲେଣି।

ଉତ୍ତରପ୍ରଦେଶର କାନପୁର ଠାରେ ୧୯୮୭ ମେ ୨୯ରେ ଏକ ମାଡ୍ୱାଡ଼ି ବ୍ୟବସାୟୀ ପରିବାରରେ ଜନ୍ମ ନେଇଥିବା ଅନୁପ୍ରିୟା ବାଣିଜ୍ୟରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି। ତେବେ ମାଟ୍ରିକ୍ ପରୀକ୍ଷା ପରେ ପରେ ପିତାଙ୍କର କପଡ଼ା କାରବାରର ମାନ୍ଦାବସ୍ଥାକୁ ଲକ୍ଷ୍ୟ କରି ସେ ତାଙ୍କୁ ସହଯୋଗ କରିବାକୁ ଆଗେଇ ଆସିଥିଲେ। ୨୦୦୯ରେ ସେମାନେ ସପରିବାର ମୁମ୍ବାଇ ପଳାଇ ଆସିବା ପରେ ଅନୁପ୍ରିୟା ସେଠାରେ ଅଭିନୟ ମାୟାରେ ଛନ୍ଦି ହୋଇଯାଇଥିଲେ। ପ୍ରଥମେ ସେ କିଛି ବିଜ୍ଞାପନରେ କାମ କରିବା ଆରମ୍ଭ କରିଥିଲେ। ଏଥି ସହିତ ବର୍ଷେ ଯାଏ ଟିଭି ଚ୍ୟାନେଲ ‘ସପ୍‌ସିଜେ’ ପାଇଁ ଜଣେ ଉତ୍ପାଦ ଉପସ୍ଥାପିକା ସାଜିଥିଲେ। ତେବେ ସେ ଲୋକଲୋଚନକୁ ଆସିଥିଲେ ୨୦୧୩ରେ ତତ୍କାଳୀନ ୟୁପିଏ ସରକାରଙ୍କ ‘ଭାରତ ନିର୍ମାଣ’ ବିଜ୍ଞାପନ ପ୍ରଚାରରେ। ସେହିବର୍ଷ ସେ ମଧ ତେଲୁଗୁ ଫିଲ୍ମ ‘ପୋଟୁଗାଡୁ’ରେ ଏକ ସଂକ୍ଷିପ୍ତ ଭୂମିକାରେ ଅବତୀର୍ଣ୍ଣ ହେବାର ସୁଯୋଗ ପାଇଥିଲେ। ପରେ ପରେ ହିନ୍ଦୀ ଫିଲ୍ମ ‘ବେବି ଜାସୁସ୍’ ଓ ‘ଡିସୁମ୍’ ସମେତ ଦ୍ୱିତୀୟ ତେଲୁଗୁ ଫିଲ୍ମ ‘ପାଠଶାଳା’ରେ କ୍ଷୁଦ୍ର ଚରିତ୍ର ପାଇ ନିଜ ଅଭିନୟ ରଥକୁ ଆଗେଇ ନେଇଥିଲେ। ଦର୍ଶକଙ୍କ ମନରେ ପ୍ରଭାବ ଛାଡ଼ିବାରେ ସକ୍ଷମ ହୋଇଥିଲେ ୨୦୧୭ର ହିନ୍ଦୀ ସିନେମା ‘ଟାଇଗର ଜିନ୍ଦା ହେ’ର ନର୍ସ ‘ପୂର୍ଣ୍ଣା’ ଭୂମିକା ମାଧ୍ୟମରେ।

ଏଥିସହିତ ‘ଡାଡି’, ‘ସାର’, ‘ପଦ୍ମାବତ’ ଓ ‘ୱାର’ ଆଦି ହିନ୍ଦୀ ଫିଲ୍ମରେ ମଧ ସେ ଭିନ୍ନ ଚରିତ୍ର ନିର୍ବାହ କରି ନିଜକୁ ଅଭିନୟ ଜଗତ୍‌ରେ ଦୃଢ଼ କରିପାରିଥିଲେ। ସେହିପରି ‘ସାକ୍ରେଡ୍ ଗେମ୍‌ସ’, ‘ଦି ଫାଇନାଲ୍ କଲ’, ‘ଅଭୟ’, ‘ଆଶ୍ରମ’ ଓ ‘କ୍ରାଇମ୍ ନେକ୍ସ ଡୋର’ ଆଦି ଟିଭି ଓ ୱେବ୍ ଧାରାବାହିକରେ ମଧ ସେ ନିଜର ଉପସ୍ଥିତି ଜାହିର କରିପାରିଥିଲେ। ଚଳିତ ବର୍ଷ ମୁକ୍ତିଲାଭ କରିଥିବା ହିନ୍ଦୀ ଫିଲ୍ମ ‘ମେରେ ଦେଶ କି ଧରତି’ରେ ତାଙ୍କର ‘ଝୁମ୍‌କି’ ଭୂମିକାକୁ ଦର୍ଶକ ଖୁବ୍ ଗ୍ରହଣ କରିଛନ୍ତି। ଜଣେ ମାନବପ୍ରେମୀ ଭାବରେ ବିଭିନ୍ନ ସଂଗଠନ ସହ ଜଡ଼ିତ ଥିବା ଅନୁପ୍ରିୟାଙ୍କୁ ଏଯାଏ ମନଲାଖି ଭୂମିକାଟିଏ ନମିଳିଲେ ହେଁ ସେ ନିଜ ଅଭିନୟରେ ସନ୍ତୁଷ୍ଟ ଥିବା ସ୍ୱୀକାର କରନ୍ତି।

# ମଲାଇକାଙ୍କ ଆଇଟମ ଗୀତକୁ ନେଇ ରାଗିଗଲେ ପାକିସ୍ତାନ ଅଭିନେତା



ସିନେମା ‘ଏନ ଏକସନ ହିରୋ’ରୁ ବଲିଉଡରେ ପୁଣିଥରେ ପ୍ରବେଶ କରିଛନ୍ତି ମଲାଇକା ଅରୋଡା। ଏହି ସିନେମାରେ ମଲାଇକାଙ୍କ ଆଇଟମ ଗୀତ ରହିଛି। ଏହି ଗୀତଟି ‘ଆପ ଜୈସା କୋଇ ମେରୀ ଜିନ୍ଦେଗୀ ମୋ ଆଏ’ର ରିମିକ୍ସ ଭର୍ସନରେ ମଲାଇଲା ଧମାକା କରୁଛନ୍ତି। ମଲାଇକାଙ୍କ ଏହି ଗୀତକୁ ଦର୍ଶକ ବେଶ ପସନ୍ଦ ବି କରୁଛନ୍ତି। କିନ୍ତୁ ପାକିସ୍ତାନରେ ଏହି ଗୀତକୁ ନେଇ ବିବାଦ ଦେଖା ଦେଇଛି।

ତେବେ ପାକିସ୍ତାନର ସାଧାରଣଲୋକଙ୍କ ଠାରୁ ଆରମ୍ଭ କରି କଳାକାର ବି ‘ଆପ ଜୈସା କୋଇ’ର ରିମିକ୍ସ ଭର୍ସନକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପାକିସ୍ତାନର ଚର୍ଚ୍ଚିତ ଅଭିନେତା ସୁମାର ଅଦନାନ ସିଦ୍ଧିକି ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ଏକ ଟୁଇଟ କରି କହିଛନ୍ତି, ‘ କ’ଣ ପବନରେ କିଛି ଅଛି, ଯାହା ହଠାତ ଦୁନିଆ ପରଫେକ୍ଟ କ୍ଲାସିକ୍ସକୁ ନଷ୍ଟ କରିବାକୁ ଚେଷ୍ଟା କରୁଛି ଏମିତି କି ରି-କ୍ରିଏସନ ପାଇଁ ଟ୍ୟାଲେଣ୍ଟର ଆବଶ୍ୟକତା ରହିଛି।

‘ଆପ ଜୈସା କୋଇ’ ଗୀତକୁ ବାସ୍ତବରେ ପାକିସ୍ତାନର ସଙ୍ଗୀତକାର ନାଜିଆ ହସନ ଗାଇଥିଲେ। ଯାହାକୁ ଆସି ଯାଏଁ ଲୋକେ ପସନ୍ଦ ବି କରୁଛନ୍ତି। ଏଭଳି କ୍ଷେତ୍ରରେ ‘ଆପ ଜୈସା କୋଇ ମେରୀ ଜିନ୍ଦେଗୀ ମେଁ ଆଏ’ର ରିମିକ୍ସ ଭର୍ସନକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ତେବେ ୨୦୦୦ ମସିହାରେ ନାଜିଆ ହସନଙ୍କର ପରଲୋକ ହୋଇଯାଇଥିଲା। ତେବେ ଏହା ପ୍ରଥମ ଘଟଣା ନୁହେଁ, ଏହାପୂର୍ବରୁ ଅଦନାନ ସିଦ୍ଦିକି ବଲିଉଡରେ ପାକିସ୍ତାନ ଗୀତକୁ ଚୋରାଇ ରିମିକ୍ସ କରିଥିବା ଘଟଣାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ରେଡ଼ିଓ ଚକ୍‌ଲେଟ୍‌ରେ ସ୍ମୃତି ତୁମେ ଅକ୍ଷୟ ପ୍ରତିଯୋଗିତା

ଓଡ଼ିଶାର ନମ୍ବର ୱାନ ଏଫ୍ ଏମ୍ ଷ୍ଟେସନ ରେଡିଓ ଚକ୍‌ଲେଟ୍ ୧୦୪ ଏଫ୍‌ଏମ୍ ର ଲୋକପ୍ରିୟ କାର୍ଯ୍ୟକ୍ରମ ଫ୍ୟାମିଲି ନମ୍ବର-ୱାନ୍, ସିଜିନ୍ -୪, ଭାରତର ପ୍ରଥମ ସର୍ଟ ଅଡିଓ ଆପ୍ ସୁନୋ ସୁନାଓ ଆପ୍ ସହଯୋଗୀତାରେ ଇତି ମଧ୍ୟରେ ଆରମ୍ଭ ହୋଇଯାଇଛି। ଏହି ଅବସରରେ ସୁନୋ ସୁନାଓ ଆପ୍ ପକ୍ଷରୁ ଆରମ୍ଭ ହୋଇଛି ‘ସ୍ମୃତି ତୁମେ ଅକ୍ଷୟ’ ପ୍ରତିଯୋଗିତା। ପ୍ରତିଯୋଗିତାର ଶେଷ ତାରିଖ ଚଳିତ ମାସ ୫ ରଖାଯାଇଛି। ପ୍ରତିଯୋଗୀମାନେ ଗୁଗୁଲ୍ ପ୍ଲେ ଷ୍ଟୋର କିମ୍ବା ଆପଲ୍ ଷ୍ଟୋରରୁ ସୁନୋ ସୁନାଓ ଆପ୍ ଡାଉନଲୋଡ କରି ଅକ୍ଷୟ ମହାନ୍ତିଙ୍କ ଗୀତ ଗାଇ କିମ୍ବା ତାଙ୍କ ସମ୍ପର୍କିତ ତଥ୍ୟ କାହାଣୀ ଇତ୍ୟାଦି କହି ଗୋଟିଏ ମିନିଟ୍ ଭିତରେ ଅଡିଓ ରେକର୍ଡ କରି ସୁନୋ ସୁନାଓ ଆପ୍‌ରେ ଅପଲୋଡ କରିବାକୁ ପଡ଼ିବ। ଅପଲୋଡ଼ କଲାବେଳେ ଟ୍ୟାଗ ପାଇଁ ଥିବା ସ୍ଥାନରେ ଅକ୍ଷୟ ମହାନ୍ତି ଲେଖିବାକୁ ହେବ।



# ଭୁବନେଶ୍ୱରରେ ଆୟୋଜିତ ହେବ 'ବାୟୁ' ସମ୍ମିଳନୀ

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ପ୍ରକୃତିରେ ସବୁକିଛି ପାଞ୍ଚଟି ଉପାଦାନ ବା ପଂଚମହାଭୂତ – ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶକୁ ନେଇ ଗଠିତ। ଏଥିମଧ୍ୟରୁ ଗୋଟିଏ ଉପାଦାନରେ ଅସନ୍ତୁଳନ ଦେଖାଦେଲେ କିମ୍ବା କୌଣସି କ୍ଷତି ଘଟିଲେ ମାନବ ଜଗତ ଉପରେ ବିପଦ ଦେଖା ଦେଇଥାଏ। ଜୀବଜଗତର ଦୀର୍ଘସ୍ଥାୟିତ୍ୱ ଓ ସୁସ୍ଥ ଜୀବନ ପାଇଁ ସ୍ୱଚ୍ଛ ବାୟୁ ଅତ୍ୟନ୍ତ ଜରୁରି । ଏହି ବାର୍ତ୍ତାର ପ୍ରଚାରପ୍ରସାର ନିମନ୍ତେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଯାଉଛି 'ବାୟୁ-ମହତ୍ୱପୂର୍ଣ୍ଣ ଜୀବନ ଶକ୍ତି' ସମ୍ମିଳନୀ। ଆସନ୍ତା ଡିସେମ୍ବର ୨ ରୁ ୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଠାରେ ସମ୍ମିଳନୀ ଆୟୋଜିତ ହେବ।'ସୁମଙ୍ଗଳମ ପଞ୍ଚମହାଭୂତ ସମ୍ମିଳନୀ ଶୃଙ୍ଖଳା'ର ଅଂଶବିଶେଷ ସ୍ୱରୂପ ଏହି ସମ୍ମିଳନୀ ଆୟୋଜନ କରାଯାଉଛି ।

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହେଉଥିବା ଆଜାଦୀ କା ଅମୃତ ମହୋତ୍ସବ ଭାବନା ଅନୁରୂପ ତଥା ଦେଶରେ ସ୍ୱଚ୍ଛ ବାୟୁର ଆବଶ୍ୟକତା ଉପରେ ବିଚାରମନ୍ଥନ କରିବା ଲାଗି 'ବାୟୁ-ମହତ୍ୱପୂର୍ଣ୍ଣ ଜୀବନ ଶକ୍ତି' ସମ୍ମିଳନୀ ଆୟୋଜନ କରାଯାଉଛି। ଏଥିରେ ବିଭିନ୍ନ ବାୟୁ ଗୁଣବତ୍ତା ପ୍ରସଙ୍ଗରେ ଆଲୋଚନା ହେବ। ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ବୈଜ୍ଞାନିକ ଆଲୋଚନା ଠାରୁ ଆରମ୍ଭ କରି ପ୍ରାଚୀନ ଶାସ୍ତ୍ର ଓ ଗ୍ରନ୍ଥରେ ବାୟୁ ଗୁଣବତ୍ତା ବଜାୟ ରଖିବା ଲାଗି ଦିଆଯାଇଥିବା ଜ୍ଞାନକୁ ବୁଝିବା ଲାଗି ସମ୍ମିଳନୀରେ ବିଚାରବିମର୍ଶ କରାଯିବ।

ଏହି ତିନି ଦିନିଆ ସମ୍ମିଳନୀରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ଯାଦବ, ଶିକ୍ଷା ଓ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ଚୌବେ, କଟକ ସାଂସଦ ଭର୍ତ୍ତୃହରି ମହତାବ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ଦେଶର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗ ଦେବେ।

ଏହି ସମ୍ମିଳନୀରେ ୫୦୦ରୁ ଅଧିକ ବିଶେଷଜ୍ଞ, ଛାତ୍ରଛାତ୍ରୀ, ଶିକ୍ଷାବିତ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପ୍ରଦୂଷଣ ନିୟନ୍ତ୍ରଣ କମିଟିର ପ୍ରତିନିଧି, ପୌରପାଳିକା ଆୟୁକ୍ତ, ରାଜ୍ୟ ପରିବେଶ ସଚିବଗଣ, ବୈଜ୍ଞାନିକ, ଇଞ୍ଜିନିୟର ପ୍ରମୁଖ ଅଂଶଗ୍ରହଣ କରିବେ।

ପୃଥିବୀର ଭବିଷ୍ୟତ ଦାୟିତ୍ୱ ଯୁବପିଢ଼ିଙ୍କ ଉପରେ ନ୍ୟସ୍ତ ରହିଛି। ବାୟୁର ମାନ ଖରାପ ହେବା ଜନିତ ସମସ୍ୟାର ସମାଧାନ ଦିଗରେ ଯୁବପିଢ଼ିଙ୍କ ଅଭିନବ ଉପାୟକୁ ଗଠନମୂଳକ ଢଙ୍ଗରେ ବିନିଯୋଗ କରିବା ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷ୍ୟ ନେଇ ଡିସେମ୍ବର ୨ ତାରିଖରେ ଯୁବପିଢ଼ିଙ୍କୁ ନେଇ ଏକ ଅଧିବେଶନ ଆୟୋଜନ କରାଯିବ। ଯେଉଁଥିରେ ଛାତ୍ରଛାତ୍ରୀଙ୍କୁ ନେଇ ପରିବେଶ ବିଜ୍ଞାନ, ଜଳବାୟୁ ପରିବର୍ତ୍ତନ, ମାନବ ସ୍ୱାସ୍ଥ୍ୟ, ଐତିହ୍ୟ ଅଧ୍ୟୟନ, କୃଷି ପ୍ରସଙ୍ଗ, ପ୍ରଶମନ ପଦକ୍ଷେପ ଆଦି ଉପରେ ବିଚାରବିମର୍ଶ କରାଯିବ।

ଏହି ଅବସରରେ ବାୟୁ ଗୁଣବତ୍ତା, ପ୍ରାକୃତିକ ବିକଳ୍ପ ଏବଂ ଓଡ଼ିଶାର ଐତିହ୍ୟ ଆଦି ବିଷୟକୁ ପ୍ରଦର୍ଶିତ କରୁଥିବା ଏକ ଜନସଚେତନତା ପ୍ରଦର୍ଶନୀ ଆୟୋଜନ କରାଯିବ। ସ୍ୱଚ୍ଛ ବାୟୁ ଲକ୍ଷ୍ୟ ହାସଲ କରୁଥିବା ସହରମାନଙ୍କୁ 'ଜାତୀୟ ସ୍ୱଚ୍ଛ ବାୟୁ ସହର' ପୁରସ୍କାର ଦିଆଯିବ। ସ୍ୱଚ୍ଛ ବାୟୁ ସର୍ବେକ୍ଷଣର ଫଳାଫଳ ଆଧାରରେ ବାୟୁ ଗୁଣବତ୍ତା ଲକ୍ଷ୍ୟ ହାସଲ କରିଥିବା ଏବଂ ସୁଧାରମୂଳକ, ନିରାକରଣ ଯୋଗ୍ୟ ଓ ପ୍ରଶମନ ପଦକ୍ଷେପ ଗ୍ରହଣ କରିଥିବା ୯ଟି ସହରକୁ ଏହି ପୁରସ୍କାର ଦିଆଯିବ। ଏସବୁ ସହରକୁ ଅଧିକ ସ୍ୱଚ୍ଛ ବାୟୁ ଲକ୍ଷ୍ୟ ହାସଲ ଲାଗି ୫ କୋଟି ଟଙ୍କାର ଅର୍ଥରାଶି ପୁରସ୍କାର ଦିଆଯିବ।

ବାୟୁ ସମ୍ମିଳନୀର ଉଦ୍ଦେଶ୍ୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାରମାନଙ୍କୁ ଏକତ୍ରିତ କରି ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ନିର୍ଦ୍ଧାରିତ ଆମର ବାୟୁ ଗୁଣବତ୍ତା ଲକ୍ଷ୍ୟକୁ ହାସଲ କରିବା ଲାଗି ସରକାରଙ୍କ ଦ୍ୱାରା କରାଯାଇଥିବା ବହୁମୁଖି ପ୍ରୟାସ ନିର୍ମାଣ କରିବା।

ଆଜାଦୀ କା ଅମୃତ ମହୋତ୍ସବ ଅଧୀନରେ ହେଉଥିବା ସମାରୋହରେ ଜନଭାଗିଦାରୀକୁ ପ୍ରୋତ୍ସାହନ ଦେବା ଲାଗି ଏକ ବିଶାଳ ଭାଗିଦାରୀ ଆଧାରିତ କାର୍ଯ୍ୟକ୍ରମ ହେବ।

# ରୋଗ ପ୍ରତିଶୋଧକ ଔଷଧ ବ୍ୟବହାର ସଚେତନତା କର୍ମଶାଳା

ବଲାଙ୍ଗିର, ୦୧/୧୨ (ନି.ପ୍ର): ଭାରତରେ ୫ବର୍ଷରୁ କମବୟସର ଶିଶୁଙ୍କ ମଧ୍ୟରେ ରୋଗପ୍ରତିରୋଧକ ଶକ୍ତି କମିବା ସହିତ ବିଭିନ୍ନ ରୋଗରେ ପଡି ମୃତ୍ୟୁହାର ବଢୁଛି । ୫ବର୍ଷରୁ କମ ବୟସର ଶିଶୁଙ୍କ ମଧ୍ୟରେ ରୋଗପ୍ରତିରୋଧକଶକ୍ତି ବୃଦ୍ଧିକରିବା ତଥା ଉଚିତ ମାତ୍ରାର ଆଣ୍ଟିବାୟୋଟିକ ଦେଇ ଚିକିତ୍ସା କରି ଶିଶୁମୃତ୍ୟୁହାର କମ କରିବାକୁ ଇଣ୍ଡିଆନ ମେଡିକାଲ ଏସୋସିଏସନ ଅଣ୍ଟା ଭିଡିଛି। ପ୍ରେସିଡେନ୍ସିଆଲ ଏକ୍ସନପ୍ଲାନ ୟୁ୫ଏମଓଆର ୨୫/୨୫ ଆଧାରରେ ଇଣ୍ଡିଆନ ମେଡିକାଲ ଆସୋସିଏସନ ଓ ଇଣ୍ଡିଆନ ଏକାଡେମୀ ଅଫ ପେଡିଆଟିକ୍ସର ବଲାଙ୍ଗୀର ଶାଖାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ହରିହର ହସପିଟାଲର ସଭାକକ୍ଷରେ ଏକ ରୋଗପ୍ରତିରୋଧକ ଔଷଧ ବ୍ୟବହାର ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆଇଏମଏ ବଲାଙ୍ଗୀର ଶାଖାର ସଭାପତି ଡ.ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡ.ସ୍ନେହଲତା ସାହୁ,ସମ୍ମାନୀତ ଅତିଥି ଭାବରେ ଆଇଏମଏ ବଲାଙ୍ଗୀର ଶାଖାର ସଂପାଦକ ଡ.ନରେନ୍ଦ୍ରକୁମାର ସାହୁ,ଆଇଏପିର ବଲାଙ୍ଗୀର ଶାଖା ସଭାପତି ଡ.ଜନାର୍ଦ୍ଦନ ପୃଷ୍ଟି,ସଂପାଦକ ଡ.ସରୋଜକୁମାର ତିଆଡି ଓ ମୁଖ୍ୟବକ୍ତା ଭାବରେ ଭୀମଭୋଇ ମେଡିକାଲକଲେଜ ହସପିଟାଲର ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର ଡ.ଶାନ୍ତିସେନା ମିଶ୍ର ଯୋଗଦେଇଥିଲେ । ଡ.ଶାନ୍ତିସେନା ତାଙ୍କ ବକ୍ତବ୍ୟରେ ସଂପ୍ରତି ଶିଶୁଙ୍କ ମଧ୍ୟରେ ଅନେକରୋଗ ବ୍ୟାପୁଛି । ବାରମ୍ବାର ଆଣ୍ଟିବାୟୋଟିକ ବ୍ୟବହାର ଫଳରେ ଏହା ଶରୀରରେ ରେଜିଷ୍ଟେନ୍ସ ହୋଇଯାଉଛି । ଫଳରେ ଅନେକ ଆଣ୍ଟିବାୟଟିକ ଆଉ ରୋଗ କମାଇବାରେ କାମ କରୁନାହିଁ । ତେଣୁ ଶିଶୁଙ୍କୁ ଚିକିତ୍ସା କଲାବେଳେ ଉଚିତ ପରିମାଣର ତଥା ସଠିକ ଆଣ୍ଟିବାୟୋଟିକ ପ୍ରୟୋଗର ଆବଶ୍ୟକତା ଉପରେ ସେ କହିଥିଲେ। ଏହି କର୍ମଶାଳାରେ ଆଣ୍ଟିବାଓଟିକର ବ୍ୟବହାର ,ଏହାର ପାର୍ଶ୍ୱପ୍ରତିକ୍ରୀୟା ଓ ଅନ୍ୟାନ୍ୟ ଦିଗ ତଥା ନୂତନ ଗବେଷଣା ଉପରେ ଆଲୋଚନା ହୋଇଥିଲା ।

## ଅବକାରୀ ଅଧିକାରୀଙ୍କ ତାଲିମ କର୍ମଶାଳା

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂହଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଆଇନ୍ ତଥା ଅଦାଲତରେ ଅବକାରୀ କନଷ୍ଟେବଲ୍ ଓ ଏଏସ୍ଆଇଙ୍କ ସାକ୍ଷ୍ୟ ଉପରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ବୁଧବାର ଅବକାରୀ ନିର୍ଦ୍ଦେଶାଳୟ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ସମଗ୍ର ଓଡିଶାର ଅବକାରୀ କନଷ୍ଟେବଲ ଓ କର୍ମଚାରୀମାନେ ଯୋଗ ଦେଇଥିଲେ ।

କର୍ମଶାଳାରେ ଅବକାରୀ ଉପ ଆୟୁକ୍ତ ରାମଚନ୍ଦ୍ର ମିଶ୍ର ଯୋଗ ଦେଇ ଅନଲାଇନ୍ ମାଧ୍ୟମରେ ଅବକାରୀ ନିୟମ ଓ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏଥି ସହିତ ଆଇନ୍ ଅନୁଯାୟୀ ଚଢାଉ, ଗିରଫଦାରୀ, ତଦନ୍ତ ଓ ସାକ୍ଷ୍ୟ ପ୍ରଦାନ ଉପରେ ତର୍ଜମା କରିଥିଲେ । ଏହି କର୍ମଶାଳାରେ ଉପ ଆୟୁକ୍ତ ରଜତ କୁମାର ପ୍ରହରାଜ ଓ ଡମ୍ବରୁଧର ଖଣ୍ଡା ବିଭିନ୍ନ ପ୍ରଶ୍ନର ଉତର ପ୍ରଦାନ କରିଥିଲେ। ଅତିରିକ୍ତ ଆୟୁକ୍ତ ରାମ ଚନ୍ଦ୍ର ପାଲଟା, ଯୁଗ୍ମ ଆୟୁକ୍ତ ଡକ୍ଟର ଦିବ୍ୟ ଲୋଚନ ମହାନ୍ତ, ଦଣ୍ଡପାଣି ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

ଅବକାରୀ ବିଭାଗକୁ ଅଧିକ ସକ୍ରିୟ କରାଯିବା ସହିତ ମାମଲାର ସଠିକ ପରିଚାଳନା, ତ୍ୱରିତ ଫଏସଲା ଓ ଦୋଷୀଙ୍କୁ ଦଣ୍ଡ ପ୍ରଦାନ ପାଇଁ ଅବକାରୀ କମିଶନର ଶ୍ରୀ ସିଂହଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ମାସରେ ଏଭଳି ତାଲିମ/କର୍ମଶାଳା କରାଯାଇ ଅବକାରୀ କର୍ମଚାରୀମାନଙ୍କର ଦକ୍ଷତା ବୃଦ୍ଧି କରାଯାଉଛି ବୋଲି ଉପ ଆୟୁକ୍ତ ରାମଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି ।

## ୧୧ ଦଫା ଦାବିନେଇ କୃଷକମାନଙ୍କର ବିକ୍ଷୋଭ

କେନ୍ଦ୍ରାପଡ଼ା, ୦୧/୧୨ (ନି.ପ୍ର): ଅଖିଳ ଭାରତ କୃଷକ ସଭା ଓ ରାମଚଣ୍ଡୀ କୃଷକ ସଭା ମିଳିତ ଆନୁକୂଲ୍ୟରେ କୃଷକମାନଙ୍କ ପକ୍ଷରୁ ବିକ୍ଷୋଭ ଓ ସଭା ଆୟୋଜନ କରାଯାଇଛି । ବୁଧବାର ଗୋପଛକ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲ୍ଲା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସଭାପତି ଆଦିକନ୍ଦ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସିପିଆଇର ରାଜ୍ୟ ସଂପାଦକ ଅଭୟ ସାହୁ, ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ରାଜ୍ୟ ସଂପାଦକ କ୍ଷିରୋଦ ସିଂହଦେଓ, ସିପିଆଇ ଜିଲ୍ଲା ସଂପାଦକ ରମଣୀ ରଞ୍ଜନ ରାଉତରାୟ, ରାମଚଣ୍ଡୀ କୃଷକ ସଭା ସଂପାଦକ କୈଳାସ ସାହୁ, ସହ ସଂପାଦକ ହରେକୃଷ୍ଣ ମାଝି ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

# ସନ୍ଥ ଯଶୋବନ୍ତ ପୀଠରେ ବୈଦିକ ବିଦ୍ୱାନ ଡଃ ଜ୍ଞାନେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଉତ୍କଳୀୟ ଧାର୍ମିକ ପରମ୍ପରାରେ ପନ୍ଦରଶହ ଦଶକର ଶେଷ ଭାଗରେ ଉତ୍କଳୀୟ ପ ସଖାଙ୍କ ମଧ୍ୟରେ ସନ୍ଥ ଯଶୋବନ୍ତ ଦାସ ଅନ୍ୟତମ। ଗତକାଲି ପୂଣ୍ୟାତ୍ମା ଯଶୋବନ୍ତଙ୍କ ଜନ୍ମ, ସାଧନା ଓ ସମାଧି ପୀଠ ଅଢଙ୍ଗଗଡ଼ ନାଇଲୋଠାରେ ସନ୍ଥଙ୍କ ଶ୍ରାଦ୍ଧୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି।

ଏହି ଅବସରରେ ଯଶୋବନ୍ତ ସାହିତ୍ୟ ଓ ସଂସ୍କୃତି ସଂସଦ ତରଫରୁ ଏକ ସାହିତ୍ୟ ସଭା ଓ ଧର୍ମ ସମ୍ମିଳନୀ ସ୍ଥାନୀୟ ବିଧାୟକ ଇଂ ବିଜୟ ଶଙ୍କର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ସଂସ୍କୃତ ବିଦ୍ୱାନ, ବେଦ ପ୍ରଗ୍ରରକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ସମାଜସେବା, ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଜୀବନବ୍ୟାପୀ କାର୍ଯ୍ୟ ପାଇଁ ସାହିତ୍ୟ ପ୍ରତିଭା ସମ୍ମାନରେ ଖଣ୍ଡପଡ଼ା ବିଧାୟକ ତଥା ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, କିସ୍ ଓ କିଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସମାନ୍ତଙ୍କୁ ପ୍ରଦାନ କରାଯାଇଥିଲା। ଡଃ ସାମନ୍ତଙ୍କ ପକ୍ଷରୁ କାଦମ୍ବିନୀର ସମ୍ପାଦିକା ଡଃ ଇତି ସମାନ୍ତ, ଶ୍ରୀ ପଟ୍ଟନାୟକଙ୍କ ପକ୍ଷରୁ ବରିଷ୍ଠ ସାମ୍ବାଦିକ ରାଜେଶ ନାୟକ ମାନପତ୍ର ଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ସନ୍ଥ ଯଶୋବନ୍ତ ଜଗତସିଂହପୁର ଜିଲ୍ଲାରେ ପ୍ରଣମ୍ୟ ପୁରୁଷ ଥିଲେ। ଆମେ ତାଙ୍କ ପାଇଁ ବର୍ଗିତ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଡ଼ାକ୍ତର ରାଜଶ୍ରୀ ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ମମତା ପାତ୍ର, ମୀନାକ୍ଷୀ ପ୍ରିୟଦର୍ଶିନୀ, ଦିପ୍ତିମୟ ରାୟ ଓ ଚନ୍ଦ୍ରଶେଖର ଦାସ ମଂଚରେ ଉପସ୍ଥିତ ଥିଲେ। ସଂସଦର ସଭାପତି ଦେବୀ ପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ଓ ସମ୍ପାଦକ ବିଶ୍ୱନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କବି ବାମଦେବ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପାତ୍ର ସଂସଦର ମୁଖପତ୍ର ସ୍ମୃତିତୀର୍ଥକୁ ଉନ୍ମୋଚନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ କର୍ମକର୍ତ୍ତା କିଶୋର ଚନ୍ଦ୍ର ମହାନ୍ତି, ଲିଙ୍ଗରାଜ ମଲ୍ଲ କାର୍ଯ୍ୟକ୍ରମ ପରିଚ୍ଳନା କରିଥିଲେ।

# 'ଆସୁଛି ପର୍ଯ୍ୟଟନ ଋତୁ: ଏଥର ବଢ଼ିବେ ପର୍ଯ୍ୟଟକ'




ଭୁବନେଶ୍ୱର , ୦୧/୧୨ (ନି.ପ୍ର): ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଛି। ଓଡ଼ିଶାରେ ସୃଷ୍ଟି ହୋଇଥିବା ବ୍ୟାପକ ସୁଯୋଗ ଏଥର ଆଶାତୀତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି କହିଛନ୍ତି ହାରୋ ଅଧ୍ୟକ୍ଷ ଜେକେ ମହାନ୍ତି। ଓଡ଼ିଶା ଦେଶର ସ୍ପୋର୍ଟ କ୍ୟାପିଟାଲ ଭାବରେ ପରିଗଣିତ ହେବା ପରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ଅନ୍ତର୍ଜାତୀୟ ବିମାନ ଚଳାଚଳ କ୍ଷେତ୍ରରେ ଉଦ୍ୟମ ମଧ୍ୟ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ବୋଲି ସେ କହିଛନ୍ତି। ୪୮୨ କିଲୋମିଟର ଦୀର୍ଘ ବେଳାଭୂମି, ପାହାଡ଼, ପର୍ବତ, ହ୍ରଦ, ପ୍ରାକୃତିକ ଜୈବ ବିବିଧତା, ନଦୀ ହେଉଛି ଓଡ଼ିଶା ପର୍ଯ୍ୟଟନର ମୂଳ ପିଣ୍ଡ। ଏହା ବାଦ୍ ଓଡ଼ିଶାର ଐତିହ୍ୟ, କଳା, ସଂସ୍କୃତି, ପର୍ବପର୍ବାଣୀ, ବନ୍ୟପ୍ରାଣୀ, କୀର୍ତ୍ତିରାଜି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ପ୍ରମୁଖ ମାଧ୍ୟମ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପର୍ଯ୍ୟଟନକୁ ପ୍ରାଧାନ୍ୟ ଦେଇଛନ୍ତି। ଶ୍ରୀମନ୍ଦିର ସୌନ୍ଦର୍ଯ୍ୟୀକରଣ ସହ ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ଘୋଷଣା, ଇକୋ ରିଟ୍ରିଟ୍, ନୈଚାଳନା, କ୍ୟାମ୍ପିଂ ଏହି ପର୍ଯ୍ୟଟନ କ୍ଷେତ୍ରରେ ନୂଆ ଫର୍ଦ୍ଦ ଯୋଡ଼ିଛି। ସରକାରୀ ନୀତି କୋହଳ ହେବା ସହ ପର୍ଯ୍ୟଟନସ୍ଥଳର ପୁନରୁଦ୍ଧାର କରାଯାଇଛି। ଓଡ଼ିଶା ସ୍ପୋର୍ଟସ୍ ହବ୍ ହେଲା ପରେ ସରକାର ପର୍ଯ୍ୟଟନ ବିକାଶ ପାଇଁ ସ୍ୱତନ୍ତ୍ର ଦରରେ ଜମି ଯୋଗାଇ ଦେଉଛନ୍ତି। ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରରେ ୪ରୁ ୫ ହଜାର ହୋଟେଲ ରୁମ୍ ପ୍ରସ୍ତୁତ କରିବା ଯୋଜନା ରଖିଛନ୍ତି। ଭୁବନେଶ୍ୱରକୁ ଅଧିକରୁ ଅଧିକ ଘରୋଇ ବିମାନ ଚଳାଚଳ ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ନୂଆ ସୁଯୋଗ ସୃଷ୍ଟି କରିଛି। ଏହା କେବଳ ପର୍ଯ୍ୟଟକଙ୍କ ପାଇଁ ସୁଯୋଗ ସୃଷ୍ଟି କରିନାହିଁ ବରଂ ଏହି କ୍ଷେତ୍ରରେ ନିବେଶକଙ୍କୁ ପୁଞ୍ଜିନିବେଶର ସୁଯୋଗ ଦେଇଛି ବୋଲି ସେ କହିଛନ୍ତି।

# ଉତରାଂଚଳ ରାଜସ୍ୱ ଆୟୁକ୍ତଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ

ସୁବର୍ଣ୍ଣପୁର, ୦୧/୧୨ (ନି.ପ୍ର): ଉତରାଂଚଳ ରାଜସ୍ୱ ଆୟୁକ୍ତ ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ଡ଼ଃ. ସୁରେଶ ଚନ୍ଦ୍ର ଦଳେଇ ଆଜି ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ ରେ ଆସି ଜିଲ୍ଲାର ନିର୍ବାଚନ ଓ ରାଜସ୍ୱ ବିଭାଗ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି। ସେ ଏହି ପରିପ୍ରେକ୍ଷୀରେ ଉଲୁଣ୍ଡା ଫାଇଭ-ଟି ଉଚ୍ଚ ବିଦ୍ୟାଳୟ ସହ ଉଦେପଦର ଓ ନାଏକପଡା ସ୍କୁଲ ସ୍ଥିତ ବୁଥ୍ ଗୁଡିକର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଉପଜିଲ୍ଲାପାଳ ବୀର ମହାରାଜପୁର ଅଶୋକ ଭୋଇ, ଏ.ବି.ଡି.ଓ. ଉଲୁଣ୍ଡା ଶୁଭ୍ରାଂଶୁ ମଲ୍ଲିକ, ବି.ଏସ.ଏସ.ଓ. କ୍ଷୀରୋଦ୍ର ଭୂଷଣ ରାଏଙ୍କ ସମେତ ସୁପରଭାଇଜର, ବି.ଏଲ.ଓ. ଓ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଡ଼ଃ. ଦଳେଇ ଉପସ୍ଥିତ ଅଧିକାରୀଙ୍କ ସହ ସ୍କୁଲର ଭିତିଭୂମି, ଶିକ୍ଷାଦାନ ତଥା ଶିକ୍ଷାର ଗୁଣାତ୍ମକ ମାନ ଓ ଅନୁଷ୍ଠାନର ବାର୍ଷିକ ଫଳାଫଳ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ପରେ ପରେ ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜନୈତିକ ଦଳର ନେତା / ପ୍ରତିନିଧିଙ୍କ ସହ ଜିଲ୍ଲାର ନୂତନ ଭୋଟର ପଞ୍ଜିକରଣର ସ୍ଥିତି ଓ ଅଗ୍ରଗତି ଓ ଆଧାର ସଂଯୋଗୀକରଣ ଉପରେ ବିଶେଷ ଆଲୋଚନା କରି ଜିଲ୍ଲାର ନୂତନ ଭୋଟର ପଞ୍ଜିକରଣକୁ ଶତ ପ୍ରତିଶତ ସଫଳ କରିବାରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଆନ୍ତରିକ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଏହି ଆଲୋଚନା ବୈଠକରେ ବିଜେଡି ଦଳରୁ କଇଁରୁ ସ୍ୱାଇଁ, ବିଜେପି ଦଳରୁ ସୁଶାନ୍ତ କୁମାର ସାହୁ, ଭାରତୀୟ ଜାତୀୟ କଂଗ୍ରେସ ଦଳରୁ ଶେଷଦେବ ମେହେର, ଏସ.ୟୁ.ସି.ଆଇ. ରୁ ଗୋବିନ୍ଦ ମହାରଣା, ବି.ଏସ.ପି. ରୁ ଅନିଲ କୁମାର ତାଣ୍ଡି ପ୍ରମୁଖ ଉପସ୍ଥିତ ରହିଥିଲେ। ତପୃରେ ଜିଲ୍ଲାର ରାଜସ୍ୱ ବିଭାଗ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରୀତା ଉପରେ ରାଜସ୍ୱ ଆୟୁକ୍ତ ଡ଼ଃ. ଦଳେଇ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ସେ ଉପସ୍ଥିତ ରାଜସ୍ୱ ଅଧିକାରୀଙ୍କୁ ବିଭାଗୀୟ କାର୍ଯ୍ୟକ୍ରମ ଗୁଡିକୁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମୟ ଅବଧିରେ ସମ୍ପୂର୍ଣ୍ଣ କରିବା, ସରକାରଙ୍କ ବିଭିନ୍ନ ବିଭାଗୀୟ ଅଦେଶାନାମାକୁ ପୂର୍ଣ୍ଣ କାର୍ଯ୍ୟକାରୀ କରିବା ତଥା ବିଭିନ୍ନ ତଥ୍ୟ ପ୍ରଦାନକୁ ସମୟ ମଧ୍ୟରେ ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଛନ୍ତି। ସେ ଏହି ଅବସରରେ ରାଜସ୍ୱ ବିଭାଗ ତରଫରୁ କାର୍ଯ୍ୟକାରୀ ମ୍ୟୁଟେସନ କେସ, ହାଇଟେକ ସର୍ଭେ, ବେ-ବନ୍ଦୋବସ୍ତ ବ୍ୟବସ୍ଥା ତଥା ନୂତନ ନିର୍ମାଣ ହେବାକୁ ଥିବା ଆର.ଆଇ. କାର୍ଯ୍ୟାଳୟ, ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ଗୁଡିକର ସ୍ଥିତି ଓ ଅଗ୍ରଗତି ଉପରେ ପଚାରି ବୁଝିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରିଛନ୍ତି।

# କୋଭିଡ୍‌ରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଖୁସି ଖବର: ନିଯୁକ୍ତିରେ ମିଳିବ ଅତିରିକ୍ତ ୫% ନମ୍ବର



ଭୁବନେଶ୍ୱର , ୦୧/୧୨ (ନି.ପ୍ର): କୋଭିଡ କାର୍ଯ୍ୟରେ ସ୍ୱଳ୍ପଦିନ ପାଇଁ ନିୟୋଜିତ ହୋଇଥିବା ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଖୁସି ଖବର। ଏହି ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ପାଇଁ ରାଜ୍ୟ ସରକାର ସ୍ୱଳ୍ପ ମିଆଦି କୋଭିଡ-୧୯ ସ୍ୱାସ୍ଥ୍ୟକର୍ମୀ ନିୟମ-୨୦୨୨ ପ୍ରଣୟନ କରିଛନ୍ତି। ଯାହାକି ରାଜ୍ୟପାଳଙ୍କ ଅନୁମୋଦନ ଲାଭ କରିଛି। ଏଥିପାଇଁ ହେବାକୁ ଥିବା ନିଯୁକ୍ତି ପରୀକ୍ଷାରେ ସ୍ୱଳ୍ପ ମିଆଦି ସ୍ୱାସ୍ଥ୍ୟକର୍ମୀଙ୍କୁ ସମୁଦାୟ ମାର୍କ ଉପରେ ଥରଟିଏ ପାଇଁ ଅତିରିକ୍ତ ୫ ପ୍ରତିଶତ ମାର୍କ ମିଳିବ। ଯାହାଫଳରେ ନର୍ସିଂ ଅଫିସର, ଫାର୍ମାସିଷ୍ଟ, ରେଡିଓଗ୍ରାଫର, ଟେକ୍‌ନିସିଆନ୍, ବହୁମୁଖୀ ପୁରୁଷ/ମହିଳା ସ୍ୱାସ୍ଥ୍ୟକର୍ମୀ ଉପକୃତ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ ପାଇଛି।

ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବା ସହିତ ଏହା ସଂପର୍କରେ ଆଲୋଚନା ହୋଇଥିଲା। ରାଜ୍ୟରେ କୋଭିଡ ମହାମାରୀ ସମୟରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କୋଭିଡ କେୟାର ସେଣ୍ଟରରେ ଶତାଧିକ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ହୋଇଥିଲେ। ଯେଉଁମାନେ ଅତିକମ୍‌ରେ ୩ମାସ ପାଇଁ କୋଭିଡ କାର୍ଯ୍ୟରେ ନିୟୋଜିତ ହୋଇଥିଲେ ସେମାନଙ୍କୁ ଏହି ଅତିରିକ୍ତ ମାର୍କ ମିଳିବ। ସ୍ୱାସ୍ଥ୍ୟକର୍ମୀମାନେ ୩ମାସ ପାଇଁ କାର୍ଯ୍ୟ କରିଛନ୍ତି କି ନାହିଁ ତାହାର ପ୍ରମାଣପତ୍ର ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ଫର୍ମାଟ୍ ପ୍ରଦାନ କରାଯିବ ବୋଲି କୁହାଯାଇଛି।

# ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ ଗଡ଼ିଲା

ସୁବର୍ଣ୍ଣପୁର, ୦୧/୧୨ (ନି.ପ୍ର): ଅନ୍ତର୍ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ନଭେମ୍ବର-୨୦୨୨ ଅବସରରେ ଜ଼ିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏକ ସଚେତନତା ରଥ ଜ଼ିଲ୍ଲା ଗ୍ରାମ୍ୟ ଉନୟନ ସମ୍ମିଳନୀ କକ୍ଷ ପରିସର ଠାରୁ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜ଼ିଲ୍ଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥ ଜିଲ୍ଲାର ପ୍ରତ୍ୟେକ ବ୍ଲକ ତଥା ସମ୍ବେଦନଶୀଳ ପଂଚାୟତ ଗୁଡିକ ଯଥା ସୋନପୁର ବ୍ଲକର ଲଛିପୁର ପଂଚାୟତ, ବୀରମହାରାଜପୁର ବ୍ଲକର ମୁରଶୁଣ୍ଢୀ, ଉଲୁଣ୍ଡା ବ୍ଲକର କୋଟସମଲେଇ, ତରଭା ବ୍ଲକ ବ୍ରାହ୍ମିଣୀ, ବିନକା ବ୍ଲକ ର ମହାଦେବପାଲି, ଡୁଙ୍ଗୁରିପାଲି ବ୍ଲକର ଶୁଖା ପଂଚାୟତ ଆଦି ଅଂଚଳରେ ସଚେତନତା ର ବାର୍ତ୍ତା ଯେମିତି 'ଶିଶୁ ପଣ୍ୟ ଦ୍ରବ୍ୟ ନୁହେଁ, ଏହାକୁ କିଣାବିକା କରନ୍ତୁ ନାହିଁ, ଆଇନଗତ ପଦ୍ଧତି ରେ ଗ୍ରହଣ କରନ୍ତୁ । ଶିଶୁ ପରିବାର ଚାହେଁ, ତାକୁ ପର କରନାହିଁ । ଜ଼ିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜ଼ିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ରେଣୁବାଳା ଦାଶ , ଜ଼ିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ, ଜ଼ିଲ୍ଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାଖା, ଶିଶୁ ମଙ୍ଗଳ କମିଟି ସଦସ୍ୟ ରଂଜିତା ସାହୁ, ଜ଼ିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ସୋନପୁର ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ମେହେର ଓ ବାଲ୍ୟ ବିବାହ ପରାମର୍ଶ ଦାତା ରାକେଶ ପ୍ରଧାନ। ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଖି, ଚାଇଲଡ ଲାଇନ, ଶିଶୁ ଯତ୍ନ ଅନୁଷ୍ଠାନ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କର୍ମଚାରୀ, ଅଧିକାରୀ ଏବଂ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

# ୩ ରୁ ୬ ଡିସେମ୍ବରରୁ ଗାନ୍ଧୀ ଷ୍ଟଡିୟମରେ କୁଚ ବେହାର ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଂଟ

ବଲାଙ୍ଗିର, ୦୧/୧୨ (ନି.ପ୍ର): ଓଡିଶା କ୍ରିକେଟ ଏସୋସିଏସନ (ଓସିଏ) ଆନୁକୁଲ୍ୟରେ ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗିର ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ୩ ଡିସେମ୍ବର ରୁ ୬ ଡିସେମ୍ବର ପର୍ଯ୍ୟନ୍ତ ସର୍ବ ଭାରତୀୟ ୧୯ ବର୍ଷ ବର୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ "କୁଚ ବେହାର ଟ୍ରଫି" ଓଡିଶା ବନାମ ବିଦର୍ଭ ମଧ୍ୟରେ ଖେଳ ଆୟୋଜନ କରିବ। ଏଥି ପାଇଁ ଷ୍ଟାଡିୟମ ପରିସରରେ ବୁଧବାର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କ୍ରୀଡା ସଂସଦର ସାଧାରଣ ସଂପାଦକ ହରି ନାରାୟଣ ପୂଜାରୀଙ୍କ ଆବାହକତ୍ୱ ଓ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ସମ୍ପର୍କିତ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନ ଉପରେ ସମ୍ପାଦକ ଶ୍ରୀ ପୂଜାରୀ ଆଲୋଚନା କରିଥିଲେ । ଏଥିରେ ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତୃଘନ ସିଂହ, କୋଷାଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର, ଫୁଟବଲ ସଂପାଦକ ହେମନ୍ତ ବେହେରା, ବରିଷ୍ଠ ସଭ୍ୟ ସୁଧିର ଚନ୍ଦ୍ର ପଣ୍ଡା, କ୍ରିକେଟ କୋଚ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଯୁଗ୍ମ ସଂପାଦକ ଶ୍ରୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ୧ ଓ ୨ ତାରିଖରେ ଉଭୟ ଦଳ ଷ୍ଟାଡିୟମରେ ପ୍ରାକ୍ଟିସ ମ୍ୟାଚ ଖେଳିବେ ।

## ଲୌହ ଦାନବର ରକ୍ତ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ପରିବେଶ ଥିଲା ଶାନ୍ତ ଓ ସ୍ଥିର। କିଏ ବ୍ରସ୍ କରୁଥିଲା ତ କିଏ ବିଶ୍ରାମଗାରରେ ଟ୍ରେନକୁ ଅପେକ୍ଷା କରିଥିଲା, କିଏ ଟିକେଟ ପାଇଁ ଲାଇନରେ ଥିଲା ତ କିଏ ପୁଣି ମୋବାଇଲରେ କଥା ହେଉଥିଲା । କିଏ ଚା ପିଉଥିଲା ତ କିଏ ନିଜର କର୍ମ ଭୂମିକୁ ଯିବାକୁ ଅପେକ୍ଷା କରିଥିଲା । ହଠାତ୍ ଦୂରରୁ ଶୁଭିଲା ଏକ ଭୟଙ୍କର ଶବ୍ଦ । କେହି କିଛି ବୁଝିବା ଆଗରୁ ଦୃତ ଗତିରେ ଆସୁଥିବା ମାଲବାହୀ ରେଳଗାଡ଼ିଟି ପ୍ଲାଟଫର୍ମ ଉପରକୁ ମାଡ଼ି ଆସିଲା । ଷ୍ଟେସନ ବିଲ୍ଡିଙ୍ଗ ଭାଙ୍ଗି ଚୂର୍ମାର ହୋଇଗଲା । ଯାତ୍ରୀ ବିଶ୍ରାମଗାର ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଲା । ଷ୍ଟେସନର ଫୁଟ୍ ଓଭର ବ୍ରିଜ ଧ୍ୱଂସ ହୋଇଗଲା । ଅପେକ୍ଷା କରିଥିବା ଯାତ୍ରୀ ମାନଙ୍କ ମଧ୍ୟରୁ ୩ ଜଣ ମୃତ୍ୟୁବରଣ କରିବା ସହ ପାଖାପାଖି ୧୪ ଜଣ ଗୁରୁତର ସହ ଆହତ ହୋଇଥିଲେ ।

ଅତୀତରେ ଯେତୋଟି ରେଳ ଦୁର୍ଘଟଣା ଘଟିଛି ଅଧିକାଂଶ ମନୁଷ୍ୟକୃତ। କେଉଁଠି ସିଗନାଲ ସମସ୍ୟା ତ କେଉଁଠି ଲାଇନ୍ ମ୍ୟାନଙ୍କ ବେପରୁଆ କାର୍ଯ୍ୟ, କେଉଁଠି ଷ୍ଟେସନ ମାଷ୍ଟରଙ୍କ ପରିଚାଳନାଗତ ତ୍ରୁଟି ତ କେଉଁଠି କର୍ମଚାରୀ ମାନଙ୍କର କର୍ତ୍ତବ୍ୟରେ ଅବହେଳା । ଅଯାଚିତ କାର୍ଯ୍ୟ ଦ୍ୱାରା ଘଟି ଚାଲିଛି ଅଘଟଣ । ଅକାରଣ ରେ ଲୌହ ଦାନବ ନେଇଛି ଶହଶହ ଜୀବନ । ଏକବିଂଶ ଶତାବ୍ଦୀରେ ଆମେ ଯେତେବେଳେ ମେଟ୍ରୋ ଟ୍ରେନ ଓ ବୁଲେଟ ଟ୍ରେନ କଥା ଚିନ୍ତା କରୁଛେ ସେ ସମୟରେ ୧୭୧ ବର୍ଷର ଅଭିଜ୍ଞ ହୋଇ ମଧ୍ୟ ଟ୍ରେନ ବ୍ୟବସ୍ଥାକୁ ସୁଧାରି ପାରୁନେ। ବ୍ୟବସ୍ଥାରେ ପରିବର୍ତ୍ତନ ଆସିବା ଦରକାର । ଅନେକ ଦୁର୍ଘଟଣାର କାରଣ ଖୋଜାଯାଇଛି ଦୋଷୀକୁ ଚିହ୍ନଟ କରାଯାଇଛି କିନ୍ତୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି କି ନାହିଁ ତାହା ର ତ ହିସାବ ଜନସାଧାରଣ ମାନଙ୍କ ପାଖରେ ନାହିଁ କିନ୍ତୁ ପରବର୍ତୀ ପର୍ଯ୍ୟାୟରେ ସେହିଭଳି ଦୁର୍ଘଟଣା ମାନ ଘଟିଛି । ଲାଲବାହାଦୂର ଶାସ୍ତ୍ରୀ, ମମତା ବାନାର୍ଜୀ ରେଳମନ୍ତ୍ରୀ ଥିବାବେଳେ ଦୁର୍ଘଟଣା କାରଣରୁ ନୈତିକତା ଦୃଷ୍ଟିରୁ ସେମାନେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ତ କେଉଁଠି ମନ୍ତ୍ରୀପଦରୁ ଅନ୍ୟ ରେଳମନ୍ତ୍ରୀ ମାନଙ୍କୁ କାଢ଼ି ଦିଆଯାଇଛି । ଧନ ଜୀବନ ହାନି ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କିଛି ସହାୟତା ରାଶି ଘୋଷଣା କରିଛନ୍ତି । ଖାଲି ଇସ୍ତଫା ଦେଇଦେଲେ କିମ୍ବା ସହାୟତା ରାଶି ଘୋଷଣା କରି ଚୁପ୍ ହୋଇ ବସିଗଲେ ଚଳିବନି ବରଂ ବ୍ୟବସ୍ଥା ରେ କେମିତି ସୁଧାର ଆସିବା ତା ପ୍ରତି ଯତ୍ନବାନ ହେବ ଉଚିତ । ଉପଯୁକ୍ତ ସମୟ ବ୍ୟବଧାନରେ ରେଳଧାରଣାର ମରାମତି ସହ ତଦାରଖ, ରେଳପଥର ଉନ୍ନତି କରଣ, ନବୀକରଣ, ବଗି ଗୁଡ଼ିକରେ ସ୍ୱୟଂଚାଳିତ ଯନ୍ତ୍ର ଦ୍ୱାରା ନିଆଁ ଓ ଧୂଆଁକୁ ଚିହ୍ନଟ କରି ସତର୍କ କରାଇବାର ବ୍ୟବସ୍ଥା, ଯାତ୍ରୀମାନଙ୍କ ପାଇଁ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ସହ ଉପଯୁକ୍ତ ଦକ୍ଷତା ଥିବା ଅଧିକାରୀ ମାନଙ୍କ ଦ୍ୱାରା ପରିଚାଳନା କାର୍ଯ୍ୟ ତଥା ରେଳ କର୍ମଚାରୀ ମାନଙ୍କ ମଧ୍ୟରେ କର୍ତ୍ତବ୍ୟ କରିବାର ନିଷ୍ଠାପରତା ଭାବ ସୃଷ୍ଟି କରିବା ଦରକାର । କହିବା ବାହୁଲ୍ୟ ଯେ ଦୁର୍ବିପାକ କୁ କେହି କେବେ ରୋକି ପାରିବନାହିଁ କିନ୍ତୁ ଅଯାଚିତ କାର୍ଯ୍ୟ ଯୋଗୁଁ ଯେଉଁ ମାନବୀୟ ବିପର୍ଯ୍ୟୟ ହେଉଛି ତାକୁ କେତେକ ମାତ୍ରାରେ ରୋକାଯାଇ ପାରିବ । କର୍ମଚାରୀ, ରେଳ ବିଭାଗ, ତଥା ସରକାର ଏହି ଟ୍ରେନ ଟ୍ରାକ ଟ୍ରାଜେଡି ପ୍ରତି ସଚେତନ ହେବା ଦରକାର ଅନ୍ୟଥା ଲୌହ ଦାନବର ରକ୍ତ ଭୋଜିରେ ଆମେ ସମସ୍ତେ ଦିନେ ନା ଦିନେ ସାମିଲ ହେବା ଏଥିରେ ସନ୍ଦେହ ନାହିଁ ।

+ ଅଧ୍ୟାପକ, ବାଣିଜ୍ୟ ବିଭାଗ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ

## ଏକ୍ସ କ୍ୟାଡର ଓ ଗଣଶିକ୍ଷକମାନଙ୍କ ଡିସେମ୍ବର ୧୨ରେ ବିଧାନସଭା ଘେରାଉ

ଭଦ୍ରକ, ୦୧/୧୧ (ନି.ପ୍ର): ରାଜ୍ୟରେ କାର୍ଯ୍ୟରତ ୨୨ହଜାର ଏକ୍ସ କ୍ୟାଡର ଓ ଗଣଶିକ୍ଷକମାନଙ୍କ ପକ୍ଷରୁ ୫ଦଫା ଦାବି ନେଇ ଡିସେମ୍ବର ୧୨ ତାରିଖରେ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଶିକ୍ଷକମାନେ ନନଫର୍ମାଲ ଓ ଇଜିଏସରେ ଅନ୍ୟୁନ ୧୫ ବର୍ଷ କାର୍ଯ୍ୟ କରିବା ପରେ ସରକାର ୨୦୦୮ ମସିହାରେ ଗଣଶିକ୍ଷକ ଭାବେ ସରକାରୀ ପ୍ରାଇମେରୀ ଓ ଅପର ପ୍ରାଇମେରୀ ବିଦ୍ୟାଳୟରେ ନିଯୁକ୍ତି ଦେଇଥିଲେ। ବହୁ ଆନ୍ଦୋଳନ, ଅନଶନ ଏବଂ ଧାରଣା ପରେ ୨୦୧୬ ଜୁଲାଇ ୨୫ ତାରିଖ ଗଣଶିକ୍ଷକମାନଙ୍କୁ କ୍ୟାଡରଭୂକ୍ତ କରିବା ପାଇଁ ନିର୍ଦ୍ଦେଶନାମା ପ୍ରକାଶ କଲେ। ଯେଉଁଥିରେ ଯୁକ୍ତ ୨ ସିଟି ଓ ୮ବର୍ଷ କାର୍ଯ୍ୟ କରିଥିବା ଶିକ୍ଷକମାନଙ୍କୁ ମାର୍ଚ୍ଚ ମାସ ୨୦୧୭ ମସିହା ୧ ତାରିଖ ନିୟମିତ କରାଯିବ ବୋଲି ପ୍ରକାଶ କରାଯାଇଥିଲା। କିନ୍ତୁ ଦୁଃଖର କଥା ଆଉ ୫ ମାସ ପରେ ଅର୍ଥାତ୍ ୨୦୧୬ ମସିହା ଡିସେମ୍ବରରେ ଏକ ମୋଡାଲିଟି ପ୍ରକାଶ ପାଇଲା। ଯେଉଁଥିରେ କ୍ୟାଡର ପରିବର୍ତ୍ତେ ଏକ୍ସ କ୍ୟାଡର, ଓଟିଇଟି ନକଲେ ଏହି ବର୍ଗର ଶିକ୍ଷକମାନଙ୍କୁ ୨୦୧୯ରୁ ଇନକ୍ରିମେଣ୍ଟ ବନ୍ଦ ପରି ସର୍ତ୍ତ ଲଗାଇଦେଲେ। ସେହିପରି ୧୮ ହଜାର ଗଣ ଶିକ୍ଷକଙ୍କୁ ୨୦୧୭ ମସିହା ମାର୍ଚ୍ଚ ୧ ତାରିଖରୁ ଏକ୍ସ କ୍ୟାଡରରେ ଶିକ୍ଷକ ଭାବେ ନିୟମିତ କରାଗଲା। ମାତ୍ର ୪ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଯୋଗ୍ୟତା ଥାଇ ନିୟମିତ ନହୋଇ ଅଦ୍ୟାବଧି ମାତ୍ର ୭ ହଜାର ଟଙ୍କା ବେତନରେ ଗଣଶିକ୍ଷକ ଭାବେ ଅତି ଦୟନୀୟ ଅବସ୍ଥାରେ କାର୍ଯ୍ୟ କରି ଆସୁଛନ୍ତି। ସରକାରଙ୍କୁ ବାରମ୍ବାର ନିବେଦନ କରିବା ପରେ ମଧ୍ୟ ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁ ନାହାନ୍ତି। ତେଣୁ ବାଧହୋଇ ମହାସଂଘ ପକ୍ଷରୁ ବିଧାନସଭା ଘେରାଉ କରାଯିବ ବୋଲି ବିଭୂତି ଭୂଷଣ ତ୍ରିପାଠୀ ଜଣାଇଛନ୍ତି। ସେମାନଙ୍କ ଦାବି ହେଲା ନିୟମିତରୁ ବଞ୍ଚିତ ଗଣଶିକ୍ଷକମାନଙ୍କୁ ନିୟମିତ କରିବା, ଏକ୍ସ କ୍ୟାଡର ଉଚ୍ଛେଦ କରି ଟ୍ରେଜେରୀ ମାଧ୍ୟମରେ ବେତନ ଦେବା, ଓଟିଇଟି ଉଚ୍ଛେଦ କରି ଇନକ୍ରିମେଣ୍ଟ ଦେବା, ନନଫର୍ମାଲ ଶିକ୍ଷକ ଓ ନିଷ୍ଠିତ ଶିକ୍ଷାର ଅଭିଜ୍ଞତାକୁ ଆଧାର କରି ପୁରୁଣା ପେନସନ ଲାଗୁ କରିବା କେନ୍ଦ୍ରୀୟ ହାରରେ ବେତନ ଦେବା, ୨୦୦୫ ମସିହା ପୂର୍ବରୁ ନିଯୁକ୍ତି ପାଇ କାର୍ଯ୍ୟ କରି ଆସୁଥବବା ନନଫର୍ମାଲ ଶିକ୍ଷକ ନିଷ୍ଠିତ ଶିକ୍ଷା ଯୋଜନାରେ କାର୍ଯ୍ୟ କରୁଥିବା ଶିକ୍ଷକମାନଙ୍କୁ ନିଯୁକ୍ତି ଆଦି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ନବୀନଙ୍କୁ ପୁଣି ଟାର୍ଗେଟ୍ କଲେ....

ଆନ୍ଦୋଳନ କରୁଛନ୍ତି। ରାଜ୍ୟର ସ୍କୁଲ ପିଲା ମାନଙ୍କର ଭବିଷ୍ୟତ ନିର୍ମାଣ କରୁଥିବା ଶିକ୍ଷକଙ୍କୁ ମାନସିକ ଯନ୍ତ୍ରଣା ଦିଆଯାଉଛି। ସ୍ଥାୟୀ ନିଯୁକ୍ତି ନାହିଁ। ବରିଷ୍ଠ ଓ କନିଷ୍ଠ ଶିକ୍ଷକଙ୍କ ମଧ୍ୟରେ ପାତରଅନ୍ତର କରିବା ଭଳି ନୂଆ ନୀତି ନିୟମ ନିର୍ଦ୍ଧାରଣ କରାଯାଉଛି। ନବୀନ ସରକାରଙ୍କ ନୀତି ଓ ନିୟମକୁ ନେଇ ଅସନ୍ତୋଷ ଦେଖାଗଲାଣି । ସ୍କୁଲରେ ପଢୁଥିବା ପିଲା ମାନଙ୍କର ଭବିଷ୍ୟତକୁ ହତାଦର କରାଯାଉଛି। ଓଡ଼ିଶାକୁ ଅନ୍ଧକାରରେ ରଖିବାରେ ଷଡଯନ୍ତ୍ର ରଚାଯାଉଛି । ତା'ର ପ୍ରତିଫଳନ ପଦ୍ମପୁର ଉପନିର୍ବାଚନରେ ହେବ। ଧାନ, ଜଳସେଚନ, ରୋଜଗାର, ଇନପୁଟ ସବସିଡି ନମିଳିବା, ପଦ୍ମପୁରକୁ ଜିଲ୍ଲା ମାନ୍ୟତା ନଦେବାର ଲମ୍ବା ତାଲିକା ଅଛି। ଏହି ଅଂଚଳରୁ ହଜାର ହଜାର ଲୋକ ଦାଦନ ଖଟିବାକୁ ଯାଉଛନ୍ତି । ଦୀର୍ଘ ୨୨ ବର୍ଷ ଶାସନରେ ଯେଉଁମାନେ କାମ ଖଣ୍ଡେ ଯୋଗାଡ କରିପାରିଲେ ନାହିଁ, ଗଙ୍ଗାଧର ଜଳସେଚନ ପ୍ରକଳ୍ପରେ ପାଣି ମୁନ୍ଦେ ପହଂଚାଇପାରିଲେ ନାହିଁ, ସେମାନେ ଆଜି ମିଛ ସୁଆଙ୍ଗ ରଚୁଛନ୍ତି । ସବୁଠି ଅବ୍ୟବସ୍ଥା ଦେଖାଯାଉଛି। ୨୨ ବର୍ଷରେ ଯେଉଁମାନେ ଏହି ଅଂଚଳକୁ ଅଣଦେଖା କରିଛନ୍ତି, ସେମାନଙ୍କୁ ପଦ୍ମପୁରବାସୀ ଜବାବ୍ ଦେବେ । ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ପଦ୍ମପୁରବାସୀ ୨୨ ବର୍ଷର ପ୍ରତାରଣାର ନିର୍ଣ୍ଣାୟକ ମତ ଦେବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଝାରବନ୍ଧ ଅନୁଷ୍ଠିତ ବିଶାଳ ମାତୃ ସମାବେଶ ପଦ୍ମପୁର ଉପନିର୍ବାଚନରେ କୁନା ପୁରୋହିତଙ୍କ ବିଜୟର ବଡ ପ୍ରମାଣ ଦେଉଛି। ଓଡ଼ିଶା ବିଧାନସଭାରେ ଗରିବ, ଜନଜାତି, କେନ୍ଦୁପତ୍ର ତୋଳାଳୀ, ଚାଷୀ, ବଂଚିତ ଲୋକମାନଙ୍କ ସ୍ୱାର୍ଥକୁ ଉଠାଇଛନ୍ତି । ଚାଷୀ, ଆଦିବାସୀ, ମହିଳା, ଯୁବକ ଓ ସବୁ ବର୍ଗର ଲୋକମାନେ ତାଙ୍କ ଉପରେ ଭରସା ରଖିଛନ୍ତି। ପଦ୍ମପୁରର ମା' ମାଉସୀ ତଥା ମାତୃଶକ୍ତି ମାନଙ୍କର ଆଶୀର୍ବାଦ ପ୍ରଧାନମନ୍ତ୍ରୀ ମୋଦି ଏବଂ ଦଳର ପ୍ରାର୍ଥୀ କୁନା ପୁରୋହିତଙ୍କ ପ୍ରତି ରହିଛି । ତାଙ୍କୁ ଭୋଟ ଦେବା ପାଇଁ ପଦ୍ମପୁର ମନବଳାଇ ସାରିଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

### ଆରମ୍ଭ ହେଲା....

କଥକର ବିଖ୍ୟାତ ଗୁରୁ ରାଜେନ୍ଦ୍ର ଗଙ୍ଗାନି ଓ ସାଥି ଶାସ୍ତ୍ରୀୟ ଭିତ୍ତିରେ 'ଛନ୍ଦ-ଲୟ-ଗତି' ସରଞ୍ଜନାକୁ ପରଶି ଦେଇଥିଲେ । ' ଗୁରୁ କୁନ୍ଦନଲାଲ ଗଙ୍ଗାନି ଫାଉଣ୍ଡେସନ ' , ନୂଆଦିଲ୍ଲୀର ଶିଳ୍ପୀ ମାନେ ନିଖୁଣ ଭାବରେ କଥକ ନୃତ୍ୟକୁ ଭେଟି ଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଡ଼. ମୃତ୍ୟୁଞ୍ଜୟ ରଥ ଓ ଡ଼. ନାଜିଆ ଆଲାମ । ଓଡିଶା ସଂଗୀତ ନାଟକ ଏକାଡେମୀ ର ସଚିବ ପ୍ରବୋଧ ରଥ ଓ ଡ଼. ସଂଗୀତା ଗୋସାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଲେକ୍ଟ୍ରୋନିକ , ସୂଚନା , ପ୍ରଯୁକ୍ତି , କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା , ସାଂସଦ ଡ଼. ରାଜଶ୍ରୀ ମଲ୍ଲିକ , ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର , ପର୍ଯ୍ୟଟନ ଉନ୍ନୟନ ନିଗମ ଅଧକ୍ଷ ଡ଼. ଲେଲିନ୍ ମହାନ୍ତି , ଜିଲ୍ଲାପାଳ, ପୁରୀ ସମର୍ଥ ବର୍ମା , ପର୍ଯ୍ୟଟନବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ।

### ମେକ୍-ଇନ-ଓଡ଼ିଶା କନ୍‌କ୍ଲେଭରେ ....

ପ୍ରସ୍ତାବନା ଆସିଥିବା ୭୮ଟି ନିବେଶ ପ୍ରତିଶ୍ରୁତିକୁ ଆଜି ବିଧିବଦ୍ଧ ଭାବେ ଗ୍ରହଣ କରାଯାଇଛି । ଏଥିରେ ୧ଲକ୍ଷ ୪୦ ହଜାର ୩୮୬ କୋଟି ୧୯ ଲକ୍ଷ ଟଙ୍କାର ପୁଂଜିନିବେଶ ସମ୍ଭାବନା ରହିଛି ଏବଂ ଏହା ଦ୍ୱାରା ୭୨ ହଜାର ୮୪୯ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ଉପରୋକ୍ତ ସମସ୍ତ କ୍ଷେତ୍ରରୁ ମୋଟ ୭,୨୬,୧୨୮.୪୫ କୋଟିର ପୁଂଜିନିବେଶ ପ୍ରତିଶ୍ରୁତି ମିଳିଛି ବୋଲି ରାଜ୍ୟ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଶର୍ମା ପ୍ରକାଶ କରିଛନ୍ତି । ଆସନ୍ତାକାଲି ମେକ୍ ଇନ୍ ଓଡ଼ିଶା ଦ୍ୱିତୀୟ କାର୍ଯ୍ୟ ଦିବସରେ ସ୍କିଲଡ୍ ଇନ୍ ଓଡ଼ିଶା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆଇଟିଇଏସ୍, ସିଙ୍ଗାପୁର ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି। ଏହା ବ୍ୟତୀତ କେତେକ ଶିଳ୍ପ ଉପରେ ନିର୍ଭର କରୁଥିବା କ୍ଷୁଦ୍ରଶିଳ୍ପ, ଆନୁଷଙ୍ଗିକ ଶିଳ୍ପ ଓ ଡାଉନ୍ ଷ୍ଟ୍ରିମ୍ ଶିଳ୍ପ, ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଏବଂ ଯାନ୍ତ୍ରିକ ଶିକ୍ଷା କ୍ଷେତ୍ରରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲି ମୋଟ ୧୦ଟି ଅଧିବେଶନ ଅନୁଷ୍ଠିତ ହେବ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଗତକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨କୁ ଉଦ୍‌ଘାଟନ କରିଥିଲେ।

### ରିଟେଲ ଇ-ରୁପି ସେବାର....

ସିମଲାରେ ଏହି ସୁବିଧା ଉପଲବ୍ଧ ହେବ । ମୁମ୍ବାଇ, ଦିଲ୍ଲୀ,ବେଙ୍ଗାଲୁର ଓ ଭୁବନେଶ୍ୱରର ଲୋକମାନେ ଅଂଶଗ୍ରହଣକାରି ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଡିଜିଟାଲ ୱାଲେଟ ମାଧ୍ୟମରେ ଇ-ଆର ସହିତ କାରବାର କରିପାରିବେ । ପିଟିସି-ବିଶେଷଜ୍ଞଙ୍କ ମତରେ ଇ-ଟଙ୍କା ମୋବାଇଲ ୱାଲେଟ ପେଟିଏମ ଓ ଗୁଗୁଲ ପେ ଭଳି ନୁହେଁ । ଡିଜିଟାଲ ଟଙ୍କ ବା ଇ-ଟଙ୍କା ପେମେଂଣ ସିଷ୍ଟମର ନୂଆ ତରିକା ଅଟେ । ଏଥିପାଇଁ ଲୋକଙ୍କୁ ବ୍ୟାଙ୍କରୁ ଗୋଟିଏ ଥୀ ଡିଜିଟାଲ ବା ଇ-ଟଙ୍କା କିଣିବାକୁ ପଡିବ । ଏହା ପରେ ୱାଲେଟରୁ ୱାଲେଟ ନେଣଦେଣ କରିହେବ । ଇ-ରୂପି କାରବାର ପାଇଁ ୮ଟି ବ୍ୟାଙ୍କୁ ଚୟନ କରାଯାଇଛି । ପରବର୍ତୀ ସମୟରେ ଏଥିରେ ଆହୁରି ଅଧିକ ବ୍ୟାଙ୍କ ଓ ସହର ସାମିଲ ହେବ ବୋଲି ଆରବିଆଇ ପକ୍ଷରୁ କୁହାଯାଇଛି । ପ୍ରଥମ ପର୍ଯ୍ୟାୟରେ ଚାରୋଟି ବ୍ୟାଙ୍କ ଯଥା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଆଇସିଆଇସିଆଇ ବ୍ୟାଙ୍କ,ୟସ୍ ବ୍ୟାଙ୍କ ଓ ଆଇଡିଏଫସି ବ୍ୟାଙ୍କ ସହିତ ୪ଟି ସହରରେ ଆରମ୍ଭ ହୋଇଛି । ନଭେମ୍ବର ମାସରେ ଘୋଷଣା କରିଥିଲା ଆରବିଆଇ । ଇ-ରୁପି ଆସିବା ପରେ ଗୁଗୁଲ ପେ ଓ ପେଟିଏମ ଭଳି ଡିଜିଟାଲ ପେଂମେଟ ସିଷ୍ଟମ ଉପରେ କଣ ପ୍ରଭାବ ପଡିବ ?ସାଧାରଣ ଲୋକଙ୍କୁ କି ଫାଇଦା ମିଳିବ ? ଆଗାମୀ ଦିନରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ ।

### ଆଜି ବିଧାନସଭା ଘେରିବ....

ଟଙ୍କାକୁ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ନେତା ଓ ବିଧାୟକମାନେ ଦଳ ଭିତରେ ବାଂଟି ନେଉଛନ୍ତି। ଚାଷୀଙ୍କୁ ସର୍ବଦା ଭକୁଆ କରିବା ସହ ବାହାନା ବନାଉଛି ଶାସକ ଦଳ। ଚାଷଜମି ଥିବା ଚାଷୀଙ୍କୁ ଟୋକନ ମିଳୁନଥିବା ବେଳେ କମ୍ ଚାଷଜମି ଥିବା ବିଜେଡି କର୍ମୀ ନେତାଙ୍କୁ ରାଜ୍ୟ ସରକାର ଟୋକନ ଦେଉଛନ୍ତି। ଏହାଦ୍ୱାରା ବାଧହୋଇ କମିଶନ ଦେଇ ଟୋକନ କିଣୁଛନ୍ତି ଧାନ ଅମଳ କରିଥିବା ପ୍ରକୃତ ଚାଷୀ । ନବୀନଙ୍କ ଏହି ହୀନପ୍ରକୃତିକୁ ଅନ୍ନଦାତା ଠିକ ଜବାବ ଦେବେ ବୋଲି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି।

## ନୀଳଗିରିରେ ବିଶ୍ୱ ଏଡ଼ସ୍ ସଚେତନତା ଦିବସ ପାଳିତ

ନୀଳଗିରି, ୦୧/୧୧ (ନି.ପ୍ର): ବିଶ୍ୱ ଏଡ଼ସ ଦିବସ ଉପଲକ୍ଷେ ନୀଳଗିରିରେ ବିଭିନ୍ନ ସ୍ଥାନରେ ଏଡ଼ସ ଦିବସ ପାଳିତ ହୋଇଯାଇଛି । ଏଡ଼ସକୁ ଚିହ୍ନନ୍ତୁ ଏବଂ ଏଡ଼ସ ଠାରୁ ଦୂରେଇ ରୁହନ୍ତୁ । ଏଡ଼ସ ହଟାଅ ଦେଶ ବଂଚାଅ ଭଳି ବିଭିନ୍ନ ସ୍ଲୋଗାନ ଦେଇ ନୀଳଗିରରି ମହିଳା ମହାବିଦ୍ୟାଳୟର ହଜାର ହଜାର ଛାତ୍ରୀ ସହର ପରିକ୍ରମା କରି ସଚେତନତାର ବାର୍ତ୍ତ ଦେଇଥିଲେ । ମହିଳା ମହାବିଦ୍ୟାଳୟର ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ । ସହରର ବସ୍‌ଷ୍ଟାଣ୍ଡ, ଡାକ୍ତରଖାନା, ସହରର ମୁଖ୍ୟସ୍ଥାନମାନଙ୍କରେ ପରିକ୍ରମା କରି ଜନସଚେତନତା ସୃଷ୍ଟି ପାଇଁ ସ୍ଲୋଗାନ ଦେଇଥିଲେ । ସେହିପରି ନୀଳଗିରି କଲେଜରେ ମଧ୍ୟ ବିଶ୍ୱ ଏଡ଼ସ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ଉଭୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ବହୁ ଅଧ୍ୟାପକ , ଅଧ୍ୟାପିକା ସହଯୋଗ କରିଥିଲେ ।

## ଜୋର ଧରିଲା ସ୍ୱତନ୍ତ୍ର ମୟୁରଭଂଜ ରାଜ୍ୟ ଗଠନ ଦାବି



ବାରିପଦା, ୦୧/୧୧ (ନି.ପ୍ର): ମୟୁରଭଂଜ ଗଡଜାତ ରାଜ୍ୟ ସ୍ୱାଧୀନତା ପରେ ୧୯୪୮ ମସିହା ନଭେମ୍ବର ମାସ ୨ ତାରିଖରେ 'ମିଶ୍ରଣ ଚୁକ୍ତି' ଅନୁଯାୟୀ ଭାରତବର୍ଷ ଅଧୀନକୁ ଆସିଥିଲା ଏବଂ ଏହାପରେ ୧୯୪୯ ମସିହା ଜାନୁୟାରୀ ୧ ତାରିଖରେ ଭାରତ ସରକାର ଓଡିଶା ରାଜ୍ୟକୁ ମୟୁରଭଂଜର ଶାସନଭାର ହସ୍ତାନ୍ତର କଲେ । ମୟୁରଭଂଜ ମିଶ୍ରଣ ଚୁକ୍ତି କୁ ୭୪ ବର୍ଷ ପୂର୍ତି ହେବାକୁ ଯାଉଥିବା ବେଳେ, ଦେଶର ବିଭିନ୍ନ ଅଂଚଳର ବିକାଶ ପ୍ରକ୍ରିୟା ଆଗେଇଥିବା ବେଳେ ମୟୁରଭଂଜର ବିକାଶ ପ୍ରକ୍ରିୟା ବାଟବଣା ହୋଇଯାଇଛି ଏବଂ ମିଶ୍ରଣ ପରଠାରୁ କ୍ରମାଗତ ଭାବେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବହେଳାର ଶିକାର ହୋଇ ଦିନେ ସମୃଦ୍ଧ ଗଡଜାତ ରାଜ୍ୟ ଥିବା ମୟୁରଭଂଜ ଆଜି ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, କୃଷି, ପର୍ଯ୍ୟଟନ ସ୍ଥଳୀର ବିକାଶ, ଜଳ ସେଚନ, ବାଣିଜ୍ୟ ବ୍ୟବସାୟ, ଶିଳ୍ପ ଆଦି ସବୁ କ୍ଷେତ୍ରରେ ପଛୁଆ ରହିଥିବା ଭଂଜସେନା ସଂଗଠନ ପକ୍ଷରୁ ଅଭିଯୋଗ ଆଣିବା ସହିତ ବର୍ତମାନ ମୟୁରଭଂଜର କିଛି କିଛି ଅଂଚଳରେ ନୂତନ ଜିଲ୍ଲା ଗଠନ କରିବା ପାଇଁ ଦାବୀ ହେଉଥିବା ବେଳେ ଆଉ କିଛି ସଂଗଠନ ମୟୁରଭଂଜକୁ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବା ପାଇଁ ଦାବୀ କରୁଥିବା ପରିପ୍ରେକ୍ଷୀରେ ଆଜି ଭଂଜସେନା ସଂଗଠନ ପକ୍ଷରୁ ପ୍ରତିଷ୍ଠାତା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆବାହକତ୍ୱରେ ଏକ ଜରୁରୀ କାଳୀନ ବୈଠକ ବାରିପଦା ଦିବ୍ୟା ପେଲେସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ମୟୂରଭଂଜକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ, ମୟୁରଭଂଜର ଚାରିଗୋଟି ଉପଖଣ୍ଡ କୁ ୪ ଟି ନୂତନ ଜିଲ୍ଲା ଗଠନ କରାଯିବା, ଉଦଳା ଓ କରଂଜିଆ ଏନଏସିକୁ ମ୍ୟୁନିସିପାଲିଟିର ମାନ୍ୟତା ପ୍ରଦାନ, ଯଶିପୁର ଓ ବେତନଟୀ କୁ ନୂତନ ଭାବେ ଏନଏସି ମାନ୍ୟତା ପ୍ରଦାନ ଆଦି ଦାବୀରେ ମହାମହିମ ରାଷ୍ଟ୍ରପତି ଙ୍କୁ ଏବଂ ଜିଲ୍ଲା ପ୍ରଶାସନ ମାଧମରେ ଉଭୟ ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରାଯିବା, ମୟୁରଭଂଜ ପ୍ରତି ହୋଇଆସୁଥିବା ଅବହେଳା ଗୁଡିକୁ ସାଧାରଣ ଜନତାଙ୍କୁ ଅବଗତ କରେଇ ସମୃଦ୍ଧଶାଳୀ ମୟୁରଭଂଜ ରାଜ୍ୟ ଫେରାଇ ଆଣିବା ପାଇଁ ସାରା ଜିଲ୍ଲାରେ ପଦଯାତ୍ରା କରାଯିବା ସହ ଭଂଜସେନାର ପ୍ରତିଷ୍ଠା ଦିବସ ଦିନ ବାରିପଦା ଛଉ ପଡ଼ିଆ ଠାରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବ ବୋଲି ଭଂଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଜଣାଇଅଛନ୍ତି । ଏହି ବୈଠକରେ ଉପାଧକ୍ଷ ନିମାଇଁ ତ୍ରିପାଠୀ, ଜିତେନ୍ଦ୍ର ହେମ୍ବ୍ରମ, ଲାଲବାହାଦୁର ମହାନ୍ତି, ଜିଲ୍ଲା ସଭାପତି ପିଣ୍ଟୁ ମାଇତି,, ଜିଲ୍ଲା ଓବିସି ଶାଖା ସଭାପତି ରାକେଶ ବେହେରା, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ଜିଲ୍ଲା ଉପସଭାପତି ସନ୍ତୋଷ ଗିରି, ରାକେଶ ମହାନ୍ତି, ବିଜୁ ସିଂ, ପ୍ରଶାନ୍ତ ମହାକୁଡ଼, ଜିଲ୍ଲା ଯୁବଶାଖା ସଭାପତି ସୌମ୍ୟରଂଜନ ମିଶ୍ର, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଞ୍ଜନ ପୃଷ୍ଟି ପ୍ରମୁଖଙ୍କ ସହିତ ଜିଲ୍ଲା, ତଥା ସମସ୍ତ ଉପଖଣ୍ଡ କମିଟିର ବହୁ କର୍ମକର୍ତା ମାନେ ଉପସ୍ଥିତ ଥିଲେ ।


Government of India
Azadi Ka Amrit Mahotsav
G20



ଆମର ଦିବ୍ୟାଙ୍ଗ ଭଉଣୀ ଏବଂ ଭାଇମାନଙ୍କ ପାଇଁ ଏକ ସମ୍ମିଳିତ, ସୁଗମ ତଥା ସମାନ ଭବିଷ୍ୟତ ସୁନିଶ୍ଚିତ କରିବା ଦିଗରେ ଆମେ ନିରନ୍ତର କାର୍ଯ୍ୟ କରୁଛୁ ।
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ସମାଜିକ ଅଧିକାରିତା
ଶିବିର ମାଧ୍ୟମରେ ସଶକ୍ତିକରଣ
ADIP ସ୍କିମ୍ ଅନ୍ତର୍ଗତ
ଦିବ୍ୟାଙ୍ଗଜନଙ୍କୁ ସହାୟକ ଉପକରଣ ବଣ୍ଟନ

ବାଲେଶ୍ୱରରେ ୧୯୭୧ ହିତାଧିକାରୀ ଏବଂ କେନ୍ଦ୍ରାପଡ଼ାରେ ୧୩୬୫ ହିତାଧିକାରୀଙ୍କୁ ସହାୟକ ଉପକରଣଗୁଡ଼ିକର ମାଗଣା ବଣ୍ଟନ
ମୋଟ ମୂଲ୍ୟ ଭାରତ ସରକାର ବହନ କରୁଛନ୍ତି
ଶିବିରରେ ନୂତନ ହିତାଧିକାରୀଙ୍କ ପାଇଁ ପଞ୍ଜିକରଣର ସୁବିଧା ମଧ୍ୟ ଉପଲବ୍ଧ

୦୨ ଡିସେମ୍ବର, ୨୦୨୨ । ୧.୦୦ଟାରେ
ଗାନ୍ଧିସ୍ମୃତି ଭବନ
ବାଲେଶ୍ୱର

୦୩ ଡିସେମ୍ବର, ୨୦୨୨ । ୯.୩୦ରେ
ଏମ.ଏନ. ଉଚ୍ଚ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ,
କେନ୍ଦ୍ରାପଡ଼ା

ମୁଖ୍ୟ ଅତିଥି
ଏ. ନାରାୟଣସ୍ୱାମୀ
ରାଜ୍ୟ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ, ଭାରତ ସରକାର

ଅଧ୍ୟକ୍ଷତା
ପ୍ରତାପ ଚନ୍ଦ୍ର ଷଡଙ୍ଗୀ
ସାଂସଦ (ଲୋକସଭା), ବାଲେଶ୍ୱର

ଅନୁଭବ ମହାନ୍ତି
ସାଂସଦ (ଲୋକସଭା), କେନ୍ଦ୍ରାପଡା

ଦିବ୍ୟାଙ୍କଜନଙ୍କ ଜୀବନକୁ ପରିବର୍ତ୍ତନ କରିବା
ଏପର୍ଯ୍ୟନ୍ତ ୧୨ ହଜାର ଶିବିର ସଂଗଠିତ
୨୩.୩୦ ଲକ୍ଷ ହିତାଧିକାରୀଙ୍କୁ ସହାୟତା ଏବଂ ସହାୟକ ଉପକରଣ ବଣ୍ଟନ, ୩୪ ହଜାର ଦିବ୍ୟାଙ୍ଗଜନ ମୋଟର ଚାଳିତ ଟ୍ରାଇସାଇକେଲ ଦ୍ୱାରା ଉପକୃତ ହୋଇଥିଲେ ।
୪ ହଜାରରୁ ଅଧିକ କୋକ୍ଲିୟର ପ୍ରତିରୋପଣ ଅସ୍ତ୍ରୋପଚାର ।

CBC38117/13/0044/2223

ଅର୍ଜୁନ ପୋର୍ଟାଲରେ ସହାୟକ ଉପକରଣଗୁଡ଼ିକ ପାଇଁ ଦିବ୍ୟାଙ୍ଗମାନେ ସିଧାସଳଖ ଆବେଦନ କରିପାରିବେ: adip.disabilityaffairs.gov.in


## ଶାନ୍ତିଲତା ମହାବିଦ୍ୟାଳୟରେ ବିଶ୍ୱ ଏଡ଼ସ ଦିବସ ପାଳିତ

ବସ୍ତା, ୦୧/୧୧ (ନି.ପ୍ର): ସଦର ବ୍ଲକ ଅଧିନସ୍ଥ ଉଇଟିକିରି ସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟ ରେ ଆଜି ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ତରଫରୁ ବିଶ୍ୱ ଏଡ଼ସ ଦିବସ ପାଳନ କରାଯାଇଛି । ଏଥିରେ ମହାବିଦ୍ୟାଳୟ ର ଅଧକ୍ଷ ମନୋରଞ୍ଜନ ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ବକ୍ତା ଭାବେ ରୂପସା ସ୍ୱାସ୍ଥ୍ୟ କେନ୍ଦ୍ର ର ଆୟୁଷ ବିଭାଗର ଡାକ୍ତର ଅସିତ୍ କୁମାର ପ୍ରଧାନ ଯୋଗ ଦେଇଥିଲେ । ସେ ଏଡ଼ସ ରୋଗ ସମ୍ପର୍କ ରେ ସବିଶେଷ ଆଲୋଚନା କରି ଛାତ୍ର ଛାତ୍ରୀ ମାନଙ୍କ ଭିତରେ ସଚେତନାତା ସୃଷ୍ଟି କରାଇ ଥିଲେ । ଉକ୍ତ ସଭାରେ ଅଧାପକ ମାନସ ଦତ୍ତ , ଦୁର୍ଗା ମାରାଣ୍ଡି , ସପନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଭୋଳ, ତଥା ଅଧାପିକା , କର୍ମଚାରୀ କାହ୍ନୁଚରଣ ପତି, ସୋନ୍ତୋଷ ପଣ୍ଡା , ଓ ପୂର୍ଣ୍ଣ ଦାସ ପ୍ରମୁଖ ସମ୍ପୂର୍ଣ୍ଣ ସହୋଜୋଗ କରିଥିଲେ ।ସଭା କାର୍ଯ୍ୟରେ ଯୁବରେଡକ୍ରସର ଅଧାପିକା ମମତା ସାହୁ , ଓ ଜାତୀୟ ସେବା ଯୋଜନା ର ପଗରାମ ଅଫିସର ଜେମାମଣି ସାହୁ ଏଡ଼ସ ସମ୍ପର୍କିତ ସଚେତନା ବାର୍ତ୍ତା ଉପସ୍ଥାନ କରିଥିଲେ । ଯେମାମଣି ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ସଭା ଶେଷରେ କଲେଜ ର ଛାତ୍ର ଛାତ୍ରୀ ଗଣ ଏଡ଼ସ ସଚେତନା ସୃଷ୍ଟି କରିବା ନିମନ୍ତେ ମହାବିଦ୍ୟାଳୟ ରୁ ମଛଡ଼ିହକ୍ଷ ଗ୍ରାମ ପର୍ଯ୍ୟନ୍ତ ପ୍ରଚାର ଉଦେଶ୍ୱରେ ମାଇକ ଯୋଗେ ଲୋକ ମାନଙ୍କୁ ବୁଝାଇଥିଲେ ।

## ରାଜ୍ୟରେ ବଢୁଥିବା ଗୋ ଚାଲାଣକୁ ନେଇ ବିଧାନସଭାରେ ଉଦ୍‌ବେଗ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ରାଜ୍ୟରେ ଲଗାତାର ଭାବେ ବଢୁଥିବା ଗୋଚାଲାଣକୁ ନେଇ ବିଜେପି ଦଳର ମୁଖ୍ୟ ସଚେତକ ମୋହନ ମାଝୀ ବିଧାନସଭାରେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ସେ ରାଜ୍ୟ ସରକାରଙ୍କୁ ଏହାକୁ ରୋକିବାକୁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ଶୂନ୍ୟକାଳରେ ସେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମ ବଙ୍ଗକୁ ପ୍ରତିଦିନ ଜାତୀୟ ରାଜପଥ ଦେଇ ଗୋ ଚାଲାଣ ହେଉଛି । ହେଲେ ସରକାର ଏହାକୁ ରୋକିବାକୁ କୌଣସି ଠୋସ ପଦକ୍ଷେପ ନେଉ ନାହାନ୍ତି । ଓଡିଶାର ଲୋକ ମାନେ ଗାଇକୁ ମା ବୋଲି ମନେ କରି ପୂଜା କରନ୍ତି । ତେଣୁ ଗାଈ ଲୋକଙ୍କ ସହିତ ଧାର୍ମିକ ଓ ସାଂସ୍କୃତିକ ଭାବେ ଜଡିତ । ହେଲେ ଏହା ସତ୍ତ୍ୱେ ରାଜ୍ୟରୁ ରାଜ୍ୟ ବାହାରକୁ ଅବାଧରେ ଗୋଚାଲାଣ ଚାଲିଛି । ତେଣୁ ଏହାକୁ ରୋକିବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି ।

## ଧର୍ମପ୍ରାଣ ମହିଳା ସ୍ମୃତିରେଖା ସାହୁଙ୍କ ଦେହାନ୍ତ



ଆରଡି, ୦୧/୧୧ (ନି.ପ୍ର): ଆଧାତ୍ମବାଦୀ, ଗଭୀର ବିଶ୍ୱାସୀ ଧର୍ମ ପ୍ରାଣ ମହିଳା ସ୍ମୃତିରେଖା ସାହୁଙ୍କ ୫୨ବର୍ଷ ବୟସ୍କରେ ଆକସ୍ମିକ ଭାବେ ଦେହାନ୍ତ ହୋଇଛି। ସ୍ୱର୍ଗତ ସାହୁ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁଙ୍କ ଧର୍ମପତ୍ନୀ ତଥା ଦୁଇ ଦଶନ୍ଧିରୁ ଉର୍ଦ୍ଧ ସମୟ ଧରି ଶ୍ରୀଜଗନ୍ନାଥ ପ୍ରଚାର ସମିତିର କାର୍ଯ୍ୟ କରିଆସୁଛନ୍ତି। ସ୍ୱର୍ଗତ ସାହୁ ଜଣେ ମିଷ୍ଟଭାଷୀ, ମେଳାପି, ପରଉପକାରୀ ଓ ପ୍ରକୃତିପ୍ରେମୀ ଥିଲେ। ତାଙ୍କ ବିୟୋଗରେ ତାଙ୍କ ପରିବାର ପ୍ରଚାର ସମିତିର ସେବକ ଓ ସେବିକା ଥିଲେ ତାଙ୍କ ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି। ପ୍ରଚାର ସମିତି ପକ୍ଷରୁ ସେବକ ଲକ୍ଷ୍ମୀଧର ଖଟୁଆ, ସମିତିର ପ୍ରବଚିକା ତପସ୍ୱନୀ ପାଢ଼ୀ, ସୁଧାକର ଧଳ, ସଂକୀର୍ତ୍ତନ ମଣ୍ଡଳୀର ସଂପାଦକ କମଳାକାନ୍ତ ମଲ୍ଲିକ, ସୁରେନ୍ଦ୍ର କୁମାର ସାହୁ, ସର୍ବେଶ୍ୱର ନାୟକ ପ୍ରମୁଖ ବହୁ ସେବକସେବିକା ତାଙ୍କ ଗୁଜିଦରଡା ସ୍ଥିତ ଶ୍ରୀମତୀନିଧି ଓ ବିଘ୍ନେଶ୍ୱର ସାହୁ ବାସଭବନରେ ତାଙ୍କ ମରଶରୀରରେ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ସାହୁ ହୃଦରୋଗ, ବହୁମୂତ୍ରରେ ଚିକିତ୍ସିତ ହେଉଥିଲେ। ତାଙ୍କର ଜ୍ୟେଷ୍ଠ ପୁତ୍ର ପ୍ରଭୁଭକ୍ତ ସାହୁ ମୁଖାଗ୍ନି ଦେଇଥିଲେ।

## ଓଡିଶା ମୋ ପରିବାର ସହଯୋଗରେ ଆମ୍ବୁଲାନ୍ସରେ ଶବ ନେଲେ ପରିବାର ଲୋକେ



ବାରିପଦା, ୦୧/୧୧ (ନି.ପ୍ର): ମୟୂରଭଂଜ ଜିଲ୍ଲା ବାଦାମପାହାଡ ଥାନା ଅନ୍ତର୍ଗତ ଭୂୟାଁବସା ଗ୍ରାମର ଚେମଟୁ ଦେହୁରୀଙ୍କ ସ୍ତ୍ରୀ ସୁନା ମଣି ଦେହୁରୀ (୪୫) କୌଣସି କାରଣରୁ ନିଆଁରେ ପଡି ହୋଇ ବାରିପଦା ପିଆରଏମ ମେଡିକାଲ କଲେଜରେ ଚିକିତ୍ସିତ ହେବା ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ତେବେ ସ୍ତ୍ରୀଙ୍କ ମୃତ୍ୟୁପରେ ଚେମଟୁ ଦେହୁରୀଙ୍କ ପାଖରେ ସ୍ତ୍ରୀଙ୍କ ଶବକୁ ଘରକୁ ନେବା ନିମନ୍ତେ ସମ୍ବଳ ନଥିବାରୁ ଏବଂ ସରକାରୀ ସହାୟତା ବାବଦରେ ସେ ଜାଣି ନଥିବାରୁ ଦୀର୍ଘ ସମୟ ଧରି ପାରି ଚୁପ ଚାପ ବସିରହିଥିଲେ । ଘଟଣା ଟି ଓଡ଼ିଶା ମୋ ପରିବାର ପିଆରଏମ ମେଡିକାଲ କଲେଜ ଓ ହସପିଟାଲ ସଂଯୋଜକ ଆଶିଷ ରଣା ଜାଣି ପାରି ହସପିଟାଲ ଫାଣ୍ଡି ଏବଂ ଡ଼ାକ୍ତରଙ୍କ ସହିତ ଯୋଗାଯୋଗ କରି ଶବ ବ୍ୟବଚ୍ଛେଦ କାର୍ଯ୍ୟ ଶେଷ କରି, ଗୋଟିଏ ସରକାରୀ ଆମ୍ବୁଲାନ୍ସରେ ଶବକୁ ଘରକୁ ପଠେଇଥିଲେ । ଓଡ଼ିଶା ମୋ ପରିବାର ତରଫରୁ କିଛି ଶୁଖିଲା ଖାଦ୍ୟ, ପାଣି ଏବଂ କିଛି ଅର୍ଥ ଯୋଗାଇ ଦେଇଥିଲେ । ଏହି ମହତ କାର୍ଯ୍ୟକୁ ତାଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ତରଫରୁ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓ ଓଡ଼ିଶା ମୋ ପରିବାରକୁ କୃତଜ୍ଞତା ଜଣାଇଛନ୍ତି ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ବିଶ୍ୱ ଏଡସ ଦିବସ

ବାଲେଶ୍ୱର, ୦୧/୧୧ (ନି.ପ୍ର): ବାଲେଶ୍ୱର ଜିଲା ଏଡସ ପ୍ରତିଷେଧକ ଓ ନିୟନ୍ତ୍ରଣ ୟୁନିଟ ଆନୁକୂଲ୍ୟରେ ଜିଲାସ୍ତରୀୟ ବିଶ୍ୱ ଏଡସ୍ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଜନସ୍ୱାସ୍ଥ୍ୟ ତଥା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳସେନ ଜଗଦ୍ଦେବ ଏଥିରେ ଅଧ୍ୟକ୍ଷତା କରିବା ସହ ଏଡସର ପ୍ରତିଷେଧକ ଓ ଚଳିତ ବର୍ଷର ବାର୍ତ୍ତା "ସମାନତା" ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଡସ୍ ରୋଗର ଭୟାବହତା ଏବଂ ଚଳିତ ବର୍ଷର ବାର୍ତ୍ତାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମାଜରେ ଏଡସ ରୋଗୀଙ୍କ ପ୍ରତି ଯେମିତି କେହି ଅସୂୟା ଭାବ ପ୍ରଦର୍ଶନ ନ କରନ୍ତି ଓ ସମସ୍ତଙ୍କୁ ଉଚିତ ଚିକିତ୍ସା ପ୍ରଦାନ ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ବୋଲି ସେ ମତବ୍ୟକ୍ତ କରିଥିଲେ। କୌଣସି ଭେଦଭାବ ବିନା ସମସ୍ତଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇଦେବା ଭଳି ସାମୂହିକ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବାକୁ ଜିଲାପାଳ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ଅଧିକାରୀ ଅନୀଲ କୁମାର ମହାନ୍ତି ପ୍ରମୁଖ ଏଡସ୍ ରୋଗର ଚିକିତ୍ସା, ପ୍ରତିଷେଧକ ବ୍ୟବସ୍ଥା ଏବଂ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଏଡସ୍ ପ୍ରତିକାର ଓ ନିୟନ୍ତ୍ରଣ ଜିଲ୍ଲା ନୋଡାଲ୍ ଅଧିକାରୀ ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ ପ୍ରାରମ୍ଭିକ ସୂଚନା ଜିଲ୍ଲାରେ ଏଡସ୍ ରୋଗୀଙ୍କ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।୨୦୦୩ ମସିହାରୁ ୨୦୨୨ ଅକ୍ଟୋବର ମାସ ଶେଷ ସୁଦ୍ଧା ବାଲେଶ୍ୱର ଜିଲାରେ ଚିହ୍ନଟ ୧୯୧୦ଏଚଆଇଭି ପଜିଟିଭଙ୍କ ମଧ୍ୟରୁ ୧୨୭ଜଣ ଗର୍ଭବତୀ ମହିଳା ଆକ୍ରାନ୍ତ ଅଛନ୍ତି। ଇତି ମଧ୍ୟରେ ମୋଟ ୪୨୫ଜଣ ରୋଗୀଙ୍କର ମୃତ୍ୟୁ ହୋଇଥିବା ସେ ସୂଚନା ଦେଇଥିଲେ। ପୂର୍ବରୁ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଏଥିରେ ପୁରସ୍କୃତ କରିଥିଲେ। ଏହି ଅବସରରେ ଏଡସ ସଚେତନତା ବାର୍ତ୍ତା ଆଧାରିତ ରଙ୍ଗୋଲୀ ପ୍ରତିଯୋଗିତା ଏବଂ ସିଡବ୍ଲ୍ୟୁଏସଡି ଷ୍ଟାଫମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ୭ରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଘେରିବ ମିଳିତ ଶ୍ରମିକ ସଂଘ

ବାଲେଶ୍ୱର, ୦୧/୧୧ (ନି.ପ୍ର): ଜିଲାର କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ଆହ୍ୱାନ କ୍ରମେ ଜିଲାର ନିର୍ମାଣ ଶ୍ରମିକମାନେ ଆସନ୍ତା ୭ ତାରିଖ ଶ୍ରମ ଅଫିସ ଘେରାଉ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ତଥା ଶ୍ରମିକନେତା ପ୍ରଦୀପ୍ତ ପଣ୍ଡା ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କ ଦାବି ଓ ପ୍ରସ୍ତାବିତ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଥିଲେ। ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ ସମିତିର ଆବାହକ ବିଜୟ ପାତ୍ରଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ପାତ୍ର, ପ୍ରଶାନ୍ତ କୁମାର ପରିଡ଼ା, ସଞ୍ଜୟ କୁମାର ପାଣିଗ୍ରାହୀ, ପିତାମ୍ବର ମାଝୀ, ଶଶିକାନ୍ତ ବେହେରା, ବିକାଶ କୁମାର ଦାସ, ଗୋପାଳକୃଷ୍ଣ ନାୟକ, ହରିଶ୍ଚନ୍ଦ୍ର ପାତ୍ର, ସଞ୍ଜୟ କୁମାର ସାମଲ ଓ ଗଦାଧର ପ୍ରଧାନ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଜିଲା ଶ୍ରମ କାର୍ଯ୍ୟାଳୟର ଅବ୍ୟବସ୍ଥାକୁ ନେଇ ଉଦବେଗ ପ୍ରକାଶ କରିଥିଷଲ। ବିଶେଷ କରି ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ପଞ୍ଜୀକରଣ ଓ ସହାୟତା ଅର୍ଥ ପ୍ରଦାନରେ ଶ୍ରମ କାର୍ଯ୍ୟାଳୟର ଚରମ ଅବହେଳାକୁ ଏହି ବୈଠକରେ ନିନ୍ଦା କରାଯାଇଛି। ଅନ୍‌ଲାଇନ୍‌ର ଜଟିଳ ପ୍ରକ୍ରିୟାରେ ପଞ୍ଜୀକରଣ, ନବୀକରଣ ଓ ସହାୟତା ପାଇଁ ଆବେଦନକୁ ସାଧାରଣ ଶ୍ରମିକମାନେ ଗ୍ରହଣ କରିପାରୁ ନାହାନ୍ତି। ଏହାକୁ ସରଳୀକରଣ ପାଇଁ ଦାବି କରାଯାଇଛି। ଶ୍ରମ ଦପ୍ତରର ତ୍ରୁଟିପାଇଁ ପ୍ରାୟ ଦଶହଜାରରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ଅଦ୍ୟାବଧି ସେମାନଙ୍କ ସହାୟତା ଅର୍ଥ ପାଇପାରିନାହାନ୍ତି। ଶ୍ରମିକମାନେ ଆବେଦନ କଲେ ମଧ ଏହି ଅର୍ଥ ଦୀର୍ଘ ୨ବର୍ଷ ଧରି ସେମାନଙ୍କୁ ପ୍ରଦାନ କରାଯାଉନାହିଁ। ଶ୍ରମ ଅଫିସ୍‌ରେ ବ୍ୟାପକ ହେରଫେର ହେଉଥିବାର ବହୁ ଶ୍ରମିକନେତା ଅଭିଯୋଗ କରିଥିଲେ। ଏନେଇ ଆସନ୍ତା ୭ ତାରିଖ ବୁଧବାର ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ଦିନ ୧୦ଟାବେଳେ ବାଲେଶ୍ୱର ରେଳଷ୍ଟେସନରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଜିଲା ଶ୍ରମଦପ୍ତର ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ। ଜିଲା ଶ୍ରମ ଅଫିସରଙ୍କ ଜରିଆରେ ଶ୍ରମ କମିଶନଙ୍କୁ ଦାବିପତ୍ର ପ୍ରଦାନ କରାଯିବ।

# ଜ୍ଞାନଶ୍ରୀ କଳା ପ୍ରତିଭା ସମ୍ଭାବନା ୨୦୨୨ ପ୍ରତିଯୋଗିତା



ବାଲେଶ୍ୱର, ୦୧/୧୧ (ନି.ପ୍ର): ବାଲେଶ୍ୱର ତଥା ଓଡିଶା ମାଟିର ବିଭିନ୍ନ ଲୁକ୍କାୟିତ କଳା ପ୍ରତିଭାଧାରୀ ମାନଙ୍କୁ ଚୟନ କରାଯାଇ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଉତ୍ସବ ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ ୨୦୨୨ ରେ ସମ୍ବର୍ଦ୍ଧିତ କରିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ସଂଗଠନ ଜ୍ଞାନଶ୍ରୀ ଆନୁକୂଲ୍ୟରେ ଆସନ୍ତା ୧୧ତାରିଖ ରବିବାର ଦିନ ବାଲେଶ୍ୱର ବସ ଷ୍ଟାଣ୍ଡ ନିକଟସ୍ଥ ନୃତ୍ୟଭିତିକ ଅନୁଷ୍ଠାନ ନାଚ୍ ପରିସରରେ ଏକ କଳା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଜ୍ଞାନଶ୍ରୀ କଳା ସମ୍ଭାବନା ୨୦୨୨ ଆୟୋଜନ କରାଯିବାକୁ ସଂଗଠନ ପକ୍ଷରୁ ଜ୍ଞାନଶ୍ରୀରେ ଆୟୋଜିତ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ଏହି ପ୍ରତିଯୋଗିତା ଶାସ୍ତ୍ରୀୟ ନୃତ୍ୟ, ଆଧୁନିକ ନୃତ୍ୟ, କଣ୍ଠ ସଂଗୀତ, ଚିତ୍ରାଙ୍କନ ରେ ଦୁଇଟି ବିଭାଗ ଯଥା କନିଷ୍ଠ ବିଭାଗ ବୟସ ୧୦-୧୫ ଏବଂ ବରିଷ୍ଠ ବିଭାଗ ବୟସ୧୬-୨୨ ର ପିଲାମାନଙ୍କୁ ନେଇ ଅନିଷ୍ଠିତ ହେବ। ପ୍ରତିଯୋଗିତାରେ ଭାଗନେବାକୁ ଥିବା ପିଲାମାନେ ଆସନ୍ତା ୦୮ ତାରିଖ ମଧରେ ସୋମବାର ରୁ ଶୁକ୍ରବାର ଦିନ ୧୦ରୁ ୧୨ଟା ମଧରେ ନାଚ୍ ଅଫିସରେ ବା ମୋବାଇଲ ନଂ ୯୯୩୭୪୦୩୪୮କୁ କଲ୍ କରି ନିଜର ପଞ୍ଜିକରଣ କରିପାରିବେ। କୃତି ପ୍ରତିଯୋଗୀମାନଙ୍କୁ ଆୟୋଜିତ ହେବାକୁଥିବା ପ୍ରତିଭା ସମ୍ମାନ ଉତ୍ସବରେ ନିଜର ପ୍ରତିଭା ପ୍ରଦର୍ଶନ ନିମନ୍ତେ ସୁଯୋଗ ମଧ ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି।

# ଭୁବନେଶ୍ୱର-କୋଣାର୍କ ମୋ ବସ୍ ସେବାର ଶୁଭାରମ୍ଭ କଲେ କ୍ରୀଡା ମନ୍ତ୍ରୀ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ଭୁବନେଶ୍ୱରଠାରୁ କୋଣାର୍କ ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ଗମନାଗମନ ସୁବିଧା ପାଇଁ ୭୧ ନମ୍ବର ରୁଟ୍ ରେ ପୁଣି ଆରମ୍ଭ ହୋଇଥିବା 'ମୋ ବସ୍' ସେବାକୁ ଇଲୋକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା, ଗୃହ(ରାଷ୍ଟ୍ର) ମନ୍ତ୍ରୀ ତୁଷାରକାନ୍ତି ବେହେରା ଶୁଭାରମ୍ଭ କରିଛନ୍ତି। ପୁରୀ ଜିଲ୍ଲାରେ କୋଣାର୍କ, ଜାହାନିଆ, ଅସ୍ତରଙ୍ଗ ଆଦି ଅନେକ ପର୍ଯ୍ୟଟନ ସ୍ଥଳୀ ରହିଛି। ଆଜିଠାରୁ କୋଣାର୍କ ମହୋତ୍ସବ ଓ ବାଲୁକାକଳା ଉତ୍ସବ ଆରମ୍ଭ ହେଉଛି। ରାଜଧାନୀ ଭୁବନେଶ୍ୱରଠାରେ ଗତକାଲିଠାରୁ ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ ଆରମ୍ଭ ହୋଇଛି। ଏଥିପାଇଁ ଦେଶବିଦେଶରୁ ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନ ଓଡ଼ିଶା ଆସିଛନ୍ତି। ବର୍ତ୍ତମାନ ଓଡ଼ିଶା ପୁଞ୍ଜିନିବେଶ ତଥା ପର୍ଯ୍ୟଟନ କ୍ଷେତ୍ରରେ ବହୁ ଅଗ୍ରଗତି କରିଛି। ବିଭିନ୍ନ ସ୍ଥାନରେ ପର୍ଯ୍ୟଟନ ଲାଗି ଇକୋରିଟ୍ରିଟ୍ ଆରମ୍ଭ ହୋଇଛି। ପୂର୍ବରୁ କୋଣାର୍କକୁ ୭୧ ଏବଂ ୭୨ ରୁଟ୍ ରେ ମୋ ବସ୍ ସେବା ରହିଥିଲା। ତେବେ କିଛି କାରଣ ବଶତଃ ୭୧ ନମ୍ବର ରୁଟ୍ ରେ ବନ୍ଦ ଥିବା ମୋ ବସ୍ ସେବାକୁ ଆଜିଠୁ ପୁଣିଥରେ ଆରମ୍ଭ କରାଯାଇଛି। ଏହି ସେବା ପୁନଃକାର୍ଯ୍ୟକାରୀ କରିବା ନେଇ ମନ୍ତ୍ରୀ ଶ୍ରୀ ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରୟାସ ଆରମ୍ଭ ହୋଇଥିଲା।

# ନହଙ୍ଗ ମହିଳା ବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ ପାଳିତ




ଖଇରା, ୦୧/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ୟୁଥ୍ ରେଡ କ୍ରସ ଏବଂ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇ ଯାଇଛି।କାର୍ଯ୍ୟକ୍ରମ ପରିଚାଳିକା ଅଳକାନନ୍ଦା ସାହୁଙ୍କ ନିର୍ଦ୍ଦେଶକ୍ରମର ଅଧ୍ୟାପିକା ଜ୍ୟୋତ୍ସ୍ନାବାଳା ଦାସଙ୍କ ନେତୃତ୍ୱରେ ଏକ ସଚେତନତା ରାଲି ସୋର-କୁପାରୀ ରାସ୍ତା ଏବଂ ନହଙ୍ଗ ଗ୍ରାମ ପରିକ୍ରମା ପରେ ବିଦ୍ୟାଳୟ ପରିସରରେ ପହଞ୍ଚିଥିଲା। ଛାତ୍ରୀଙ୍କ ମଧ୍ୟରେ ବୁଦ୍ଧି ପରୀକ୍ଷା ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ପରେ ଅଧ୍ୟକ୍ଷା ଅନିତାରାଣୀ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ସଚେତନତା ସଭାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏଡ୍‌ସ କାଉନସେଲର ରୋଜାଲିନ ସ୍ୱାଇଁ, ଆୟୁସ ଡାକ୍ତର ସଞ୍ଜିବା ବିଶ୍ୱାଳ, ଅଧ୍ୟାପିକା ସୁଲୋଚନା ଦାସ,ଖେଳଶିକ୍ଷକ ଗାୟତ୍ରୀ ଦାସ, ରମା ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବାବସ୍ଥାରେ ସଞ୍ଜମତା ଆଚରଣ ନକଲେ ଭତାଣୁ ସଂକ୍ରମଣ ହେବାର ଅଧୀକ ସମ୍ଭାବନା ଥିବାରୁ ଏଥିପ୍ରତି ଯୁବଗୋଷ୍ଠୀ ଅଧୀକ ସତର୍କତା ଅବଲମ୍ବନ କରିବା ଜରୁରୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପନା ମଣ୍ଡଳୀ ଓ କର୍ମଚାରୀ ଦିବସ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେପିରେ ଯୋଗ ଦେଲେ ପୂର୍ବତନ ସାଂସଦ ସଞ୍ଜୟ ଭୋଇ

ପଦ୍ମପୁର/ଭୁବନେଶ୍ୱର, ୦୧/୧୧ (ନି.ପ୍ର): ପୂର୍ବତନ ସାଂସଦ ସଞ୍ଜୟ ଭୋଇ ଗୁରୁବାର କଂଗ୍ରେସ ଛାଡି ବିଜେପିରେ ଯୋଗ ଦେଇଛନ୍ତି। ପଦ୍ମପୁରରେ ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ବରଗଡ ସାଂସଦ ସୁରେଶ ପୂଜାରୀ ଏବଂ ବିରୋଧୀ ଦଳର ନେତା ଜୟନାରାୟଣ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି କେଭି ସିଂହଦେଓ ଏବଂ ଜିଲ୍ଲା ସଭାପତି ଅଶ୍ୱିନୀ ଷଡଙ୍ଗୀଙ୍କ ଉପସ୍ଥିତିରେ ସେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ.କୃପାସିନ୍ଧୁ ଭୋଇଙ୍କର ସୁପୁତ୍ର ଇଂ.ସଞ୍ଜୟ ଭୋଇ ଗତ ୨୦୦୯ ରୁ ୨୦୧୪ପର୍ଯ୍ୟନ୍ତ ସାଂସଦ ଥିଲେ। ପଦମପୁର ସମେତ ବରଗଡ ଜିଲ୍ଲାବାସୀନ୍ଦାଙ୍କ ପାଇଁ ଦିବଂଗତ ଡ. କୃପାସିନ୍ଧୁ ଭୋଇ ଓ ଡ. ମୁରାରୀ ମିଶ୍ରଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ଚିର ସ୍ମରଣୀୟ ହୋଇ ରହିବେ। ଆଜିର ଯୋଗଦାନ ଫଳରେ ଭାରତୀୟ ଜନତା ପାର୍ଟିର ସଂଗଠନ ଆହୁରି ସୁଦୃଢ଼ ହୋଇଛି। ବିଶେଷଭାବେ ଚଳିତ ପଦମପୁର ଉପନିର୍ବାଚନ ଅବସରରେ ଆଜିର ଦିନଟି ଅତ୍ୟନ୍ତ ସ୍ମରଣୀୟ ହୋଇ ରହିବ। ମୋଦି ସରକାରଙ୍କ ଉପରେ ସାଧାରଣ ଜନତାଙ୍କ ଆସ୍ଥା ବୃଦ୍ଧି ପାଇଚାଲିଛି ଏବଂ ଆଗାମୀ ଦିନରେ ଓଡ଼ିଶାରେ ମଧ ଏହା ନିଶ୍ଚିତ ପ୍ରତିଫଳିତ ହେବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଏହି ମିଶ୍ରଣ ପର୍ବ ଅବସରରେ ଶ୍ରୀ ଭୋଇ ଏବଂ ଶ୍ରୀମତୀ ମିଶ୍ରଙ୍କୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରାଯାଇଥିଲା।

# ଶ୍ରୀନିବାସ ଉଚ୍ଚ ମାଧମିକ ବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ




ମଙ୍ଗଳପୁର/ସୋରୋ, ୦୧/୧୧ (ନି.ପ୍ର): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧମିକ ବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ରେଡ ରିବନ କ୍ଲବ ଏବଂ ୟୁଥ୍ ରେଡକ୍ରସ ତରଫରୁ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ବିଶ୍ୱାଳ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଅଧକ୍ଷତା କରି ଉପସ୍ଥିତ ସମସ୍ତ ଅଧାପକ, କର୍ମଚାରୀ, ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଏଡସ୍ ରୋଗର ଭୟାବହତା ଏବଂ ସଚେତନତା ବିଷୟରେ କହିଥିଲେ। ଆୟୋଜକ ୟୁଥ୍ ରେଡକ୍ରସ କାଉନସିଲର ତଥା ଇଂରାଜୀ ଅଧାପକ ଡକ୍ଟର ପୁଣ୍ୟବ୍ରତ ମହାନ୍ତି, ଡକ୍ଟର ସଂଗ୍ରାମ କୁମାର ରାଉତ, ଡକ୍ଟର ସମ୍ବିତ କୁମାର ପଳିତା ସେମାନଙ୍କର ଅଭିଭାଷଣରେ ଏଡସ ରୋଗର କାରଣ ଏବଂ ନିରାକରଣ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋକପାତ କରିଥିଲେ। ସମସ୍ତେ ନିଜର ସୁଚରିତ୍ରକୁ ପ୍ରାଧାନ୍ୟ ଦେବା ପାଇଁ ସେମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଅଧାପକ ଅଜୟ କୁମାର ବାରିକ, ଡି.ଇ.ଓ ଭରତ ଚନ୍ଦ୍ର ମାହାନା, କର୍ମଚାରୀ ଅତୁଲ ବିହାରୀ ପାଢୀ, ପ୍ରଦ୍ୟୁମ୍ନ କୁମାର ସାହୁ ଏବଂ ରେଡକ୍ରସର ସ୍ୱେଚ୍ଛାସେବୀମାନେ ସାହାଯ୍ୟ ସହଯୋଗ କରିଥିଲେ। ଅବଶେଷରେ ଏଡୁକେସନ ଡେମୋନଷ୍ଟ୍ରେଟର ଅନ୍ନପୂର୍ଣ୍ଣା ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସହପାଠୀ ମିଳନର ପ୍ରସ୍ତୁତି ବୈଠକ



ଉଦଳା, ୦୧/୧୧ (ନି.ପ୍ର): ୧୯୮୬ ମସିହା ଉଦଳା ଉଚ୍ଚ ବିଦ୍ୟାଳୟର ମାଟ୍ରିକ ବ୍ୟାଚ ଛାତ୍ର ମାନେ ପ୍ରତି ବର୍ଷ ଏକତ୍ରୀତ ହୋଇ ପରସ୍ପର ନିଜ ନିଜର ସୁଖ ଦୁଃଖ ବାଣ୍ଟିଥାନ୍ତି। ତେବେ ଚଳିତ ବର୍ଷ ଏହି ଉତ୍ସବଟି କିପରି ପାଳିତ ହେବ ସେଥିପାଇଁ ପରମାନନ୍ଦ ଖଣ୍ଡେଇଙ୍କ ଅଧ୍ୟକ୍ଷତାରେ ଗତ ନଭେମ୍ବର ୨୭ ତାରିଖ ରବିବାର ଦିନ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକର ପ୍ରାରମ୍ଭରେ ସୀମାନ୍ତ ତ୍ରିପାଠୀ ଏହି ଉତ୍ସବର ପ୍ରଭାବ କିପରି ପରବର୍ତ୍ତି ପିଢ଼ିଙ୍କ ଉପରେ ପଡ଼ିଛି ବ୍ୟକ୍ତ କରିଥିଲେ। ସମସ୍ତଙ୍କ ମତ ଅନୁସାରେ ଚଳିତ ବର୍ଷ ଉକ୍ତ ଉତ୍ସବ ଚଳିତ ଡ଼ିସେମ୍ବର ୨୫ ତାରିଖ ରବିବାର ଦିନ ସ୍ଥାନୀୟ ଅତୁଲ ପଡ଼ିଆ ଠାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତି ହୋଇଛି। ତେବେ ଦିବସ ବ୍ୟାପି ହେବାକୁ ଥିବା ଏହି ଉତ୍ସବର ରୂପ ରେଖ କିପରି ରହିବ ସେଥିପାଇଁ ଏଜେଣ୍ଡା ପ୍ରସ୍ତୁତି ଏବଂ ସମସ୍ତଙ୍କୁ ସୂଚନା ପ୍ରଦାନ କରିବା ପାଇଁ ପଙ୍କଜ ଖୁଣ୍ଟିଆ ଓ ମନୋଜ କୁମାର ସାହୁଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ଫ୍ରକାଶ ଥାଉକି ଏହି ବ୍ୟାଚର କିଛି ବିଦେଶରେ ରହୁଥିବା ବେଳେ ଆଉ କିଛି ଆମ ଦେଶର ବିଭିନ୍ନ ରାଜ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଅଛନ୍ତି। ପ୍ରସ୍ତୁତି ବୈଠକର ଶେଷରେ ବିଜନ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ କୁସ୍ତି ଚମ୍ପିୟନସିପରେ ଭାଗ ନେବେ ମୟୁରଭଂଜର ଛଅ କୁସ୍ତିବାଜ



ବାରିପଦା, ୦୧/୧୧ (ନି.ପ୍ର): ପୁରୀ ସ୍ଥିତ ପଂଚମୁଖୀ ଜିମନାସିୟମ ପରିସରରେ ଓଡିଶା କୁସ୍ତି ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍ତରୀୟ କୁସ୍ତି ଚମ୍ପିୟନସିପରେ ଅଂଶ ଗ୍ରହଣ କରିବା ପାଇଁ ମୟୁରଭଂଜର ଜଣ ପ୍ରତିଯୋଗୀ ପୁରୀ ଗସ୍ତ କରିଛନ୍ତି ଓ ଆଜିଠାରୁ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ ଏବଂ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କ ମଧରେ ସିଦ୍ଧାର୍ଥ ଶଙ୍କର ମହାନ୍ତ (୫୬ କି.ଗ୍ରା.), ମିହିର ରଂଜନ ବେହେରା (୬୧ କି.ଗ୍ରା.), ସୌରଭ ପାତ୍ର (୫୮ କି.ଗ୍ରା.), ସୁଧୀର ରଂଜନ ମଣ୍ଡଳ (୭୧ କି.ଗ୍ରା.), ସୁବ୍ରତ କୁମାର ମହାନ୍ତ (୭୦ କି.ଗ୍ରା.), ଖ୍ୟାତି ରଂଜନ ପାତ୍ର (୫୫ କି.ଗ୍ରା.) ଓ ଏହି ଦଳ ସହିତ ମ୍ୟାନେଜର ଈଶ୍ୱର ଚନ୍ଦ୍ର ମହାନ୍ତ ଓ କୋଚ ଆୟୁଷ ଦଣ୍ଡପାଟ ପୁରୀ ଗସ୍ତ କରିଛନ୍ତି ବୋଲି ମୟୂରଭଂଜ କ୍ରୀଡା ସଂସଦର ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। କୁସ୍ତି ସହ ସମ୍ପାଦକ ଗୌରୀ ଶଙ୍କର ସିହ୍ନଓ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭ କାମନା ଜଣାଇବା ସହ ଜିଲ୍ଲା ପାଇଁ ସୁନାମ ଆଣିବେ ବୋଲି ଆଶା ପୋଷଣ କରିଛନ୍ତି।

# ଚାଷ ଚାଷ ଜମି ୨୦୩୦ ସୁଦ୍ଧା ୭୫ ଭାଗ ବୁଡ଼ି ଯିବ

ଖୋର୍ଦ୍ଧା, ୦୧/୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଓଡ଼ିଶା ର ରାଜଧାନୀ। ଏହି ଜିଲ୍ଲାରେ ଆଉ ଦେଖିବାକୁ ମିଳିବ ଚାଷ ଜାମି ୨୦୫୦ ସୁଦ୍ଧା। ଆଜି ଖୋର୍ଦ୍ଧା କୃଷକ ସମାଜ ଏକ ଗାଉଁଲି ବୈଠକ ହୋଇଥିଲେ। ଏହି ବୈଠକରେ ଚାଷୀ ଦିନ ଲୋପ ପାଇବାକୁ ଯାଉଛି ବୋଲି ଆଲୋଚନା ହୋଇଥିଲା। ଖୋର୍ଦ୍ଧା ଜିଲ୍ଲା ୧୦ ଟି ବ୍ଲକ ଗୋଟିଏ ମହାନଗର ଭୁବନେଶ୍ୱର, ଦୁଇଟି ପୌର ପରିଷଦ ଖୋର୍ଦ୍ଧା ଓ ଜଟଣୀ, ଆଉ ଦୁଇଟି ଏନଏସି ବାଣପୁର ଓ ବାଲୁଗାଁ ଅଛି। ଏହା ବେତୀତ ରାଜଧାନୀକୁ ଲାଗି ବାଲିଅନ୍ତା, ବାଲିପାଟଣା, ଭୁବନେଶ୍ୱର ବ୍ଲକ୍, ଜଟଣୀ ବ୍ଲକ୍ ଓ ଖୋର୍ଦ୍ଧା ବ୍ଲକ ଆସ୍ତେ ଚାଷ ଜମି କମି ଆସୁଛି। ୨୦୩୦ ସୁଦ୍ଧା ଏହି ୫ ଟି ସହର ଓ ଉପରୋକ୍ତ ୫ ଟି ବ୍ଲକ ଏରିଆ ୭୫ ଭାଗ ଚାଷ ଜମି ସବୁ ବହୁତୁମ୍ବି ଫ୍ଲାଟ୍, କୋଠା ବାଡି ଓ ପକା ଘର୍ ଗଢି ଉଠି ଥିବ। ଚାଷୀର ପଡ଼ା ଥିବା ଜମି ଆସ୍ତେ ଆସ୍ତେ ବିକ୍ରୀ ଚାଲିଛି।

# ଶିକ୍ଷା, ଶିକ୍ଷକ ଓ ଭାଷା ସୁରକ୍ଷା ପାଇଁ ଅଲଚିକି ଶିକ୍ଷକଙ୍କ ନବୀନ ନିବାସ ପଦଯାତ୍ରା




ନୀଳଗିରି, ୦୧/୧୧ (ନି.ପ୍ର): ୨୦୦୩ ମସିହାରେ ଭାରତ ସରକାର ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାନ୍ତାଳି ଭାଷାକୁ ମାନ୍ୟତା ପ୍ରଦାନ ପରେ ସାନ୍ତାଳି ସମାଜର ଆଦିବାସୀ ସଂପ୍ରଦାୟର ଲୋକମାନେ ସମସ୍ତ ସରକାରୀ ସୁବିଧା ପାଇବା ପାଇଁ ହକଦାର ଅଟନ୍ତି। ୨୦୦୬ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଗସ୍ତ ବେଳେ ସାନ୍ତାଳି ଭାଷାକୁ ଓଡ଼ିଶାରେ ମାନ୍ୟତା ପ୍ରଦାନ କରିଥିଲେ। ୨୦୦୭ ମସିହାରେ ଓଡ଼ିଶା ସରକାର ସାନ୍ତାଳି ଭାଷାକୁ ଅଗ୍ରାଧିକାର ଭିତିରେ ସାନ୍ତାଳିଭାଷାରେ ଓଡ଼ିଶାରେ ୧୦୦ଗୋଟି ବିଦ୍ୟାଳୟରେ ୧୦୦ଜଣ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ। ସେତେବେଳେ ଏହି ଅଲଚିକି ଶିକ୍ଷକଙ୍କୁ ୧୦୦୦ ଟଙ୍କାର ପାରିଶ୍ରମିକରେ ବେତନ ଦେଉଥିଲେ। ଦୀର୍ଘ ୧୫ବର୍ଷ ବିତିଯାଇଥିଲେ ମଧ ଏହି ଶିକ୍ଷକମାନଙ୍କୁ ସ୍ଥାୟୀ ନିଯୁକ୍ତି ମିଳିପାରି ନାହିଁ। ଫଳରେ ୨୦୨୨ ମସିହା ପର୍ଯ୍ୟନ୍ତ ୩୨୦୦ ଟଙ୍କା ମାସିକ ପାରିଶ୍ରମିକ ପାଉଥିବା ଶିକ୍ଷକ ଦୈନିକ ୧୦୬ ଟଙ୍କାରେ ନିଜରର ପରିବାର ପୋଷଣ କରିବା କେତେ କଷ୍ଟସାଧ ତାହା ଅଲଚିକି ଶିକ୍ଷକଙ୍କ ଅଭିବ୍ୟକ୍ତିରୁ ଜଣାପଡ଼େ। ବିଗତ ତ୍ରିସ୍ତରିୟ ପଂଚାୟତ ନିର୍ବାଚନରେ ଏହି ଶିକ୍ଷକମାନେ ସରକାରଙ୍କ ଠାରେ ସ୍ଥାୟୀ ନିଯୁକ୍ତି ପାଇଁ ଦୃଢ଼ ଚେତାବନୀ ଦେଇ ଧାରଣା ଦେବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ଆଗାମୀ ଦିନରେ ସ୍ଥାୟୀ ନିଯୁକ୍ତି ଦେବାର ପ୍ରତିଶୃତି ଦେଇ ଦବାଇ ଦିଆଯାଇଥିଲା। ଅକ୍ଟୋବର ୧୨ ତାରିଖରେ ମୟୂରଭଞ୍ଜ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ମୟୂରଭଞ୍ଜଙ୍କ ସାମନାରେ ଦିବାରାତ୍ର ୩୪ ଦିନ ଧରି ଧାରଣାରେ ବସିଥିଲେ ମାତ୍ର କୌଣସି ସୁଫଳ ନ ମିଳିବାରୁ ରାଇରଙ୍ଗପୁର ପୋଖରିଆ ଠାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯୪ଜଣ ଅଲଚିକି ଶିକ୍ଷକ ପଦଯାତ୍ରାରେ ବାହାରି ଗୁରୁବାର ନୀଳଗିରି ସହର ପରିକ୍ରମା କରି ଔପଦା ବ୍ଲକ ଖୁମକୁଟ୍ ଠାରେ ରାତ୍ରି ଯାପନ କରିଛନ୍ତି। ଜନଜାତିର ବିକାଶ ନାମରେ ସରକାରଙ୍କ ବୈମାତୃକ ମନୋଭାବକୁ ବରଦାସ୍ତ କରାଯିବ ନାହିଁ ବୋଲି ସାନ୍ତାଳି ସମାଜର ବହୁ ଜନନେତା ସରକାରଙ୍କ ଉଦ୍ଦେଶ୍ୟରେ ଚେତାବନୀ ଦେଇଛନ୍ତି।

# ଚନ୍ଦ୍ରଭାଗା ବେଳାଭୂମିରେ ଜି-୨୦ ଲୋଗୋକୁ ନେଇ ପ୍ରଦର୍ଶିତ ହେଲା ବାଲୁକା କଳା




ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବ ଅବସରରେ ବାଲୁକାକଳା ପ୍ରସ୍ତୁତ କରିଛନ୍ତି ବିଶିଷ୍ଟ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ। ଗୁରୁବାର ଠାରୁ ଭାରତ ବିଧିବଦ୍ଧଭାବେ ଜି୨୦ ଅଧକ୍ଷତା ଗ୍ରହଣ କରିଛି। ଏହି ଅବସରରେ ଦେଶବ୍ୟାପୀ ବିଭିନ୍ନକାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କୋଣାର୍କର ଚନ୍ଦ୍ରଭାଗା ବେଳାଭୂମିରେ ଜି୨୦ ଲୋଗୋକୁ ନେଇ ଏକ ବାଲୁକାକଳା ପ୍ରସ୍ତୁତ କରିଛନ୍ତି ବିଶିଷ୍ଟ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ। ଶ୍ରୀ ପଟ୍ଟନାୟକ ଏବଂ ତାଙ୍କର ଛାତ୍ରଛାତ୍ରୀମାନେ ଦୁଇଦିନଲାଗି ଏହି ବାଲୁକାକଳା ପ୍ରସ୍ତୁତ କରିଛନ୍ତି। ଚନ୍ଦ୍ରଭାଗାରେ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବରେ ଏହି ବାଲୁକା ଜି୨୦ ଲୋଗୋ ସ୍ଥାନିତ ହୋଇଛି। ଜି-୨୦ ଲୋଗୋ ଅନୁରୂପ ତାଙ୍କର ବାଲୁକାକଳାରେ ବସୁଧୈବ କୁଟୁମ୍ବକମ୍ ବା ସମଗ୍ର ବିଶ୍ୱ ଏକ ପରିବାରର ବାର୍ତ୍ତା ପ୍ରତିଫଳିତ ହୋଇଛି। ଭାରତର ଜି୨୦ ଅଧକ୍ଷତା ସମୟରେ ଦେଶର ୫୦ରୁ ଅଧିକ ସହରରେ ୨୦୦ରୁ ଅଧିକ ବୈଠକ ଆୟୋଜନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଘୋଷଣାକରିଛନ୍ତି ଯେ ଭାରତର ଅଧକ୍ଷତା କାଳରେ 'ବସୁଧୈବ କୁଟୁମ୍ବକମ' ବା ସାରାବିଶ୍ୱ ଏକ ପରିବାର ବାର୍ତ୍ତା ପ୍ରଚାର କରାଯିବ। ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ ବାର୍ତ୍ତା ନେଇ ଭାରତ ଜି୨୦ ରାଷ୍ଟ୍ରଗୋଷ୍ଠୀକୁ ନେତୃତ୍ୱ ପ୍ରଦାନ କରିବ। ଏହି ଅବସରରେ ଗଣମାଧମକୁ ସମ୍ବୋଧିତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଭାରତର ଲୋଗୋ ଏବଂ ଜି୨୦ ଅଧକ୍ଷତାର ବିଷୟବସ୍ତୁ ଦେଶର ପ୍ରାଚୀନଜ୍ଞାନ ଓ ମୂଲ୍ୟବୋଧକୁ ପ୍ରତିନିଧିତ୍ୱ କରୁଛି। ଆମଦେଶରେ ପୁରାତନକାଳରୁ ବସୁଧୈବ କୁଟୁମ୍ବକମର ବାର୍ତ୍ତା ପ୍ରଚଳିତ ହୋଇଆସିଛି। ସାରାବିଶ୍ୱକୁ ଗୋଟିଏ ପରିବାର ଭାବେ ଗ୍ରହଣ କରିବାଲାଗି ଏହି ଜ୍ଞାନଆମକୁ ଶିକ୍ଷା ଦେଇଥାଏ। ଭାରତ ପାଖରେ ଥିବା ଏହି ମହାନ ଜ୍ଞାନକୁ ଏବେ ଜି୨୦ ମଞ୍ଚଜରିଆରେ ସମଗ୍ର ବିଶ୍ୱରେ ବାଣ୍ଟିବାର ସମୟଆସିଛି। ସୂଚନାଯୋଗ୍ୟଯେ, ପ୍ରତିବର୍ଷ ଡିସେମ୍ବର ପହିଲାରୁ ୫ ତାରିଖ ପର୍ଯ୍ୟନ୍ତ କୋଣାର୍କରେ ଆୟୋଜିତ ହେଉଥିବା ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳାକୃତି ପ୍ରଦର୍ଶିତ ହେଉଛି। ଚଳିତବର୍ଷ ଏଥିରେ ବହୁ ବିଦେଶୀ କଳାକାରମାନେ ଅଂଶଗ୍ରହଣ କରୁଛନ୍ତି। ମନ୍ଦିର ସହର କୋଣାର୍କର ଚନ୍ଦ୍ରଭାଗା ବେଳାଭୂମିରେ ୫ଦିନରୁ ଅଧିକ ସମୟ ଧରି ଆୟୋଜିତ ହେବାକୁ ଥିବା ବାଲୁକାକଳା ମହୋତ୍ସବରେ ୫ ଲକ୍ଷରୁ ଅଧିକ ପର୍ଯ୍ୟଟକଙ୍କ ଭିଡ଼ ହେବ ବୋଲି ଆଶା କରାଯାଉଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo